RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-10 ♦FRIDAY ♦4 JULY 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୦ ♦ଶୁକ୍ରବାର ♦୪ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



## ଗିଲ୍‌ଙ୍କ କୀର୍ତ୍ତିମାନ

# ୨୬୯

■ **ବର୍ମିଂହାମ, ୩।୭ (ଏଜେନ୍ସି):** ଭାରତୀୟ ଦଳର ଅଧିନାୟକ ଶୁବମାନ ଗିଲ୍ ଚଳିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୨୬୯ ରନର ମାରାଥନ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ଗିଲ୍‌ଙ୍କ ଏହି ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ପ୍ରଥମ ପାଳିରେ -- ରନର ବିଶାଳ ସ୍କୋର ଠିଆ କରାଇଛି। ଏହି ଦ୍ୱିଶତକୀୟ ପାଳି ଅବସରରେ ଗିଲ୍ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟରେ ଦ୍ୱିଶତକ ଅର୍ଜନ କରିବାରେ ସେ ଭାରତର ୬ଷ୍ଠ ଅଧିନାୟକ ହୋଇଛନ୍ତି। ତାଙ୍କ ପୂର୍ବରୁ ଏମ୍‌ଏକେ ପୌଟଦୀ, ସୁନିଲ ଗାଭାସ୍କର, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ସଫଳତା ପାଇଥିଲେ। ସେମାନଙ୍କ ମଧ୍ୟରୁ ବିରାଟ ଅଧିନାୟକ ଭାବେ ସର୍ବାଧିକ ୭ଟି ଦ୍ୱିଶତକ ମାରିଛନ୍ତି। ସେହିଭଳି ପଟୌଦୀ (୨୩ ବର୍ଷ ୩୯ ଦିନ)ଙ୍କ ପରେ ଦ୍ୱିତୀୟ କନିଷ୍ଠ ଭାରତୀୟ ଅଧିନାୟକ ଭାବେ ଗିଲ୍ (୨୫ ବର୍ଷ ୨୯୮ ଦିନ) ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଅଧିନାୟକ ଭାବେ ମଧ୍ୟ ଏହା ଟେଷ୍ଟରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ୨୦୧୯ରେ କୋହଲି ଅଧିନାୟକ ଥିବାବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୨୫୪ ରନର ପାଳି ଖେଳିଥିଲେ। ସେହିଭଳି ବିଦେଶ ମାଟିରେ ଟେଷ୍ଟରେ ଭାରତୀୟ ବ୍ୟାଟର୍ ଭାବେ ଟେଷ୍ଟରେ ଏହା ସର୍ବୋଚ୍ଚ ସ୍କୋର ହୋଇଛି। ଏହିକ୍ରମରେ ଗିଲ୍ ୪୬ ବର୍ଷ ତଳର ଗାଭାସ୍କର (୨୨୧ ବନାମ ଇଂଲଣ୍ଡ, ୧୯୭୯, ଦି ଓଭାଲ)ଙ୍କ ରେକର୍ଡକୁ ମଧ୍ୟ ଅତିକ୍ରମ କରିଛନ୍ତି।


## ରାଜ୍ୟ ପାଇଁ ସମ୍ମାନ ଆଣିଲା '୫-ଟି' ରୂପାନ୍ତରଣ

**ପିଜିଆଇ ର୍‍ୟାଙ୍କିଙ୍ଗ**

# ଦେଶରେ ଓଡ଼ିଶା ପଞ୍ଚମ

■ **ଭୁବନେଶ୍ୱର, ୩।୭(ସମିସ):** ରାଜ୍ୟଗୁଡ଼ିକର ପରଫରମାନ୍ସ ଗ୍ରେଡ଼ିଂ ଇଣ୍ଡେକ୍ସ (ପିଜିଆଇ) ରାଙ୍କିଂରେ ଓଡ଼ିଶା ହାସଲ କରିଛି ଅନନ୍ୟ ସଫଳତା। ୨୦୧୪ରେ ଓଡ଼ିଶା ୧୪ତମ ସ୍ଥାନରେ ଥିବାବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଂସ୍କାର ଧର୍ମୀ କାର୍ଯ୍ୟକ୍ରମ ଓ ଶିକ୍ଷାନୁଷ୍ଠାନର '୫-ଟି' ରୂପାନ୍ତରଣ ଓଡ଼ିଶାକୁ ସାରା ଦେଶରେ ୫ମ ସ୍ଥାନରେ ପହଞ୍ଚାଇଛି। ଶିକ୍ଷା ଭିତ୍ତିଭୂମି ସହ ଶୈକ୍ଷିକ ମାନରେ କ୍ରମାଗତ ଉତ୍ତମ ପ୍ରଦର୍ଶନ ଓଡ଼ିଶାକୁ ସଦ୍ୟ ପ୍ରକାଶିତ ପରଫର୍‌ମାନସ୍ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ)-୨.୦ ର୍‍ୟାଙ୍କିଙ୍ଗରେ ସାରା ଦେଶରେ ପଞ୍ଚମ ସ୍ଥାନରେ ପହଞ୍ଚାଇଛି। ମୋଟ୍ ୫୯୫.୬ ସ୍କୋର ସହ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଓଡ଼ିଶା ପ୍ରଚେଷ୍ଟା-୩ ଗ୍ରେଡ୍ ହାସଲ କରିବାରେ ସକ୍ଷମ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ରିପୋର୍ଟ ପ୍ରକାଶିତ ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହ ସରକାରୀ ସ୍କୁଲ ଶିକ୍ଷାର ଦୃଢ଼ ଭିତ୍ତିଭୂମି ଛାତ୍ରଛାତ୍ରୀଙ୍କୁ ଉତ୍କର୍ଷ ହାସଲ କରିବାରେ ସାହାଯ୍ୟ କରୁଥିବା କହିଛନ୍ତି।

'୫-ଟି' ଉପକ୍ରମରେ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ହୋଇଛି। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ତତ୍କାଳୀନ ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱରୂକ ସ୍ମାର୍ଟ କ୍ଲାସରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରୋଟାରୀର ବ୍ୟବସ୍ଥା କରାଯାଇଛି। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଛାତ୍ରଛାତ୍ରୀ




ଶିକ୍ଷାଲାଭ କରୁଛନ୍ତି। ଏସବୁର ସଫଳ ଉପଯୋଗ ବିଦ୍ୟାଳୟଗୁଡ଼ିକରେ ଆଣିଛି ବିଶାଳ ରୂପାନ୍ତର। ଏହା ବ୍ୟତୀତ ଶିକ୍ଷା ସହ ଶାରିରୀକ ବିକାଶକୁ ଗୁରୁତ୍ୱ ଦିଆଯାଇ ବିଦ୍ୟାଳୟରେ ଖେଳପଡ଼ିଆର ଉନ୍ନତିକରଣ କରିବା ସହ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯାଇଛି। ଫଳରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ▶ପୃଷ୍ଠା-୭

## ପଶ୍ଚିମ ଆଫ୍ରିକାରେ ତିନି ଭାରତୀୟଙ୍କୁ ଅପହରଣ

**ଅଲକାଏଦାର ସମ୍ପୃକ୍ତି ସନ୍ଦେହ**

■ **ନୂଆଦିଲ୍ଲୀ, ୩।୭ (ଏଜେନ୍ସି):** ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ତିନି ଜଣ ଭାରତୀୟ ନାଗରିକଙ୍କୁ ଗତ ମଙ୍ଗଳବାର ଅପହରଣ କରାଯାଇଛି। ଏହି ଅପହରଣ ପଛରେ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ଅଲ କାଏଦାର ହାତ ଥିବାର ସନ୍ଦେହ କରାଯାଉଛି। ଏହାକୁ ନେଇ ଭାରତ ସରକାର ଉଦ୍‌ବେଗ ପ୍ରକାଶ କରିବା ସହିତ ଭାରତୀୟଙ୍କ ତୁରନ୍ତ ଓ ନିରାପଦ ମୁକ୍ତି ପାଇଁ ପଦକ୍ଷେପ ନେବାଲାଗି ମାଲି ସରକାରଙ୍କୁ ଅନୁରୋଧ କରିଛନ୍ତି।

ଭାରତର ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହି ତିନି ଜଣ ଭାରତୀୟ କାଏସରେ ଥିବା ଡାଏମଣ୍ଡ ସିମେଣ୍ଟ କାରଖାନାରେ କାମ କରୁଥିଲେ। ଗତ ମଙ୍ଗଳବାର ଦିନ କେତେକ ସଶସ୍ତ୍ର ଆତଙ୍କବାଦୀ ଏହି କାରଖାନା ଉପରେ ଅଚାନକ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ସେମାନେ ଭାରତର ତିନି ଜଣ ନାଗରିକଙ୍କୁ ଅପହରଣ କରି ନେଇ ପଳାଇଥିଲେ। ଏହି ଆକ୍ରମଣ କିମ୍ବା ଅପହରଣ ନେଇ କୌଣସି ସଂଗଠନ ନିଜକୁ ଦାୟୀ କରି ନାହାନ୍ତି। କିନ୍ତୁ ଏହି ଦେଶରେ ଅଲ କାଏଦା ଭଳି ଅନେକ ଆତଙ୍କବାଦୀ ସଂଗଠନ ସକ୍ରିୟ ରହିଥିବାରୁ ସେମାନେ ହିଁ ଏଭଳି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଦିନ ମାଲିର ବିଭିନ୍ନ ଅଞ୍ଚଳରେ ଏଭଳି ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ ପଛରେ ଅଲ କାଏଦାର ସହଯୋଗୀ ସଂଗଠନ ଜମାତ ନୁସରତୁଲ ଇସଲାମର ହାତ ଥିବାର କୁହାଯାଉଛି।

**ଆତ୍ମସମର୍ପଣ ପରେ ଜଗନ୍ନାଥ ପ୍ରଧାନ ଗିରଫ**

## ଓଏଏସ୍ ଆନ୍ଦୋଳନ ପ୍ରତ୍ୟାହୃତ

■ **ଭୁବନେଶ୍ୱର, ୩।୭ (ସମିସ):** ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ବିଏମ୍‌ସି ଅତିରିକ୍ତ କମିଶନରଙ୍କ ମାଡ଼ ଘଟଣାର ନେପଥ୍ୟ ନାୟକ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନ। ଭୁବନେଶ୍ୱର ଡ଼ିସିପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ ପରେ ତାଙ୍କୁ ପୁଲିସ ଗିରଫ କରିଛି। କ୍ୟାପିଟାଲ ହସପିଟାଲରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଜେଲ ପଠାଇ ଦିଆଯାଇଛି। ଶ୍ରୀ ପ୍ରଧାନଙ୍କ ଗିରଫଦାରି ପରେ ଗତ ୩ ଦିନ ହେଲା ସମୂହ ଛୁଟିରେ ଥିବା ଓଏଏସ୍ ସଂଘ ଆନ୍ଦୋଳନରୁ ଓହରିଛି। ଆସନ୍ତାକାଲିଠାରୁ ସମସ୍ତ ଓଏଏସ୍ ଅଧିକାରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ସଂଘର ପକ୍ଷରୁ ସୂଚନା ଦିଆଯାଇଛି।

ବିଏମ୍‌ସି ଅତିରିକ୍ତ କମିଶନର ତଥା ଓଏଏସ୍ ରତ୍ନାକର ସାହୁଙ୍କ ଉପରେ ବିଜେପି ନେତା ଓ କର୍ମୀଙ୍କ ବର୍ବର ଆକ୍ରମଣ ପରେ ଓଏଏସ୍ ସଂଘ ସମୂହ ଛୁଟିରେ ଯାଇଥିଲା। ଯେ ପର୍ଯ୍ୟନ୍ତ ଘଟଣା ପଛର ନେପଥ୍ୟ ନାୟକ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ନ କରାଯାଇଛି ସେ ପର୍ଯ୍ୟନ୍ତ ସେମାନେ କାମରେ ଯୋଗ ଦେବେ ନାହିଁ ବୋଲି ସଂଘ କହିଥିଲା। ଫଳରେ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ବନ୍ଦ ହୋଇ ଯାଇଥିଲା ଓ ସଚିବାଳୟଠାରୁ ବ୍ଲକ୍ ପର୍ଯ୍ୟନ୍ତ ସବୁ ଓଏଏସ୍ ଅଧିକାରୀ ଛୁଟିରେ ଚାଲି ଯାଇଥିଲେ। ▶ପୃଷ୍ଠା-୭



**ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଗୌତମ ଆଦାନୀ ଭକ୍ତଙ୍କ ପାଇଁ ନିଜକୁ କଲେ ଉତ୍ସର୍ଗୀକୃତ**

# ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତଙ୍କ ପାଇଁ ଗୌତମ ଆଦାନୀଙ୍କର ଉତ୍ସର୍ଗୀକୃତ ସେବା

ଆଷାଢ଼ ମାସ ଶୁକ୍ଲପକ୍ଷ ଦ୍ୱିତୀୟ ତିଥିରେ ପବିତ୍ର ପୁରୀଧାମରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଜଣେ ସାଧାରଣ ସେବକ ଭାବରେ ଯୋଗ ଦେଇ ଭକ୍ତମାନଙ୍କ ସେବା କରିଛନ୍ତି ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ। ପରିବା କାଟୁଥିବା, ରୁଟି ପାଇଁ ଅଟା ଦଳୁଥିବା, ଖେଚୁଡ଼ି ରାନ୍ଧୁଥିବା ଅନ୍ୟ ସେବା କର୍ମୀମାନଙ୍କ ସହ 'ଜୟ ଜଗନ୍ନାଥ' ଧ୍ୱନୀ ମଧ୍ୟରେ ଅତି ସାଧାରଣ ପୋଷାକରେ ଶ୍ରୀ ଆଦାନୀ ନିଜେ ଖାଦ୍ୟ ପ୍ରସ୍ତୁତ କରିବାର ସମ୍ପୂର୍ଣ୍ଣ ନିଆରା ଦୃଶ୍ୟ ଅନେକଙ୍କୁ ବିମୋହିତ କରିଛି। ଯାହା ଅନେକଙ୍କ ପାଇଁ ଅବିଶ୍ୱାସ୍ୟ ମନେ ହୋଇଛି।

### ସମ୍ମାନ ନୁହେଁ, ସେବା; ଉପଦେଶ ନୁହେଁ, ଭାବନା

ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ ପ୍ରସ୍ତୁତ କରିଥିବା ଓ ଭକ୍ତମାନଙ୍କୁ ପରଷୁଥିବା ଖାଦ୍ୟରେ ଥିଲା ଭକ୍ତି, ଆଦର ଓ ସମର୍ପଣ । ଶ୍ରୀ ଆଦାନୀଙ୍କ ସହ ତାଙ୍କ ପତ୍ନୀ ତଥା ଆଦାନୀ ଫାଉଣ୍ଡେସନ ଅଧ୍ୟକ୍ଷା ଡା.ପ୍ରୀତି ଆଦାନୀ, ଆଦାନୀ ପୋର୍ଟସ ଓ ଏସ୍‌ଇଜେଡ଼ର ନିର୍ଦ୍ଦେଶକ ଶ୍ରୀ କରଣ ଆଦାନୀ ପ୍ରମୁଖ ଜୁନ୍ ୨୮ ତାରିଖରେ ରଥଯାତ୍ରାର ଦ୍ୱିତୀୟ ଦିନରେ ପୁରୀ ଆଗମନ କରିଥିଲେ ।

ରଥଯାତ୍ରା ଦେଖିବାକୁ ଆସି ମନ୍ଦିର ପ୍ରାଙ୍ଗଣରେ ବସିଥିବା କ୍ଲାନ୍ତ ତୀର୍ଥଯାତ୍ରୀ ଓ ଭକ୍ତମାନେ ଆଦାନୀଙ୍କ ଦ୍ୱାରା ଦିଆଯାଉଥିବା ପ୍ରସାଦକୁ ଗଭୀର ଭକ୍ତି ଭାବନା ସହ ହସିହସି ଗ୍ରହଣ କରିଥିଲେ । ଶ୍ରୀ

**ଏହି ସେବା କେବଳ ଏକ ଦାନମୂଳକ କାର୍ଯ୍ୟ ନୁହେଁ; ଏହା ଏକ ବିଶାଳ ପରମ୍ପରାର ଅଂଶ ଥିଲା**

ଆଦାନୀଙ୍କ ଆଚରଣ କର୍ପୋରେଟ ଜଗତ ସହ ଜଡ଼ିତ ବ୍ୟକ୍ତିଙ୍କ ନ ଥିଲା, ବରଂ ଏହା ଥିଲା ଅତ୍ୟନ୍ତ ସାଧାରଣ। କୌତୂହଳବଶତଃ ସେମାନେ ଶ୍ରୀ ଆଦାନୀ କେଉଁଠୁ ଆସିଛନ୍ତି ବୋଲି ପଚାରିଥିଲେ । ସ୍ମିତ ହସି ଶ୍ରୀ ଆଦାନୀ କହିଥିଲେ - ଆପଣଙ୍କ ପାଇଁ କିଛି ଅଧିକ କରୁନାହିଁ, ଜଣେ ସେବକ ଭାବରେ ମୋର କର୍ତ୍ତବ୍ୟ କରୁଛି ।

"ସେବା ହିଁ ହେଉଛି ସାଧନା ଓ ସେବା ହେଉଛି ପୂଜା' ବୋଲି ସର୍ବଦା କହୁଥିବା ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ ସର୍ବଦା ଏହି ସିଦ୍ଧାନ୍ତରେ ବିଶ୍ୱାସ କରନ୍ତି ଓ ତାହାକୁ କାର୍ଯ୍ୟରେ ଦେଖାଇଥାଆନ୍ତି। ପୁରୀରେ ମଧ୍ୟ ସେ ସେହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଭକ୍ତ ଓ ତୀର୍ଥଯାତ୍ରୀଙ୍କ ପାଇଁ ଖଲି ପତ୍ର ଓ ବାସନ ରଖିବା ସହ ପାଣିବୋତଲ ପ୍ରଦାନ କରିବା, ଖଲି ପତ୍ର ପରିଷ୍କାର କରିବା ଓ ଧୋଇବା କାର୍ଯ୍ୟ କରିଥିଲେ। ଏହା ସହ ଏହି କାର୍ଯ୍ୟରେ ନିୟୋଜିତ ଅନ୍ୟ ସେବକମାନଙ୍କୁ ମଧ୍ୟ ସେ ସହାୟତା

**ସେବା ଏକ ସାମୟିକ ବା ଋତୁ ଅନୁକୂଳ କାର୍ଯ୍ୟ ନୁହେଁ, ଏହା ଏକ ଆଧାତ୍ମିକ ପ୍ରକ୍ରିୟା ବୋଲି ବାର୍ତ୍ତା ଦେଇଛନ୍ତି।**

କରିବା ସହ ତାଙ୍କର ମନୋବଳ ବଢ଼ାଇଥିଲେ।

ସେଠାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଥିଲା ଅବିଶ୍ୱାସ୍ୟ। ରଥଯାତ୍ରାରେ ଭକ୍ତମାନଙ୍କ ସେବାରେ ପୂର୍ବରୁ କିଛି ଅଭିଜ୍ଞତା ରଖିଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଥିଲେ ନବନିଯୁକ୍ତ । ଯେଉଁମାନଙ୍କୁ ଆଦାନୀ ଫାଉଣ୍ଡେସନ ଓ ଆଦାନୀ ଗ୍ରୁପର ସିଏସ୍‌ଆର୍ ଶାଖା ପକ୍ଷରୁ ପ୍ରଶିକ୍ଷିତ କରାଯାଇଥିଲା। ଏହି ନବନିଯୁକ୍ତ କାର୍ଯ୍ୟକର୍ତ୍ତାମାନେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷଙ୍କୁ ସେମାନଙ୍କ ସହ ଏକା ସହିତ ଅଟା ଚକଟିବା, ଖାଦ୍ୟ ପ୍ରସ୍ତୁତ କରିବା, ଡ଼ାଲି ବାଣ୍ଟିବା ଓ ଅନ୍ୟ କାର୍ଯ୍ୟରେ ସହଯୋଗ କରିବା ଦେଖି ସେମାନେ ବିଶ୍ୱାସ କରିପାରୁ ନ ଥିଲେ। ଏହା ତାଙ୍କ ହୃଦୟକୁ ଛୁଇଁଯାଇଥିଲା।

ପୁରୀରେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀଙ୍କ କାର୍ଯ୍ୟ ଥିଲା ଏକ ନେତୃତ୍ୱ। ଯେଉଁଥିରେ କ୍ଷମତା ପ୍ରଦର୍ଶନ ନ ଥିଲା, ଅଧିକାର ଦେଖାଇବା ନ ଥିଲା; ଏଥିରେ ଥିଲା ଦୟା, କରୁଣା, ସହାୟତା ଓ ସହଯୋଗର ଭାବ। ଏହା ଥିଲା ସେଇ ସେବା, ଯେଉଁଥିରେ ଦାନ ନୁହେଁ; ଥିଲା ପ୍ରବହମାନ ଏକ ବିଶାଳ ପରମ୍ପରାର ଅଂଶ ବିଶେଷ ମାତ୍ର । ଏହି ବର୍ଷ ଆରମ୍ଭରେ ପ୍ରୟାଗରାଜର ମହାକୁମ୍ଭ ମେଳାରେ ମଧ୍ୟ ଶ୍ରୀ ଗୌତମ ଆଦାନୀ ଓ ତାଙ୍କ ଗ୍ରୁପ୍, ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରିଥିଲେ। ପୁରୀରେ ଏହି ଆୟୋଜନ ଯଦିଓ ସ୍ୱଳ୍ପ ଥିଲା, ମାତ୍ର ଏଥିରେ ରହିଥିଲା ଏକ ସାଂସ୍କୃତିକ ଅବିରତତା ଓ ନିରବ ମର୍ଯ୍ୟାଦା।

ରଥଯାତ୍ରା ଆରମ୍ଭ ପୂର୍ବରୁ ଆଦାନୀ ଫାଉଣ୍ଡେସନ ଟିମ୍ ଖାଦ୍ୟ ପ୍ରସ୍ତୁତି ପାଇଁ ସମ୍ପୂର୍ଣ୍ଣ ଯୋଜନା କରିଥିଲେ। କେତେ ଖାଦ୍ୟ ଲାଗିବ, କେମିତି ସେବକମାନେ ପାଳିରେ କାମ କରିବେ, ପାଣି ଓ ପରିଚ୍ଛନ୍ନତା ଯୋଜନା କେମିତି ହେବ, ଏସବୁକୁ ଏକ ସଂସ୍କୃତିକ ଅନୁଭୂତି ସହ ବ୍ୟବସ୍ଥାପନା ଦକ୍ଷତାରେ ଗଠନ କରାଯାଇଥିଲା। ସମ୍ପ୍ରତି ପୁରୀ ରଥଯାତ୍ରାରେ ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶ୍ରୀ ଆଦାନୀ ନିଜେ ଏକ ଜୀବନ ସଂସ୍କୃତିର ଅଂଶ ଭାବରେ କାର୍ଯ୍ୟ କରିଛନ୍ତି। ସେବା ଏକ ସାମୟିକ ବା ଋତୁ ଅନୁକୂଳ କାର୍ଯ୍ୟ ନୁହେଁ, ଏହା ଏକ ଆଧାତ୍ମିକ ପ୍ରକ୍ରିୟା ବୋଲି ବାର୍ତ୍ତା ଦେଇଛନ୍ତି।












ଦିନକ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ବିଜେ: ରଥ-ପଥ ପ୍ରସ୍ତୁତ, ଭକ୍ତଙ୍କ ଗହଳିରେ ଉଚ୍ଛୁଳୁଛି ବଡ଼ଦାଣ୍ଡ (ଫଟୋ-ଅନିଲ)

### ନାକଚଣା ଦ୍ୱାରରେ ଲାଗିଲା ନନ୍ଦିଘୋଷ

# ଆଜି ନବମୀ ସନ୍ଧ୍ୟା ଦର୍ଶନ

**ପୁରୀ,୩।୭ (ସମିସ):** ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରେ ସରିସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ଆଉ ଦିନକ ପରେ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଯିବେ ଚତୁର୍ଦ୍ଧାମୂର୍ତ୍ତି। ରବିବାର ନବମୀ ସନ୍ଧ୍ୟା ଦର୍ଶନ। ସକାଳେ ଦର୍ଶନ ଆରମ୍ଭ ହେବା ପରଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ୬ଟା ପରେ ସର୍ବସାଧାରଣ

### ଆଡ଼ପମଣ୍ଡପରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼

ଦର୍ଶନ ବନ୍ଦ ରହିବ। ତେବେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଆରମ୍ଭ ହୋଇଯାଇଛି ବାହୁଡ଼ା ପ୍ରସ୍ତୁତି। ବୁଧବାର ତାଳଧ୍ୱଜ ଏବଂ ଦେବଦଳନ ରଥ ରଥ ଦକ୍ଷିଣ ମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିଲା। ମାତ୍ର ନୀତି ବିଳମ୍ବ ଯୋଗୁଁ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ହୋଇନଥିଲା। ଗୁରୁବାର ସକାଳେ ନନ୍ଦିଘୋଷ ରଥ ନାକଚଣା ଦ୍ୱାରରେ ଲାଗିଛି।

ଅପରପକ୍ଷେ ଶନିବାର ନବମୀ ସନ୍ଧ୍ୟା ଦର୍ଶନ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ସକାଳ ୭ଟାରୁ ଦର୍ଶନ ଆରମ୍ଭ ହେବ। ପ୍ରାୟ ଲକ୍ଷାଧିକ ଭକ୍ତ ସନ୍ଧ୍ୟା ଦର୍ଶନ କରିବେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହିଁ ସନ୍ଧ୍ୟା ଦର୍ଶନ ଚାଲିବ। ଏହାପରେ ଦର୍ଶନ ବନ୍ଦ ହୋଇ ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ୍ ସମ୍ପ୍ରସାରଣ କରାଯିବ। ସନ୍ଧ୍ୟା ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ ହେବ, ସେନେଇ ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ପିନାକ୍ ମିଶ୍ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବ। ସନ୍ଧ୍ୟା ଦର୍ଶନ ପରେ ରାତିରେ ସେନାପଟା ଲାଗି, ବାହୁଟ କଣ୍ଠ, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତି ହେବ ବୋଲି ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଆଡ଼ପମଣ୍ଡପ ଦର୍ଶନ ସରିଆସୁଥିବା ବେଳେ ଗୁରୁବାର ପ୍ରବଳ ଭିଡ଼ ହୋଇଥିଲା। ସକାଳୁ ଏହି ଭିଡ଼ ଲାଗି ରହିଥିଲା। ଏମିତିକି ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ମେଡିକାଲ ଛକ ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ଅନ୍ୟପକ୍ଷରେ ପ୍ରବଳ ଗହଳି ଯୋଗୁଁ ଗୁଣ୍ଡିଚା ମନ୍ଦିରରେ ଭକ୍ତ ଅଣନିଃଶ୍ୱାସୀ ହୋଇପଡୁଥିଲେ। ସେମାନଙ୍କୁ ଆଶୁ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଉଥିଲା।

### ନବମୀ ସନ୍ଧ୍ୟା ଦର୍ଶନ

# ଭାବ ଅନୁସାରେ ଫଳ ପ୍ରଦାନର ଦିନ

**ପୁରୀ, ୩।୭ (ସମିସ):** ଆଷାଢ଼ ଶୁକ୍ଳ ଦ୍ୱିତୀୟାଠାରୁ ଆରମ୍ଭ ହୋଇଥିବା ଶ୍ରୀଗୁଣ୍ଡିଚା ଯାତ୍ରାର ଅଷ୍ଟମ ଦିବସ ତଥା ନବମୀ ତିଥିରେ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କର ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଥାଏ। ଯିବା ଏବଂ ଆସିବା ଦୁଇଦିନକୁ ଛାଡ଼ି ଏକସପ୍ତାହ ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହ ଆଡ଼ପମଣ୍ଡପରେ ଅବସ୍ଥାନ କରିଥା'ନ୍ତି। ଚଳିତବର୍ଷ କିନ୍ତୁ ୬ ଦିନ ଆଡ଼ପ ମଣ୍ଡପରେ ରହିଛନ୍ତି ଠାକୁର। ମହାପ୍ରଭୁ ଆଡ଼ପ ମଣ୍ଡପରେ ଅବସ୍ଥାନ କରୁଥିବା ସମୟରେ ଯେଉଁ ଭକ୍ତମାନେ ତାଙ୍କୁ ଗୋଟିଏ ଦିନ ଦର୍ଶନ କରନ୍ତି, ସେମାନେ ନୀଳାଦ୍ରିରେ ୧୦ବର୍ଷ ଦର୍ଶନ କରିବାର ପୁଣ୍ୟଫଳ ଲାଭ କରନ୍ତି ଓ ଦିନରେ ଦର୍ଶନ କରିବା ଅପେକ୍ଷା ରାତିରେ ଦର୍ଶନ କଲେ ଦଶଗୁଣ ଫଳପ୍ରାପ୍ତି ହୁଅନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ସନ୍ଧ୍ୟା ଦର୍ଶନର ବିଶେଷ ମହତ୍ତ୍ୱ ରହିଛି। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ସନ୍ଧ୍ୟା କାଳ ହେଉଛି ଭଗବାନଙ୍କୁ ଉପାସନା କରିବାର ପ୍ରକୃଷ୍ଟ ସମୟ। ବୈଦିକ ପରମ୍ପରା ଅନୁଯାୟୀ, ଆର୍ଯ୍ୟ ଋଷିଗଣ ପ୍ରତ୍ୟହ ତ୍ରିକାଳ ସନ୍ଧ୍ୟାରେ ଈଶ୍ୱରଙ୍କୁ ଆରାଧନା କରିଥାନ୍ତି। ଆଡ଼ପମଣ୍ଡପରେ ଏକ ସପ୍ତାହ ଧରି ଠାକୁରମାନେ ଅବସ୍ଥାନ କରୁଥିବା ସମୟରେ ପ୍ରତିଦିନ ସନ୍ଧ୍ୟା ଆସୁଥିଲେ ମଧ୍ୟ ନବମୀ ସନ୍ଧ୍ୟାର ବିଶେଷ ଗୁରୁତ୍ୱ ରହିଛି। ଏହି ସନ୍ଧ୍ୟା ହେଉଛି ଦାରୁବିଗ୍ରହମାନଙ୍କର ଆଡ଼ପମଣ୍ଡପ ଅବସ୍ଥାନର ଅନ୍ତିମ ସନ୍ଧ୍ୟା। ଏହି ଅନ୍ତିମ ସନ୍ଧ୍ୟାରେ ଜନ୍ମମାଟିରେ ସମାଗତ ପ୍ରିୟ ଭକ୍ତଗଣଙ୍କୁ ଶେଷ ଦର୍ଶନ ଦେଇ ସେମାନଙ୍କୁ ଭାବ ଅନୁସାରେ ଫଳ ପ୍ରଦାନ କରିଥାନ୍ତି ମହାପ୍ରଭୁ।

ସ୍କନ୍ଦ ପୁରାଣରେ କୁହାଯାଇଛି, ଶ୍ରୀଜଗନ୍ନାଥ ମହାପ୍ରଭୁ ଆଡ଼ପ ମଣ୍ଡପରେ ଯେଉଁ ସାତଦିନ ଅବସ୍ଥାନ କରନ୍ତି, ସେହି ସମୟରେ ପୂର୍ବ ଦିବସର କାର୍ଯ୍ୟଠାରୁ ପରଦିବସର କାର୍ଯ୍ୟ ଉତ୍ତରୋତ୍ତର ଶ୍ରେୟସ୍କର। ତଦନୁଯାୟୀ, ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଅବସ୍ଥାନର ପ୍ରଥମ ଦିବସଠାରୁ କ୍ରମରେ ଅନ୍ତିମ ଦିବସ ପର୍ଯ୍ୟନ୍ତ ଉପାସନା ଉତ୍ତରୋତ୍ତର ଶ୍ରେୟସ୍କର। ଏଣୁ ଅନ୍ତିମ ଦିବସରେ ଅନୁଷ୍ଠିତ ନବମୀ ସନ୍ଧ୍ୟା ଦର୍ଶନ ବାସ୍ତବିକ ବିଶେଷ ମହତ୍ତ୍ୱ ବହନ କରିଥାଏ। ଏହି ଦିନ ବହୁସଂଖ୍ୟାରେ ଭକ୍ତ ସନ୍ଧ୍ୟା କାଳରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ଭକ୍ତିର ସହିତ ପ୍ରଦୀପ ପ୍ରଜ୍ୱଳନ କରି ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସାରି ବ୍ରାହ୍ମଣମାନଙ୍କୁ ଶ୍ରୀମହାପ୍ରସାଦରେ ଆପ୍ୟାୟିତ କରିଥାନ୍ତି। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ଜନ୍ମଭୂମିରେ ପ୍ରିୟ ଭକ୍ତଗଣଙ୍କୁ ଶେଷ ସନ୍ଧ୍ୟାରେ ଦର୍ଶନ ଦେଇ ସମସ୍ତ ମନୋବାଞ୍ଛିତ ଫଳ ପ୍ରଦାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଆଷାଢ଼ ଶୁକ୍ଳ ନବମୀ ସନ୍ଧ୍ୟା ଦର୍ଶନ ହେଉଛି ପରମ କୃପାମୟ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କଠାରୁ ଦିବ୍ୟ କୃପା ଲାଭ କରିବାର ଏକ ମହାର୍ଘ ମୂହୁର୍ତ୍ତ।

# ବଜ୍ରପାତରେ ଦୁଇ ଯୁବକ ମୃତ

**ଝାରସୁଗୁଡ଼ା,୩।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା, ବଡ଼ମାଳ ଥାନା ଅନ୍ତର୍ଗତ କୁରେବଗା ଗାଁରେ ବଜ୍ରପାତ ଦୁଇଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ବଡ଼ମାଳ ଥାନା ବଞ୍ଜାରୀ ଗାଁର ଅଶୋକ ରୋହିଦାସ(୪୫) ଓ ଚୂଡ଼ାମଣି ରୋହିଦାସ(୨୯)। ସୂଚନାନୁଯାୟୀ, ଗୁରୁବାର ଭୋର୍ ପ୍ରାୟ ସାଢ଼େ ୪ଟାରେ ଦୁହେଁ ଗାଁ ନିକଟ ପାଉଁଶ ପୋଖରୀକୁ ଯାଇଥିଲେ। ଏହି ସମୟରେ



ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ତେଣୁ ସେମାନେ ଘରକୁ ଫେରି ଆସୁଥିଲେ। ତେବେ ବାଟରେ ସେମାନଙ୍କ ଉପରେ ଏକ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଦୁହେଁ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟଲୋକ ସେମାନଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଡ଼ମାଳ ପୁଲିସ୍ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଅନୁଧ୍ୟାନ କଲେ ଗଜପତି

**ପୁରୀ,୩।୭ (ସମିସ):** ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହଦେବ। ଗୁରୁବାର ପୂର୍ବାହ୍ଣରେ ଗଜପତି ମହାରାଜା ଶ୍ରୀନଅରରୁ ବାହାରି ଦକ୍ଷିଣଦ୍ୱାରରେ



ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ସ୍ୱାଗତ କରି ଭିତରକୁ ପାଛୋଟି ନେଇଥିଲେ। ଗଜପତି ମହାରାଜା ଉଭୟ ଭିତର ଏବଂ ବାହାର ରତ୍ନଭଣ୍ଡାର ବୁଲି ଦେଖିଥିଲେ। ଏଏସ୍ଆଇ ପକ୍ଷରୁ ଚାଲିଥିବା ରତ୍ନଭଣ୍ଡାର ମରାମତି କାମ ଅନୁଧ୍ୟାନ କରିଥିଲେ। ଆଉ କ'ଣ କାମ ରହିଛି ସେ ବିଷୟରେ ଏଏସ୍ଆଇ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ପ୍ରାୟ ୪୦ ମିନିଟ୍ ମନ୍ଦିରରେ ରହି ଫେରିଥିଲେ ଗଜପତି ମହାରାଜା। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗଜପତି କହିଥିଲେ, ନୀଳାଦ୍ରିବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହୋଇଯିବ। ଏବେ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ଭିତରୁ ଅତି ସୁନ୍ଦର ମଧ୍ୟ ଦେଖାଯାଉଛି। ମନ୍ଦିରର ନିର୍ମାଣଶୈଳୀ ଅନୁସାରେ ଶାଣ ପଥରରେ ସମସ୍ତ କାମ

- ନୀଳାଦ୍ରି ବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହେବ
- ୬୦୦ ଖରାପ ପଥର ବଦଳା ଯାଇଛି
- ରତ୍ନଭଣ୍ଡାର ଏବେ ସୁରକ୍ଷିତ ଆଉ ସୁନ୍ଦର ଦିଶୁଛି

କରାଯାଇଛି। ଖରାପ ହୋଇଯାଇଥିବା ଅନେକ ବିମ୍ ଏବଂ ପଥର ବଦଳାଯାଇଛି। ପାଖାପାଖି ୬୦୦ ପୁରୁଣା ପଥର କଢ଼ାଯାଇ ନୂଆ ଶାଣ ପଥର ଲଗାଯାଇଛି। ମହାପ୍ରଭୁଙ୍କ କୃପାରୁ କାମ ଏବେ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି।

ସେହିପରି ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତିମଣତି ସମ୍ପର୍କରେ ଗଜପତି ମହାରାଜା କହିଥିଲେ, ନୀଳାଦ୍ରିବିଜେ ଭିତରେ ରତ୍ନଭଣ୍ଡାର କାମ ସରିଯିବ। ମହାପ୍ରଭୁ ରତ୍ନସିଂହାସନରେ ବିଜେ କରିବା ପରେ ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ଏଥିପାଇଁ ଗଠିତ ସ୍ୱତନ୍ତ୍ର କମିଟି ଆନୁକୂଲ୍ୟରେ ଗଣତିମଣତି କାମ ଅତିଶୀଘ୍ର ଆରମ୍ଭ ହେବ।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ ଗଜପତି ମହାରାଜା ନିଜେ ତଦାରଖ କରି ବୈଷୟିକ କମିଟିକୁ ଧନ୍ୟବାଦ ଦେଇଛନ୍ତି। ଭିତର ରତ୍ନଭଣ୍ଡାର ମରାମତି କାମ ପ୍ରାୟତଃ ଶେଷ ହୋଇଛି। ବାହାର ରତ୍ନଭଣ୍ଡାର କାମ ଦିନେ ଦୁଇଦିନ ଭିତରେ ଶେଷ ହେବ ବୋଲି କହିଛନ୍ତି। ଗଜପତିଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡନାୟକ ପ୍ରମୁଖ ସାମିଲ ଥିଲେ।

ସୂଚନାଥାଉ କି, ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। ଭିତର ଭଣ୍ଡାର ଘରେ ଅନେକ ପଥର ବଦଳାଇ ଥିବା ବେଳେ ସମସ୍ତ ବିମ୍‌କୁ ଶକ୍ତ କରଯାଇଛି। ଭଣ୍ଡାରର ବାହାର ଓ ଭିତର ଅଂଶକୁ ରାସାୟନିକ ପ୍ରଲେପ ଦେଇ ସଂରକ୍ଷଣ କରାଯାଉଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟରେ ୮୦ରୁ ଅଧିକ କୁଶଳୀ କାରିଗର ପର୍ଯ୍ୟାୟ କ୍ରମେ ଲାଗିଛନ୍ତି। ଶ୍ରୀମନ୍ଦିରର ସମସ୍ତ ରୂପା ଦ୍ୱାରକୁ ପରିଷ୍କାର କରାଯାଉଥିବା ବେଳେ ବଳକା ଥିବା ଦ୍ୱାରକୁ ବର୍ମାଟିକ କାଠରେ ନୂଆ କବାଟ ଲଗାଯିବ। ଗର୍ଭଗୃହର କାଠ ନିର୍ମିତ କନକ ମୁଣ୍ଡିକୁ ବଦଳାଯାଇ ଷ୍ଟେନଲେସ୍ ଷ୍ଟିଲ ଲଗାଯାଉଛି।

# 'ଶବରୀ ଭବନ' ଯୁବ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୩।୭ (ସମିସ):** ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜଠାରେ ନିର୍ମିତ 'ଶବରୀ ସାଂସ୍କୃତିକ ଭବନ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ, ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ଏବଂ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବା ସହ ନୂଆପିଢ଼ି ପାଇଁ ଏକ ଅନୁପ୍ରେରଣା ରୂପେ ଦୀପ୍ତିମାନ ରହିବ। ଏହାର ଉନ୍ନତୀକରଣ ପାଇଁ ୨କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ସହ ଆବଶ୍ୟକ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଆଦି ଜିଲ୍ଲାର ଆଦିବାସୀ ଭାଇ-ଭଉଣୀମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏହା ଏକ କେନ୍ଦ୍ର ହେବାକୁ ଥିବା ବେଳେ ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନତା ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭାଇ-ଭଉଣୀମାନେ ଏଠାକୁ ଆସିଲେ ନିଜ ଘର ପରି ଅନୁଭବ କରିବା ସହ ଶିକ୍ଷା, ଚିକିତ୍ସା, ନିଯୁକ୍ତି, ଓ ଉନ୍ନତିର ମାର୍ଗ ଏହିଠାରୁ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ଗଣ ଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ, ସାଂସଦ ମୁନା ଖାନ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କ ସମେତ ବହୁ ରାଜନେତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶବରୀ ସାଂସ୍କୃତିକ ପରିଷଦର ଉପ-ସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ମୟୂରଭଞ୍ଜରେ ବିପର୍ଯ୍ୟୟଜନିତ ମୃତ୍ୟୁସଂଖ୍ୟା ଉଦ୍‌ବେଗଜନକ

# ୫ ବର୍ଷରେ ଗଲାଣି ୧୪୦୦ ଜୀବନ

**ବାରିପଦା, ୩।୭ (ସମିସ):** ବଣପର୍ବତଘେରା ମୟୂରଭଞ୍ଜ ଜିଲ୍ଲାରେ ବିପର୍ଯ୍ୟୟଜନିତ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ରହିଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ସୂତ୍ରରୁ ପ୍ରାପ୍ତ ସୂଚନାନୁସାରେ, ଗତ ୨୦୨୦ରୁ ୨୦୨୫ ଜୁନ୍, ୫ବର୍ଷ ମଧ୍ୟରେ ସରକାରୀ ଭାବେ ୧୩୯୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭ଜଣ ଗୁରୁତର ହୋଇଛନ୍ତି। ଏହି ସମୟ ମଧ୍ୟରେ ସର୍ବାଧିକ ୭୦୦ଜଣଙ୍କ

### ପାଣିରେ ବୁଡ଼ି ସର୍ବାଧିକ ୭୦୦ ଓ ସାପ କାମୁଡ଼ାରେ ୪୩୬ ମୃତ୍ୟୁ

ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେହିପରି ସାପ କାମୁଡ଼ାରେ ୪୩୬ଜଣଙ୍କ ଜୀବନ ଯାଇଛି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡ ଜନିତ ୧୦୧ ଓ ଅଂଶୁଘାତ ଜନିତଙ୍କ ମୃତ୍ୟୁସଂଖ୍ୟା ୧୧ ରହିଛି।

ସୂଚନାନୁଯାୟୀ, ଜିଲ୍ଲାରେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ, ସୋନ, ଜମ୍ବୀରା, ଗଙ୍ଗାହାର, ଦେଓ, ଖଡ଼ଖାଇ ଆଦି ନଦୀ ପ୍ରବାହିତ ହେଉଥିବା ବେଳେ ବର୍ଷା ଋତୁରେ ବନ୍ୟାବିଭୀଷିକା ଭଳି ସ୍ଥିତି ଉତ୍ପନ୍ନ ହୋଇଥାଏ। ସେହିପରି ଖରାଦିନେ ଅଂଶୁଘାତ ସାଙ୍ଗକୁ କାଳବୈଶାଖୀଜନିତ ବଜ୍ରପାତ, ଅଗ୍ନିକାଣ୍ଡ ଚିନ୍ତାଜନକ। ଏହି ସବୁ ବିପର୍ଯ୍ୟୟ ଯୋଗୁଁ ଅକାଳରେ ବହୁ ଜୀବନ ଚାଲିଯିବାର ନଜିର ରହିଛି। ତେବେ ସରକାରୀ ସ୍ତରରେ ବିପତ୍ତିଜନିତ କ୍ଷତିଗ୍ରସ୍ତଙ୍କ ପାଇଁ ଧାର୍ଯ୍ୟ କ୍ଷତିପୂରଣ ସହାୟତା ରାଶି ଯୋଗାଇ ଦିଆଯାଉଛି।

ଗତ ୨୦୨୦ରୁ ୨୦୨୫ମଧ୍ୟରେ ୧୭ଜଣ ଆହତଙ୍କୁ ମିଶାଇ ୧୪୧୧ ଜଣଙ୍କୁ ୫୫କୋଟି ୬୪ଲକ୍ଷ ୩ହଜାର ୬୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ଜରୁରୀ



କାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ ସୂଚନା ଦେଇଛନ୍ତି। ସେହିପରି ୨୦୨୦ ମସିହାରେ ୨୪୬ଜଣ, ୨୦୨୧ରେ ୨୬୫ଜଣ ୨୦୨୨ରେ ୩୦୫ଜଣ ୨୦୨୩ରେ ୩୧୫ଜଣ ୨୦୨୪ରେ ୨୧୯ଜଣ ଓ ୨୦୨୫ ଜୁନ ମାସ ମଧ୍ୟରେ ୬୧ ଜଣଙ୍କୁ ଯଥାକ୍ରମେ ୯.୫୭ କୋଟି, ୧୦.୫୩ କୋଟି, ୧୨.୧୨ କୋଟି, ୮.୬୫ କୋଟି ୨.୪୪ କୋଟି ଟଙ୍କା ବଣ୍ଟନ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ବିଳମ୍ବିତ ପାଇଁ କିଛି ହିତାଧିକାରୀଙ୍କୁ ସହାୟତା ରାଶି ମିଳିପାରିନାହିଁ। ବିପର୍ଯ୍ୟୟଜନିତ ମୃତ୍ୟୁ କମାଇବା ପାଇଁ ଆଗାମୀ ଦିନରେ ଅଧିକରୁ ଅଧିକ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ କହିଛନ୍ତି।

### ହୃଦ୍‌ଘାତ ଏବେ ନୀରବ ମହାମାରୀ

# ଲକ୍ଷେ ଲୋକରେ ୨୮୨ ହୃଦ୍‌ଘାତର ଶିକାର

**ଭୁବନେଶ୍ୱର,୩।୭ (ସମିସ):** ଦିନକୁ ଦିନ ଦେଶ ତଥା ରାଜ୍ୟରେ ହୃଦ୍‌ଘାତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏକ ନୀରବ ମହାମାରୀ ଭାବେ ଲୋକଙ୍କ ମୁଣ୍ଡ ନେଇଚାଲିଛି। ରାଜ୍ୟ ସରକାରଙ୍କ ତଥ୍ୟାନୁସାରେ, ପ୍ରତି ଲକ୍ଷେ ଲୋକରେ ୨୮୨ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ହେଉଛି। ପୂର୍ବରୁ ଏହା କେବଳ ବୟସ୍କ ଲୋକଙ୍କ



ଭିତରେ ସୀମିତ ଥିଲା। ଏବେ ଯୁବବର୍ଗ ତଥା ୧୫ରୁ ୨୦ ବର୍ଷର ପିଲା ମଧ୍ୟ ଏହାର ଶିକାର ହେଉଛନ୍ତି। ଅପମିଶ୍ରିତ ଖାଦ୍ୟ, ମାତ୍ରାଧିକ ନିଶା ଦ୍ରବ୍ୟ ସେବନ ଓ ଚିନ୍ତା ଏହାର ମୁଖ୍ୟ କାରଣ। ଶରୀରରେ କୋଲେଷ୍ଟେରଲ୍ ପରିମାଣ ବଢ଼ିବା ସହ ଲୋକମାନେ ମୋଟାପଣର ଶିକାର ହେଉଛନ୍ତି। ଫଳରେ ଏହା ଉଚ୍ଚ ରକ୍ତଚାପ ଓ ମଧୁମେହକୁ ନିମନ୍ତ୍ରଣ କରିଥାଏ। ଫଳସ୍ୱରୂପ ଲୋକମାନେ ହୃଦ୍‌ଘାତ ଜନିତ ରୋଗର ଶିକାର ହେଉଛନ୍ତି ବୋଲି ବିଶେଷଜ୍ଞଙ୍କ ମତ।

ଅନ୍ୟପକ୍ଷରେ ହୃଦ୍‌ରୋଗୀଙ୍କ ମୃତ୍ୟୁସଂଖ୍ୟା ବଢ଼ିବାର କାରଣ ହେଉଛି ଠିକ୍ ଭାବେ ଚିକିତ୍ସା ନ ମିଳିବା। ଡାକ୍ତରମାନେ କେବଳ କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଭଳି ସହରାଞ୍ଚଳକୁ ପ୍ରାଧାନ୍ୟ ଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳର ଲୋକମାନେ ଠିକ୍ ଭାବେ ସେବା ପାଇପାରୁ ନାହାନ୍ତି। ତେଣୁ ଗତ କିଛି ବର୍ଷ ଭିତରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ହୃଦ୍‌ଘାତ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ସରକାର ଏଥିପ୍ରତି ଧ୍ୟାନ ଦେଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଏହାଛଡ଼ା ହୃଦ୍‌ଘାତଜନିତ ରୋଗରୁ ମୁକ୍ତି ପାଇଁ ପ୍ରତିଦିନ ବ୍ୟାୟାମ କିମ୍ବା ଯୋଗ କରିବା ଜରୁରୀ। ସେହିପରି ଖାଦ୍ୟରେ ନିୟନ୍ତ୍ରଣ ସହ ନିଶା ଓ ତମାଖୁଠାରୁ ଦୂରରେ ରହିବା

- ଗ୍ରାମାଞ୍ଚଳରେ ଯାଉଛି ଅଧିକ ଜୀବନ
- ବିଶୃଙ୍ଖଳିତ ଜୀବନଶୈଳୀକୁ ଦାୟୀ କଲେ ଡାକ୍ତର

ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ନିକଟ ଅତୀତରେ ଅନେକ ହାଇ-ପ୍ରୋଫାଇଲ୍ ସ୍ୱଳ୍ପ ବୟସ୍କରେ ହୃଦ୍‌ଘାତର ଶିକାର ହୋଇଛନ୍ତି। ଅଭିନେତା ସିଦ୍ଧାନ୍ତ ସୂର୍ଯ୍ୟବଂଶୀ, ଗାୟକ କେକେ, କମେଡିଆନ୍ ରାଜୁ ଶ୍ରୀବାସ୍ତବ ଏବଂ ରିଆଲିଟି ଟିଭି ତାରକା ସିଦ୍ଧାର୍ଥ ଶୁକ୍ଲା ଯୁବାବସ୍ଥାରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି।

କାର୍ଡିଓଲୋଜିଷ୍ଟ ଡାକ୍ତର ସୁଶାନ୍ତ କୁମାର ପ୍ରଧାନଙ୍କ କହିବାନୁସାରେ, ହୃଦ୍‌ରୋଗ ଅନେକ ପ୍ରକାରରେ ହୋଇଥାଏ। ଜିନ୍‌ଗତ ହୃଦ୍‌ରୋଗ ଏକ ପ୍ରମୁଖ କାରଣ। ଏଥିସହ ଯେତେବେଳେ ହୃଦୟ ହଠାତ୍ ବନ୍ଦ ହୋଇଯାଏ, ଏହା ହୃଦ୍‌ଘାତ କିମ୍ବା ଆରିଦ୍‌ମିଆ ଯୋଗୁ ହୋଇପାରେ। ଛାତିରେ ଯନ୍ତ୍ରଣା, ଝାଳ, ମୁଣ୍ଡବିନ୍ଧା କିମ୍ବା ମୂର୍ଚ୍ଛା ହୋଇଗଲେ, ତୁରନ୍ତ ଡାକ୍ତରଙ୍କୁ ସମ୍ପର୍କ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାରଣ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚିଗଲେ, ଜୀବନ ରକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି। ସନ୍ତୁଳିତ ଜୀବନଶୈଳୀ, ନିୟମିତ ବ୍ୟାୟାମ, ମାନସିକ ଚାପ ନିୟନ୍ତ୍ରଣ, ସୁସ୍ଥ ଖାଦ୍ୟପଦାର୍ଥ, ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏଥିରୁ ବଞ୍ଚାଇପାରିବ।

କ୍ୟାପିଟାଲ୍ ହସ୍ପିଟାଲ୍ ବରିଷ୍ଠ ଡାକ୍ତର ପ୍ରତାପ କୁମାର ଦାସ କହିଛନ୍ତି, ହୃଦ୍‌ଘାତ ପୂର୍ବରୁ ହୃଦୟର ମାଂସପେଶୀକୁ ରକ୍ତ ସଞ୍ଚାଳଣ ଧୀରେ ଧୀରେ ବନ୍ଦ ହୋଇଯାଏ। ସାଧାରଣତ ଉଚ୍ଚ ରକ୍ତଚାପ, ମଧୁମେହ, କିମ୍ବା ଅତ୍ୟଧିକ କୋଲେଷ୍ଟେରଲ୍ ଯୋଗୁଁ ହୋଇଥାଏ। ଏହାଦ୍ୱାରା ହାର୍ଟ ବିକଳାଙ୍ଗ ଅବସ୍ଥାକୁ ଚାଲି ଆସେ। ପରବର୍ତ୍ତୀ ସମୟରେ ହାର୍ଟକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିଦିଏ। ଏହାଦ୍ୱାରା ଶ୍ୱାସପ୍ରଶ୍ୱାସ ବନ୍ଦ ହୋଇଯାଏ। କାର୍ଡିଓଲୋଜିଷ୍ଟ ଡାକ୍ତର ଦିବ୍ୟ ରଞ୍ଜନ ବେହେରା କହିଛନ୍ତି, କରୋନାରୀ ଆର୍ଟେରୀ ରୋଗ ହେଉଛି ପ୍ରାପ୍ତବୟସ୍କମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ ଓ ବିପଜ୍ଜନକ ହୃଦ୍‌ରୋଗ। ଧୂମ୍ରପାନ, ଦୁର୍ବଳ ଜୀବନଶୈଳୀ, ମାନସିକ ଚାପ ଏବଂ ଅସୁସ୍ଥ ଖାଦ୍ୟପଦାର୍ଥ ଯୋଗୁଁ ଅନେକ ଯୁବକଙ୍କୁ ଏହା ପ୍ରଭାବିତ କରୁଛି। ବର୍ତ୍ତମାନ ସମୟରେ ମାତ୍ରାଧିକ ଫାଷ୍ଟଫୁଡ୍ ସେବନ ଯୋଗୁଁ ମଧ୍ୟ ହୃଦ୍‌ରୋଗ ହେଉଥିବା ସେ କହିଛନ୍ତି।

**ହାତୀ ଦାନ୍ତ ଚୋରଙ୍କୁ ଚପାଇବା ପାଇଁ ନାରୀ ଜାତିକୁ ଅପମାନ**

# ବିଜେପି ବିଧାୟକ ସନ୍ତୋଷ ଖଟୁଆ ନାରୀ ଜାତିକୁ କ୍ଷମା ମାଗନ୍ତୁ: ବିଜେଡି

**■ ବିଧାୟକଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍‌ଣ ମାନସିକତାର ପରିଚୟ**
**■ ହାତୀ ଦାନ୍ତ ଚୋରଙ୍କ ସହ ନୀଳଗିରି ବିଧାୟକଙ୍କ ସଂପୃକ୍ତି ଅଭିଯୋଗ**

ଭୁବନେଶ୍ୱର,୩।୭ (ସମିସ): ହାତୀ ଶିକାର ଓ ହାତୀ ଦାନ୍ତ ଚୋରି ଘଟଣାରେ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ସମ୍ପୃକ୍ତି ଅଭିଯୋଗ କରିଥିବା ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହରଙ୍କ ପ୍ରତି ଅତ୍ୟନ୍ତ କୁତ୍ସିତ ଓ ଅରୁଚିକର ମନ୍ତବ୍ୟ ଦେଇଛନ୍ତି ଶ୍ରୀ



ଖଟୁଆ। ଏଭଳି ମନ୍ତବ୍ୟକୁ ବିଜେଡି ଦୃଢ ନିନ୍ଦା କରିବା ସହ ତୁରନ୍ତ ସମଗ୍ର ନାରୀ ଜାତି ନିକଟରେ ଶ୍ରୀ ଖଟୁଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦଳ ଦାବି କରିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବନ ବିଭାଗ ଅଧିକାରୀମାନେ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ହାତୀ ଦାନ୍ତ ଚୋରଙ୍କୁ ଧରିଥିଲା। ତେଣୁ ଏପରି ଏକ ସ୍ପର୍ଶକାତର ମାମଲାରେ ବିଧାୟକଙ୍କ ସମ୍ପୃକ୍ତି ନେଇ ବିଜେଡି ଅଭିଯୋଗ କରିବା ସହ ତାଙ୍କୁ କାହିଁକି ଗିରଫ କରାଯିବ ନାହିଁ ବୋଲି ପ୍ରଶ୍ନ କରିଥିଲା। ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ ବିଜେପି ବିଧାୟକ ଶ୍ରୀ ଖଟୁଆ ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅତ୍ୟନ୍ତ ଘୃଣ୍ୟ, କୁତ୍ସିତ, ଅପମାନଜନକ ଓ ନିମ୍ନ ରୁଚିର ଭାଷା ପ୍ରୟୋଗ କରିଛନ୍ତି। ଜଣେ ମହିଳାର ମୁହଁକୁ ଆଧାର କରି ଯଦି ନକାରାତ୍ମକ ଟିପ୍ପଣୀ ଦିଆଯାଏ ତାହା କେବେହେଲେ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ମହିଳାମାନଙ୍କ ପ୍ରତି ଏଭଳି ଭାଷା ପ୍ରୟୋଗ କରିବା ପାଇଁ ତା'ର ବିଧାୟକମାନଙ୍କୁ ବିଜେପି ଏଭଳି ତାଲିମ ଦେଇଛି କି ବୋଲ ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ମହିଳାମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ରାଜନୀତିରେ ସାମିଲ ହେବା ପାଇଁ ପ୍ରବାଦ ପୁରୁଷ ବିଜୁ ବାବୁ ଯେଉଁ ଧାରା ଆରମ୍ଭ କରିଥିଲେ, ସେହି ଧାରାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ନେଇଥିଲେ। ସମ୍ମାନର ସହ ମହିଳାମାନେ ସମାଜରେ ଛିଡା ହେବା ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିଲା ପରେ ମହିଳାମାନେ ରାଜନୀତିକୁ ନ ଆସନ୍ତୁ ବୋଲି ଦଳ ଚାହୁଁଥିବା ଜଣାପଡ଼ିଛି। ବିଧାୟକ ଶ୍ରୀ ଖଟୁଆଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟ ଓ ଏହା ସମଗ୍ର ନାରୀ ଜାତି ପ୍ରତି ଅପମାନ। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ନାରୀ ଜାତିଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀମତୀ ମଲ୍ଲିକ ଦାବି କରିଛନ୍ତି।

**■ ବାପାଙ୍କୁ ମୁଖାଗ୍ନି ଦେବାକୁ ଆସୁଥିଲେ**

# ଦୁର୍ଘଟଣାରେ ଚାଲିଗଲା ପୁଅ-ବୋହୂଙ୍କ ଜୀବନ

ଗଣିଆ/ବୌଦ୍ଧ/ନୂଆପଡ଼ା, ୩।୭ (ସମିସ): ବାପାଙ୍କ ମୃତ୍ୟୁ ଖବର ପାଇ ପତ୍ନୀଙ୍କ ସହ ଗାଁକୁ ଆସୁଥିଲେ। ହେଲେ ବାଟରେ ଏକ ଦୁର୍ଘଟଣା ସେମାନଙ୍କ ଜୀବନ ନେଇଗଲା। ବୌଦ୍ଧ ଜିଲ୍ଲା ରାମ୍ପିକଟା ଟୋଲଗେଟ୍ ନିକଟରେ ଆଜି ଭୋର୍ ପ୍ରାୟ ୪ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ନୟାଗଡ଼ ଜିଲ୍ଲା ଗଣିଆ ଅଞ୍ଚଳର ରାଜକିଶୋର ସାହୁ(୫୬) ଓ ତାଙ୍କ ପତ୍ନୀ ମୀନାରାଣୀ ସାହୁ। ସେମାନେ ଆସୁଥିବା କାର୍‌ଟି ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ମୁହାଁମୁହିଁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ବୌଦ୍ଧ ଆଦର୍ଶ ଥାନା ପୁଲିସ୍ ଦୁହିଁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଦୁର୍ଘଟଣାଗ୍ରସ୍ତ କାର୍ ଓ ଟ୍ରକ୍‌କୁ ଜବତ କରିଛି।

ସୂଚନାନୁଯାୟୀ, ରାଜକିଶୋର ଦୀର୍ଘ ବର୍ଷ ଧରି ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ କୁରୁମପୁରୀ ସରସ୍ୱତୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ୩ ବର୍ଷ ହେଲା ସେ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିଲେ। ନୂଆପଡ଼ା ଜିଲ୍ଲା ସଦର ମହକୁମା ନୀଳଶୈଳ ନଗରରେ ସେ ଘର କରି ସପତ୍ନୀକ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ଗଣିଆ ପାଟଣାସାହିରେ ରହୁଥିବା ତାଙ୍କ ବାପା ଅବସରପ୍ରାପ୍ତ ଶିକ୍ଷକ ବଲ୍ଲଭ ସାହୁଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ପତ୍ନୀ ମୀନାରାଣୀଙ୍କ ସହ ରାଜକିଶୋର ରାତାରାତି ଏକ କାର୍‌ରେ ଗାଁକୁ ଆସୁଥିଲେ। ତେବେ ଭୋର୍ ପ୍ରାୟ ୪ଟାରେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ରାମ୍ପିକଟା ଟୋଲଗେଟ୍ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ସହ ତାଙ୍କ କାର୍‌ଟି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାର୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଚୂରମାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ସଙ୍ଗେସଙ୍ଗେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍



ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଗାଁରେ ଦୁହିଁଙ୍କ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗଣିଆ ଶ୍ମଶାନରେ ମୃତ ବଲ୍ଲଭ ସାହୁଙ୍କୁ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପତି-ପତ୍ନୀଙ୍କୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା।

# ୬ରେ ହୀରାକୁଦ ନଦୀବନ୍ଧରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୩।୭ (ସମିସ): ଆସନ୍ତା ୬ ତାରିଖ ସକାଳ ୧୦ଟାରେ ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ ବୋଲି ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା ସୂଚନା ଦେଇଛନ୍ତି। ଏଥିଯୋଗୁଁ ମହାନଦୀ ଓ ତାର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ



ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କୌଣସି ଦୁର୍ଘଟଣା ପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ପ୍ରେସ ବିବୃତ୍ତିରେ ଉଲ୍ଲେଖ କରାଯାଇଛି।

ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଗୁରୁବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୩.୨୫ ଫୁଟ ରହିଥିଲା। ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୦୧୩୪୯ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲୱେ, ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୪୨୫୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଉପରମୁଣ୍ଡରେ ୩୦.୧୧ ମିମି ଏବଂ ତଳମୁଣ୍ଡରେ ୩୭.୫୧ ମିମି ବର୍ଷା ହୋଇଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ବର୍ଷାଜଳ ନିଷ୍କାସନ ଦିନ ଓ ସମୟ ସମ୍ପର୍କରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର, କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତ, କଟକ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁରଙ୍କ ସହ ସମ୍ବଲପୁର, ବରଗଡ଼, ସୋନପୁର, ଅନୁଗୋଳ, ବୌଦ୍ଧ, ନୟାଗଡ଼, କଟକ, ଫୁଲବାଣୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ, କଟକ ମହାନଗର ନିଗମ ଆୟୁକ୍ତ, ସୋନପୁର, ବୌଦ୍ଧ, ଆଠମଲ୍ଲିକ ଓ ବାଙ୍କୀ ପୌରନିର୍ବାହୀ ଅଧିକାରୀ ଏବଂ ପିଏଚ୍‌ଡି, ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇ ଦିଆଯାଇଛି। ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାରପ୍ରସାର ପାଇଁ ଦୂରଦର୍ଶନ କେନ୍ଦ୍ର ନିର୍ଦ୍ଦେଶକ ସମ୍ବଲପୁର ଓ ଭୁବନେଶ୍ୱର ଏବଂ ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ସମ୍ବଲପୁର ବିଭିନ୍ନ ଗଣମାଧ୍ୟମକୁ ଅନୁରୋଧ କରାଯାଇଛି।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧରେ ସମୁଦାୟ ୯୮ଟି ଜଳ ନିଷ୍କାସନ ଫାଟକ ରହିଛି। ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ହୀରାକୁଦ ନଦୀବନ୍ଧରେ ୬୪ଟି ସ୍ଲୁଇସ୍ ଫାଟକ ଓ ୩୪ଟି କ୍ରେଷ୍ଟ ଫାଟକ ରହିଛି। ଏହା ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥାଏ। ଗତବର୍ଷ ଜୁଲାଇ ୨୮ ରେ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବା ବେଳେ ୨୦୨୩ଜୁଲାଇ ମାସ ୨୩ ତାରିଖ, ୨୦୨୨ ମସିହାରେ ଜୁନ ମାସ ୨୫ ତାରିଖ, ୨୦୨୧ ମସିହାରେ ସେପ୍ଟେମ୍ବର ମାସ ୧୪ ତାରିଖ, ୨୦୨୦ ମସିହାରେ ଜୁନ ମାସ ୨୫ ତାରିଖ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।

## ଜାରି ରହିବ ବର୍ଷାର ପ୍ରଭାବ

ଭୁବନେଶ୍ୱର, ୩।୭(ସମିସ): ଉତ୍ତର ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହିତ ମୌସୁମୀ ଜନିତ ନିମ୍ନଚାପ ରେଖାର ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ରହୁଛି। ଏଭଳି ଦୁଇଟି ପାଣିପାଗ ନିୟାମକ ଯୋଗୁଁ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଏଭଳି ସ୍ଥିତି ଆହୁରି ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଛି। ସାଢ଼େ ୫ ଟା ସୁଦ୍ଧା ଭୁବନେଶ୍ୱରରେ ୩୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ରେ ୪୩, କୋରାପୁଟରେ ୧୪ ଏବଂ ବୌଦ୍ଧରେ ୧୫ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟରେ ଭଲ ବର୍ଷା ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୁନ୍ଦରଗଡ଼ରେ ସବୁଠୁ ଅଧିକ ବର୍ଷା ହେବାକୁ ଥିବା ବେଳେ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ବଲାଙ୍ଗିର, ନୂଆପଡ଼ା ଆଦିରେ ମଧ୍ୟ ଭଲ ବର୍ଷା ହେବାର ସମ୍ଭାବନା ରହିଛି। ଆଗାମୀ ୬-୮ ଜୁଲାଇ ମଧ୍ୟରେ ଉତ୍ତର ଉପକୂଳ, ଉତ୍ତର, ଉତ୍ତର ପଶ୍ଚିମ ଜିଲ୍ଲାମାନଙ୍କରେ ଭାରି-ଅତି ଭାରି ବର୍ଷା ସମ୍ଭାବନା ରହିଛି। ଏହା ପରେ ୩-୪ଦିନ ବର୍ଷା ପରିମାଣ କମିବା ସହ ପରବର୍ତ୍ତୀ ସମୟରେ ଅର୍ଥାତ ୧୧-୧୨ ବେଳକୁ ପୁଣି ବର୍ଷା ବଢ଼ିବ ବୋଲି ଆକଳନ କରାଯାଉଛି।

**ଆସିଲା ବନ୍ୟା କ୍ଷୟକ୍ଷତିର ପ୍ରାଥମିକ ରିପୋର୍ଟ**

# ୪ ବ୍ଲକରେ ୩୪୩ ହେକ୍ଟର ଫସଲ କ୍ଷତି

ବାଲେଶ୍ୱର, ୩।୭ (ସମିସ): ବର୍ଷା ଛାଡ଼ିଗଲା, ହେଲେ ସୁଧୁରିନି ବନ୍ୟା ପରିସ୍ଥିତି। ଏବେ ବି ଅନେକ ଗାଁରୁ ବନ୍ୟାପାଣି ଛାଡ଼ିନି। ଲଗାଣ ବର୍ଷା ଓ ବନ୍ୟା ପାଇଁ ସବୁଠି ବେଶି ପ୍ରଭାବିତ ହୋଇଛନ୍ତି ଚାଷୀ। ଧାନଠୁ ଆରମ୍ଭ କରି ପନିପରିବା ଚାଷ; ସବୁ ବନ୍ୟାପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ଜିଲ୍ଲାର ଫସଲ କ୍ଷୟକ୍ଷତିର ସର୍ଭେ କରାଯାଇ ପ୍ରାଥମିକ



ରିପୋର୍ଟ ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ, ବାଲେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଜରୁରୀକାଳୀନ ବିଭାଗକୁ ଦାଖଲ କରାଯାଇଛି। ଜିଲ୍ଲାରେ ୩୪୩ହେକ୍ଟର ଜମିରେ ପନିପରିବା ଚାଷ ନଷ୍ଟ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ବୁଢ଼ାବଲଙ୍ଗ ନଦୀ ଫୁଲିବା ଫଳରେ ସଦର ରେମୁଣା ବ୍ଲକ୍‌ର ଅନେକ ସ୍ଥାନ ଜଳବନ୍ଦୀ ହୋଇଥିଲା। ରେମୁଣା ବ୍ଲକର ହରିପୁର ଓ କଶିମିଳା ଅଞ୍ଚଳରେ ଚାଷ ଜମି ପାଣିରେ ବୁଡିଥିବା ସୂଚନା ମିଳିଛି। ହେଲେ, ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳରେ ଫସଲ କ୍ଷୟକ୍ଷତି ପାଇଁ ସର୍ଭେ ହୋଇନାହିଁ।

ପ୍ରାଥମିକ ରିପୋର୍ଟ ଅନୁସାରେ, ଜିଲ୍ଲାର ବାଲିଆପାଳ, ବସ୍ତା, ଭୋଗରାଇ ଓ ଜଳେଶ୍ୱର ବ୍ଲକରେ ୩୪୩ ହେକ୍ଟର ଫସଲ ନଷ୍ଟ ହୋଇଛି। ଏଥିମଧ୍ୟରୁ ୧୭୯ ହେକ୍ଟର ଜମିରେ ୩୩-୫୦ ପ୍ରତିଶତ ଫସଲ ନଷ୍ଟ ହୋଇଥିବା ବେଳେ ବାକି ୧୬୪ ହେକ୍ଟର ଜମିରେ ୫୦ ପ୍ରତିଶତରୁ ଅଧିକ ପନିପରିବା ଚାଷ ନଷ୍ଟ ହୋଇଛି। ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତର ୩୮ ଟି ଗାଁରେ ୬୯ ହେକ୍ଟର ଜମିରେ ପନିପରିବା ଚାଷ ନଷ୍ଟ ହୋଇଛି। ସେହିପରି ବ୍ଲକର ଗୋଟିଏ ପଞ୍ଚାୟତର ଗୋଟିଏ ଗାଁରେ ୩ ହେକ୍ଟର ଜମି, ଜଳେଶ୍ୱର ବ୍ଲକର ୧୦ଟି ପଞ୍ଚାୟତର ୨୭ ଟି ଗାଁରେ ୧୭୬ ହେକ୍ଟର ଏବଂ ଭୋଗରାଇ ବ୍ଲକର ୩ ଟି ପଞ୍ଚାୟତର ୧୧ଟି ଗାଁରେ ୯୬ ହେକ୍ଟର ଜମିରେ ପନିପରିବା ଚାଷ ନଷ୍ଟ ହୋଇଥିବା ଉଲ୍ଲେଖ ହୋଇଛି। ଆଣ୍ଠୁଏ ଲେଖାଏଁ ପାଣିରେ ଚାଷ ଜମି ବୁଡ଼ି ରହିଛି। ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି।

ଉଦ୍ୟାନ କୃଷି ବିଭାଗ ଏଡିଏଚଓ ପ୍ରଦୀପ ବଳ କହିଛନ୍ତି, ଏବେ କେବଳ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ ହୋଇଛି। ପରେ ଫାଇନାଲ୍ ରିପୋର୍ଟ ପ୍ରସ୍ତୁତ ହେବ। ପାଣି ସମ୍ପୂର୍ଣ୍ଣ ନ ଛାଡ଼ିବା ଯାଏ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ରିପୋର୍ଟ ଆସିପାରିନାହିଁ। ତେଣୁ ବନ୍ୟା ପାଣି ଛାଡ଼ିବା ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହେବ।

# ସରଣ୍ଡାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ; ଯବାନ ଗୁରୁତର

ରାଉରକେଲା, ୩।୭(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଗୁରୁବାର ଭୋର୍‌ରେ ସର୍ଚ୍ଚ ଅପରେସନ୍ ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ଜଣେ ଯବାନ ଗୁରୁତର ହୋଇଛନ୍ତି। ସେ ହେଲେ, ଝାଡ଼ଖଣ୍ଡ ଜାଗୁଆର୍ ଟିମ୍‌ର ମନୋଜ ଦମାଇ। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ଏୟାରଲିଫ୍ଟ କରାଯାଇଛି। ଛୋଟନାଗରା ଥାନା ଅଧୀନ ବାବୁଡେରା ନିକଟ ସରଣ୍ଡା ଜଙ୍ଗଲରେ ଏହି ବିସ୍ଫୋରଣ ଘଟିଛି। ଦୁଇଦିନ ତଳେ ଝାଡ଼ଖଣ୍ଡ ଜାଗୁଆର୍ ଓ ସିଆରପିଏଫ୍ ୬୦ ବାଟାଲିୟନ ଅର୍ଦ୍ଧସାମରିକ ବାହିନୀ ମିଳିତ ସର୍ଚ୍ଚ ଅପରେସନ୍ କରି ସରଣ୍ଡା ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ଥିବା ପ୍ରାୟ ୧୮ହଜାର ଡେଟୋନେଟର୍ ଜବତ କରିଥିଲେ।

ସୂଚନାଯୋଗ୍ୟ, ମାଓଅଧ୍ୟୁଷିତ ବଣାଇଁ ଉପଖଣ୍ଡକୁ ମାଓବାଦୀମୁକ୍ତ ଅଞ୍ଚଳ ଘୋଷଣା କରି ଏଠାରେ ମୁତୟନ ଅର୍ଦ୍ଧସାମରିକ ବାହିନୀ (ସିଆର୍‌ପିଏଫ୍) ପୋଷ୍ଟଗୁଡ଼ିକୁ ୨୦୧୫ ମସିହାରେ ଅପସାରଣ କରି ନିଆଯାଇଥିଲା। ଫଳରେ, ବେଶ୍ କିଛି ଦିନ ନିରବ ରହିବା ପରେ ଛୋଟନାଗପୁର ମାଓ ଡିଭିଜନ୍ ଏବେ ପୁନଃସକ୍ରିୟ ହୋଇ ବଳ ଗୋଟାଇବାରେ ଲାଗିଥିବା କୁହାଯାଉଛି। ଦୀର୍ଘ ଦିନ ଧରି ସେମାନେ ଅସ୍ତିତ୍ୱ ଜାହିର କରିଥିବା ସତ୍ତ୍ୱେ



ପୁଲିସ ହେୟ ମନୋଭାବ ପୋଷଣ କରି ଗୁରୁତ୍ୱ ନଦେବା ଏବଂ ପୁଲିସ ଓ ସାଧାରଣଲୋକଙ୍କ ସମ୍ପର୍କରେ ଦୂରତା ସୃଷ୍ଟି ମାଓ ସଂଗଠନ ପାଇଁ ଅଦୃଶ୍ୟ ବରଦାନ ସାଜିଥିବା ଏବେ ସ୍ପଷ୍ଟ ହୋଇଛି। ଦୀର୍ଘ ଦିନ ହେବ, ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରୁ ଅପସାରିତ ଅର୍ଦ୍ଧସାମରିକ ବାହିନୀଙ୍କୁ ପୁନଃ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ମୁତୟନ ନକଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ନିଶ୍ଚିତ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଗହଣା ଦୋକାନରୁ ୧୫ ଲକ୍ଷର ଅଳଙ୍କାର ଲୁଟ୍


ବାଲେଶ୍ୱର, ୩।୭ (ସମିସ): ସଟର୍ ତାଲା ଭାଙ୍ଗି ଗହଣା ଦୋକାନରୁ ଲୁଟିନେଲେ ୧୫ଲକ୍ଷ ଟଙ୍କାର ଅଳଙ୍କାର। ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ନୂଆଗାଁସ୍ଥିତ ମାର୍କେଟ୍ କମ୍ପ୍ଲେକ୍ସରେ ଥିବା ପ୍ରାଣକୃଷ୍ଣ ଜୁଏଲାରୀରୁ ଗତକାଲି ବିଳମ୍ବିତ ରାତିରେ ଏହି ଲୁଟ୍ ହୋଇଛି। ଦୋକାନ ମାଲିକ ରେମୁଣା ବ୍ଲକ୍ ରାଧାନଗର ଅଞ୍ଚଳର ସୁଧାଂଶୁ କମିଳା ଆଜି ଏନେଇ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପ୍ରାୟ ୬ଲକ୍ଷ ଟଙ୍କାର ରୁପା ଅଳଙ୍କାର ଓ ୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ସେ ଅଭିଯୋଗ କରିଛନ୍ତି। ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଲୁଟେରାମାନଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି।



**ରବି ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା**

# ଚାଷୀଙ୍କୁ ସରକାରଙ୍କ ପ୍ରତାରଣା: ନବୀନ

ଭୁବନେଶ୍ୱର, ୩।୭ (ସମିସ): ଚଳିତ ବର୍ଷ ପଞ୍ଜିକରଣ କରିଥିବା ସମସ୍ତ ଚାଷୀଙ୍କଠାରୁ ରାଜ୍ୟ ସରକାର ରବି ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କର ଲକ୍ଷାଧିକ କ୍ୱିଣ୍ଟାଲ୍ ଧାନ ଏପର୍ଯ୍ୟନ୍ତ ବିକ୍ରି ନ ହୋଇ ପଡ଼ିରହିଛି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ମୌସୁମୀ ବର୍ଷାରେ ହଜାର ହଜାର କ୍ୱିଣ୍ଟାଲ୍ ଧାନ ଭିଜି ଗଜା ହୋଇଥିବା ବେଳେ ସରକାର ଚାଷୀଙ୍କ ଦୁଃଖ ଶୁଣୁ ନାହାନ୍ତି ଓ ସେମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ନବୀନ କହିଛନ୍ତି।



ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଯେଉଁ ଚାଷୀଙ୍କର ବଳକା ଧାନ ମଣ୍ଡିରେ ବିକ୍ରି କରିବାକୁ ପଞ୍ଜିକରଣ ହୋଇଛି, ଏଥିପାଇଁ ଜାରି ହୋଇଥିବା ଟୋକନ ଲାପ୍ସ ହେବ ନାହିଁ ବୋଲି ସରକାର କହିଥିଲେ। ଏପରିକି ଆବଶ୍ୟକସ୍ଥଳେ ଟୋକନ୍‌ର ଅବଧି ମଧ୍ୟ ବୃଦ୍ଧି କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଦୁର୍ଭାଗ୍ୟର କଥା, ଅଚାନକ ରାଜ୍ୟ ସରକାର ଜୁନ ୩୦ ତାରିଖ ଧାନ ବିକ୍ରି ଲାଗି ପଞ୍ଜିକରଣର ଶେଷ ଦିନରେ ଆଇସ୍କାନ୍ କରି ଧାନ କିଣିବା ଘୋଷଣା କରୁଛନ୍ତି। ରାଜ୍ୟ ସରକାରଙ୍କର ଏପରି ଚାଷୀମାରଣ ନୀତି ଯୋଗୁଁ ଓଡ଼ିଶାର ହଜାର ହଜାର ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଭଳି ନିଷ୍ପତ୍ତି ଚାଷୀଙ୍କ ପ୍ରତି ଅତ୍ୟନ୍ତ ବେପରୁଆ ମନୋଭାବ ଓ ଘୋର ପ୍ରତାରଣା କହିଲେ ଭୁଲ ହେବନାହିଁ ବୋଲି ନବୀନ କହିଛନ୍ତି। ଏହା ସହ ଚାଷୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଥିପ୍ରତି ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ରବି ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ସମସ୍ତ ଚାଷୀମାନଙ୍କ ବଳକା ଧାନ ସରକାର କ୍ରୟ କରନ୍ତୁ। ଲାପ୍ସ ହୋଇଥିବା ଟୋକନର ଅବଧି ବୃଦ୍ଧି କରାଯିବା ସାଙ୍ଗକୁ ଧାନ କ୍ରୟ ସୀମା ମଧ୍ୟ ବୃଦ୍ଧି କରାଯାଉ। ଏହା ଫଳରେ ଓଡ଼ିଶାର ଚାଷୀ ଭାଇଭଉଣୀମାନେ ଆଶ୍ୱସ୍ତ ହେବା ସହ ବହୁତ ଉପକୃତ ହେବେ ବୋଲି ନବୀନ କହିଛନ୍ତି।

# ସଫଳତା ସାଉଁଟୁଛି 'ଆଇକନିକ୍ ଆଦର୍ଶ ବିଦ୍ୟାଳୟ'

**■ ଦୁଇ ବର୍ଷରେ ୨ଶହ ପିଲା ନେଟ୍ ଓ ଜେଇଇ କୃତକାର୍ଯ୍ୟ**
**■ ଆକୃଷ୍ଟ କରୁଛୁ ଅତ୍ୟାଧୁନିକ ଶିକ୍ଷାଦାନ, ଶୈକ୍ଷିକ ପରିବେଶ**
**■ ନବୀନ ପଟ୍ଟନାୟକଙ୍କ ପରିକଳ୍ପନାକୁ ମିଳିଛି ଅନନ୍ୟ ସଫଳତା**

ଭୁବନେଶ୍ୱର, ୩।୭(ସମିସ): ସଫଳତା ସାଉଁଟୁଛି ଅନ୍ଧାରୁଆସ୍ଥିତ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ମାତ୍ର ୨ ବର୍ଷର ଏହି ଶିକ୍ଷାନୁଷ୍ଠାନର ପ୍ରାୟ ୨୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଦେଶର ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ନିଟ୍ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ଡାକ୍ତରୀ ପଢୁଛନ୍ତି। କେବଳ ଆଇକନିକ୍ ବିଦ୍ୟାଳୟ ନୁହେଁ; ପ୍ରତି ବ୍ଲକ୍‌ରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଜାତୀୟ ସ୍ତରର ପରୀକ୍ଷାରେ ସଫଳତା ହାସଲ କରୁଛନ୍ତି। ଫଳରେ ଆଦର୍ଶ ବିଦ୍ୟାଳୟ ଓ ଆଇକନିକ୍ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି।

ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୨୦୨୨ରେ ଆରମ୍ଭ ହେବା ପରେ ଦୁଇଟି ବ୍ୟାଚ୍‌ରେ ଛାତ୍ରଛାତ୍ରୀମାନେ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତିବର୍ଷ ୫ଶହ ପିଲା ଲେଖାଏଁ ମୋଟ୍ ହଜାରେ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୩୮ ଜଣରୁ ଅଧିକ ପିଲା ଜେଇଇ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ଦେଶର ବିଭିନ୍ନ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। ସେହିପରି ପ୍ରାୟ ୩୫ଜଣ ପିଲା ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ଆଇକନିକ୍ ଆଦର୍ଶ ବିଦ୍ୟାଳୟର ଶିକ୍ଷାଦାନ ଶୈଳୀ ଓ ଶୈକ୍ଷିକ ବାତାବରଣ ସେମାନଙ୍କୁ ସଫଳତା ପାଇବାରେ ସହଯୋଗ କରୁଛି। ସକାଳ ୭.୪୫ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଶ୍ରେଣୀଗୃହରେ ପାଠପଢ଼ା ହେଉଛି। ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ ଦୂର କରିବାକୁ ଶିକ୍ଷକମାନେ ପ୍ରାଥମିକତା ଦେଉଛନ୍ତି। ଦୈନିକ ଘଣ୍ଟାଏ ଲେଖାଏଁ ଏଥିପାଇଁ ଧାର୍ଯ୍ୟ କରାଯାଇଥିବାବେଳେ ଆବଶ୍ୟକସ୍ଥଳେ ଅତିରିକ୍ତ ସମୟ ଦେଇ ପିଲାଙ୍କୁ ବୁଝାଇଥା'ନ୍ତି। ଯେଉଁଦିନର ପାଠ ସେହିଦିନ ସାରିବାକୁ ପ୍ରୋତ୍ସାହିତ କରାଯାଉଥିବାରୁ ଆଗ୍ରହ ବହୁଗୁଣିତ ହେଉଛି।

ଅନ୍ୟପକ୍ଷରେ ଅନ୍ଧାରୁଆ ଆଇକନିକ୍ ଆଦର୍ଶ ବିଦ୍ୟାଳୟରେ ରହିଛି ୨୬ଟି ଅତ୍ୟାଧୁନିକ ଶ୍ରେଣୀଗୃହ, ଆଇସିଟି ଲ୍ୟାବ୍, ୮ଟି ଅତ୍ୟାଧୁନିକ ସାଇନ୍ସ ଲ୍ୟାବ୍ ଓ ଗ୍ରନ୍ଥାଗାର, ଯାହା ଛାତ୍ରଛାତ୍ରୀଙ୍କୁ ପଢ଼ିବା ପାଇଁ ଆଗ୍ରହ ବଢ଼ାଇବା ସହ ଉତ୍ତମ ବୈଷୟିକ ଶିକ୍ଷା ଗ୍ରହଣରେ ବିଶେଷ ସହାୟକ ହୋଇଛି। ୧୩ ଏକର ଜମିରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ଲେଖାଏଁ ଛାତ୍ରନିବାସ ଓ ଛାତ୍ରୀନିବାସ, ଶିକ୍ଷକଙ୍କ ପାଇଁ ୨୨ଟି ବାସଗୃହ, ୮ଟି ଅତିଥି କକ୍ଷ ଓ ୩୦ ଜଣଙ୍କ ପାଇଁ ଏକ ବିଶ୍ରାମାଗାର, ସେଣ୍ଟ୍ରାଲ କିଚେନ ଓ ଡାଇନିଙ୍ଗ, ଡର୍ମିଟୋରି, ପାର୍କ ଓ ବଗିଚାର ବ୍ୟବସ୍ଥା ହୋଇଛି। ୧୨ ଏକର ଜମିରେ ଦୌଡ଼କୁଦ ଟ୍ରାକ୍, ଫୁଟବଲ୍ ପଡ଼ିଆ, ବ୍ୟାଡ୍‌ମିଣ୍ଟନ୍ ଓ ଭଲିବଲ୍ କୋର୍ଟ ଆଦି ମୁକ୍ତାକାଶ କ୍ରୀଡ଼ା ସୁବିଧା ପିଲାମାନଙ୍କ ଶାରୀରିକ ଭାବେ ସୁସ୍ଥ ରଖିବା ସହ ମନକୁ ପ୍ରଫୁଲ୍ଲ କରୁଛି। ଫଳରେ ମାତ୍ର ଦୁଇବର୍ଷର ଏହି ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରଥମ ଥର ପାଇଁ ସିବିଏସ୍‌ଇ ପାଠ୍ୟକ୍ରମ ଆଧାରିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଢାଞ୍ଚାରେ ରାଜ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ପରିକଳ୍ପନା କରିଥିଲେ। ପୁଣି ସମସ୍ତ ଓଏଭିରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ଆଇକନିକ୍ ଓଏଭି କରିବାକୁ ଯୋଜନା କଲେ। ଉନ୍ନତମାନର ଓ ଅତ୍ୟାଧୁନିକ ଶିକ୍ଷାଦାନ ବ୍ୟବସ୍ଥା କରି ଓଡ଼ିଆ ପିଲାଙ୍କୁ ଦେଶରେ ପ୍ରତିଷ୍ଠିତ କରିବାକୁ ରୋଡ୍ ମ୍ୟାପ୍ କଲେ। ଯାହାର ସୁଫଳ ମାତ୍ର ଦୁଇବର୍ଷରୁ ରାଜ୍ୟର ଛାତ୍ରଛାତ୍ରୀମାନେ ପାଇପାରୁଛନ୍ତି। ଶିକ୍ଷାକ୍ଷେତ୍ରରେ ରାଜ୍ୟ ପାଇଁ ଏହା ଏକ ମାଇଲଷ୍ଟୋନ୍ ବୋଲି ଅଭିଭାବକ ଓ ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।

## ୱାର୍ଲଡ ବୁକ୍ ଅଫ୍ ରେକର୍ଡରେ ଦୁଇବର୍ଷର ଦିବ୍ୟାଂଶୀ



ପାଣିକୋଇଲି,୩।୭(ସମିସ): ପାଣିକୋଇଲି ପଞ୍ଚାୟତ ତଥା ଏହି ଗ୍ରାମର ଶିଶୁ କନ୍ୟା ଏବେ ୱାଲର୍ଡ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ପାଣିକୋଇଲି ଗ୍ରାମର ସତ୍ୟବ୍ରତ ସାହୁ ଓ ଦୀପା ସାହୁଙ୍କ ଦୁଇବର୍ଷର କୁନି ଝିଅ ଦିବ୍ୟାଂଶ୍ରୀ ଏତେ ଛୋଟବେଳୁ ରଙ୍ଗ ଚିହ୍ନିବା, ପଶୁପକ୍ଷୀମାନଙ୍କ ଶରୀରର ଅଙ୍ଗ ଓ ସ୍ୱର ଆଦି କହିପାରି ଏହି ସଫଳତା ପାଇଛନ୍ତି। ଦିବ୍ୟାଂଶ୍ରୀ ଶ୍ଳୋକ, ମନ୍ତ୍ର, ଓଡ଼ିଆ କବି ଓ ଲେଖକ ଆଦି କହିପାରି ଗ୍ଲୋବାଲ ବ୍ରାଇଟ୍ ଷ୍ଟାର ପ୍ରମାଣପତ୍ର ହାସଲ କରିଛନ୍ତି। ଏନେଇ ଦିବ୍ୟାଂଶୀଙ୍କ ପରିବାର ଲୋକ ଖୁସିବ୍ୟକ୍ତ କରିବା ସହ ସେ ବଡ଼ ହେଲେ ଆମ ଅଞ୍ଚଳର ନାଁ ରଖିବ ବୋଲି ଆଶାବାଦୀ ଅଛନ୍ତି।

## ଜବାହାର ନବୋଦୟ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତସଭା



ପାଣିକୋଇଲି,୩।୭(ସମିସ): ପାଣିକୋଇଲିସ୍ଥିତ ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ଏକାଡେମୀ ହଲରେ ଆୟୋଜିତ ସଭାରେ ନବାଗତ ଷଷ୍ଠ, ନବମ ଓ ଏକଦାଶ ଶ୍ରେଣୀର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯିବା ସହ ଜୀବନରେ ବଡ଼ହେବାକୁ କିପରି ଲକ୍ଷ୍ୟ ହାସଲ କରାଯିବା, ବିଦ୍ୟାଳୟର ନୀତି, ନିୟମ, ଉତ୍ତମ ପାଠପଢ଼ି କିପରି ଭଲ ମଣିଷ ହେବା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହିଅବସରରେ ଆନୁଷ୍ଠାନିକ ଲ୍ୟାମ୍ପ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଏଏ ବିଭାଗ ଇନଚାର୍ଜ ସଞ୍ଜୟ ମହାପାତ୍ର ଆୟୋଜନ କରିଥିବା ବେଳେ ଇନଚାର୍ଜ ପ୍ରିନିସପାଲ ଅଭିମନ୍ୟୁ ଭଞ୍ଜ ଯୋଗଦେବା ସହ ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଧକ୍କାରେ ୪ ଗୋରୁ ମୃତ

ପାଣିକୋଇଲି,୩।୭(ସମିସ): ପାଣିକୋଇଲି ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ନିକଟରେ ବୁଧବାର ବିଳମ୍ବିତ ରାତ୍ରୀରେ ଟ୍ରକ ଧକ୍କାରେ ୪ ଗୋରୁଙ୍କର ମୃତ୍ୟୁ ଘଟିଛି। ପ୍ରକାଶଯେ ବିଳମ୍ବିତ ଚାଷ ଯୋଗୁ ଅବଧି ଗୋରୁ ବନ୍ଦ ହୋଇନାହାନ୍ତି। ଯାହାଫଳରେ ରାଜପଥ ପାଲଟିଛି ଗୋରୁଙ୍କ ଆଡ୍ଡାସ୍ଥଳୀ। ପ୍ରତ୍ୟେକ ଦୁର୍ଘଟଣାରେ ଗୋରୁଙ୍କ ମୃତ୍ୟୁ ଘଟୁଥିବା ବେଳେ ଟ୍ରକ୍ ଧକ୍କାରେ ୪ ଗୋରୁଙ୍କର ମୃତ୍ୟୁ ଘଟିଛି। ଆମେ ଆପଣଙ୍କ ପାଇଁ ହେଲଫିଂ ଗ୍ରୁପର ପ୍ରାଥମିକ ଚିକତ୍ସା ସତ୍ୱେ ମଧ ସେମାନଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଟ୍ରକୁ ସ୍ଥାନୀୟ ଲୋକମାନେ ପୁଲିସ ଜିମା ଦେଇଛନ୍ତି। ରାଜପଥ ବିଭାଗ ପକ୍ଷରୁ ମୃତ ଗୋରୁଙ୍କୁ ଉଦ୍ଧାର କରାଯାଇ ସତ୍କାର କରାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ବିଞ୍ଝାରପୁର,୩।୭(ସମିସ): ବିଞ୍ଝାରପୁର ଥାନା ଅଧୀନ ଅରେଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗତକାଲି ବିଳମ୍ବିତ ରାତିରେ ଜୈନିକ ଯୁବକଙ୍କ ଝୁଲନ୍ତା ମୃତଦେହ ଘରବାରଣ୍ଡାରୁ ଉଦ୍ଧାର କରାଯାଇଛି। ମୃତକ ହେଲେ ବଳରାମ ସାହୁ(ବଳିଆ)। ସୂଚନାନୁଯାୟୀ, କୌଣସି କାରଣ ବଶତଃ ବଳରାମ ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା ଏବଂ ରାତି ୧୦ଟା ବେଳକୁ ଉଭୟେ ନିଜ ୯ ମାସର ଶିଶୁ ପୁତ୍ରକୁ ନେଇ ଶୋଇବାକୁ ଯାଇଥିଲେ। ରାତି ୧୨ଟା ବେଳକୁ ପତ୍ନୀଙ୍କ ନିଦ ଭାଙ୍ଗିବାରୁ ସ୍ୱାମୀଙ୍କୁ ବିଛଣାରୁ ନ ପାଇ କବାଟ ଖୋଲିଲା ବେଳକୁ ବାରଣ୍ଡା ହୁକରେ ବଳରାମଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ବଞ୍ଚାଇଦେବା ଉଦ୍ଦେଶ୍ୟରେ ଛୁରୀରେ ରଶିକୁ କାଟିଦେଇଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କ ପତ୍ନୀ ଚିତ୍କାର କରି ଡାକ ପକାଇବାରୁ ଘରଲୋକ ଏବଂ ପଡ଼ୋଶୀ ଆସିଥିଲେ। କିନ୍ତୁ ସେତେବେଳକୁ ବଳରାମଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁକରିଛନ୍ତି। ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ପୁଲିସ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ମରଶରୀରକୁ ବାରୁଣୀପଡ଼ିଆରେ ଦାହ କରାଯାଇଛି। ବଳରାମଙ୍କ ବିୟୋଗରେ ଗାଁରେ ଶୋକପ୍ରକାଶ ପାଇଛି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ସୁକିନ୍ଦା,୩।୭(ସମିସ): ସୁକିନ୍ଦା ଆଶୋକଝର ରାସ୍ତାର ମାଧପୁର ନିକଟରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିରିଗଡ଼ା ଗ୍ରାମର ହେମନ୍ତ ନାୟକଙ୍କ ପୁଅ ମୁନା ନାୟକ। ଗତ ସୋମବାର ଉକ୍ତ ରାସ୍ତାର ରେଲୱେ ବ୍ରିଜ ନିକଟରେ ମୁନା ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଖବର ପାଇ ସୁକିନ୍ଦା ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ମୁନାଙ୍କ ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପରେ ତାକୁ ତୁରନ୍ତ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ବୁଧବାର କଟକରେ ଶବ ବ୍ୟବଚ୍ଛେଦ ପରେ ମୁନାର ପରିବାର ଲୋକେ ମୃତଦେହ ଆଣି ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। କୌଣସି ଏକ ଗାଡ଼ି ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା କୁହାଯାଉଛି। ସୁକିନ୍ଦା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଜେନାପୁର ଥାନା ଅଞ୍ଚଳରେ ବିଦ୍ୟୁତ୍ ତାର ଚୋରି ବଢୁଛି

# ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଦ୍ୟୁତ୍ ତାର ଚୋରି

କବାଟବନ୍ଧ,୩।୭(ସମିସ):




- ଲଗାତାର ଚୋରିକୁ ନେଇ ଚିନ୍ତାରେ ଚାଷୀ
- ଥାନାରେ ଗଡୁଛି ଏକାଧିକ ମାମଲା
- ଦୁର୍ବୃତ୍ତଙ୍କୁ ଗିରଫ ଦାବି

ଜେନାପୁର ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧୀକ କାର୍ଯ୍ୟକଳାପ ଏବଂ ଚୋରି ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଥାନା ଅଞ୍ଚଳରେ ବିଦ୍ୟୁତ୍ ତାର ଚୋରି ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଏନେଇ ଜେନାପୁର ଥାନାରେ ମାଳମାଳ ଅଭିଯୋଗ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସୂଚନାନୁଯାୟୀ, ଗତ କିଛି ଦିନହେବ ଜେନାପୁର ଥାନାଞ୍ଚଳ ମାଫିଆ ଏବଂ ଚୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏନେଇ ଅଭିଯୋଗ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାରମ୍ବାର ଅପରାଧ ଘଟାଇବାକୁ ଅପରାଧୀଙ୍କ ସାହସ ବୃଦ୍ଧି ପାଉଛି। କହିବାକୁ ଗଲେ ଅପରାଧୀମାନେ ପୁଲିସକୁ ଖାତିର କରୁ ନାହାଁନ୍ତି ବା ଚାଲେଞ୍ଜ କରୁଛନ୍ତି। ଜେନାପୁର ଥାନା ଅଧୀନ କବାଟବନ୍ଧ ବିଦ୍ୟୁତ୍ ସବଷ୍ଟେସନ ଅଧୀନ ବିଭିନ୍ନ ସ୍ଥାନରେ ଚାଷୀମାନେ ଜଳସେଚନ ପାଇଁ କରିଥିବା ବୋରୱେଲରୁ ଲଗାତାର ଚୋରି ହେଉଛି। ଚୋରମାନେ ଲକ୍ଷ ଲକ୍ଷ ଟଙ୍କାର ତାରକୁ ଅତି ସହଜରେ ଚୋରିକରି ନେଉଥିବା ଜଣାପଡ଼ିଛି। ଏଣ୍ଡଲବା, ରେଖିଦେଇପୁର, ତାଳଜଙ୍ଗ, କଣ୍ଟାପାଟଣା ଆଦି ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଚାଷୀଙ୍କ ବୋରୱେଲକୁ ସଂଯୋଗ କରୁଥିବା ଥ୍ରୀଫେଜ୍ ତାରକୁ ଚୋରମାନେ ନେଇଯାଇଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଜେନାପୁର ଥାନାରେ ୩ଟି ଏତଲା ଦିଆଯାଇଥିବା ସୂଚନା ମିଳିଛି। ଲଗାତାର ଏଭଳି ଚୋରିକୁ ନେଇ ଚାଷୀକୁଳ ଚିନ୍ତାରେ ରହିଥିବା ବେଳେ ଚୋରଙ୍କ ପାଦୁର୍ଭାବକୁ ନେଇ ସ୍ଥାନୀୟ ଜନସାଧାରଣ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଚୋରି ହେଉଥିବା ସ୍ଥାନଗୁଡ଼ିକ ରାସ୍ତାକଡ଼ ଅଟେ। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଗତ ଅପ୍ରେଲରେ ଏଣ୍ଡଲବା ପଞ୍ଚାୟତର ବାଲିପଡ଼ିଆରୁ ପାଟପୁର ପାହାଡ଼ ପର୍ଯ୍ୟନ୍ତ ତାର ଚୋରି ହୋଇଥିଲା। ଯାହାକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ୧୪ ସ୍ପାମ ବା ୭ଶହ ମିଟର ଲମ୍ବା ବୋଲି କୁହାଯାଇଛି। ଏନେଇ ବିଭାଗ ପକ୍ଷରୁ ଅପ୍ରେଲ ୧୧ ତାରିଖରେ ଜେନାପୁର ଥାନାରେ ଅଭିଯୋଗ କରାଯାଇଥିଲା। ଏହାର ମାସେ ନ ପୂରୁଣୁ ପୁନର୍ବାର ମେ' ମାସରେ ରେଖିଦେଇପୁର ପଞ୍ଚାୟତରେ ଚୋରି ହୋଇଥିଲା। ତାଳଜଙ୍ଗ ରେଖିଦେଇପୁର ରାସ୍ତାର ଭୁଆଶୁଣି ମନ୍ଦିରରୁ ପାଇକରାପୁର ମଝି ଅର୍ଥାତ ଖୋଳାନାଳ ଅଞ୍ଚଳ କୁହାଯାଉଥିବା ସମସ୍ତ ଏରିଆରୁ ତାର ଚୋରି ହୋଇଥିଲା। ଏହି ଅଞ୍ଚଳରେ ପ୍ରାୟ ୨୫ରୁ ଅଧିକ ବିଦ୍ୟୁତ୍‌ଖୁଣ୍ଟରେ ଚଢ଼ି ଚୋରମାନେ ତାର ନେଇଥିଲେ। ଅଞ୍ଚଳରୁ ଚୋରି ହୋଇଥିବା ତାର ୨୨ ସ୍ପାମ ଅର୍ଥାତ ୧୧ ଶହ ମିଟର ଲମ୍ବା ବୋଲି ବିଦ୍ୟୁତ୍ ବିଭାଗ କହିଛି। ଏନେଇ ବିଦ୍ୟୁତ ବିଭାଗ ପକ୍ଷରୁ ଜେନାପୁର ଥାନାରେ ମେ' ମାସ ୧୦ ତାରିଖରେ ଏତଲା ଦିଆଯାଇଛି। ଏତଲା ଦିଆଯିବାର ୨୪ ଘଣ୍ଟା ନ ପୁରୁଣୁ ଆଉ ଏକ ତାର ଚୋରି ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ସେହିଦିନ ରାତିରେ ଇଲେକ୍ଟ୍ରି ଅଫିସରୁ ମାତ୍ର ୧କିଲୋମିଟର ଦୂର ୫୩ ନମ୍ବର ଜାତୀୟ ରାଜପଥ ଠାରୁ ବଳରାମପୁର ତଳଗଡ଼ ଯିବା ରାସ୍ତାରେ ପଶି ଟ୍ରାନ୍ସଫର୍ମରରୁ ୪ଟି ବୋରୱେଲକୁ ଏବଂ ଏକ ପ୍ରାଇଭେଟ ସ୍କୁଲକୁ ଯାଇଥିବା ତାରକୁ ଚୋରମାନେ ନେଇ ଯାଇଛନ୍ତି। ପୁନର୍ବାର ଗତ ୨୭ ତାରିଖରେ ଆଉ ଏକ ଚୋରି ସ୍ଥାନୀୟ ଅଞ୍ଚଳ ତଥା ଚାଷୀଙ୍କ ମନରେ ଭୟ ସୃଷ୍ଟି କରିଛି। ପାଇକରାପୁରରୁ ରେଖିଦେଇପୁର ପର୍ଯ୍ୟନ୍ତ ପ୍ରାୟ ୨୦ ସ୍ପାମରୁ ଅଧିକ ଯାହାକି ୧ କିଲୋମିଟରରୁ ଅଧିକ ଲମ୍ବା ପର୍ଯ୍ୟନ୍ତ ତାରକୁ ଚୋରମାନେ ନେଇ ଯାଇଛନ୍ତି। ଏନେଇ ଜେନାପୁର ଥାନାରେ ଆଉ ଏକ ଏତଲା ଗତ ୨ ତାରିଖରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କରାଯାଇଛି। କେବଳ ଇଲେକ୍ଟ୍ରି ତାର ଚୋରିକୁ ନେଇ ମୋଟ ୪ଟି ଏତଲା ଦିଆଯାଇଛି। ମାତ୍ର କାର୍ଯ୍ୟାନୁଷ୍ଠାନ ଶୂନ୍ୟ ଏବଂ ପୁଲିସକୁ ଏମିତି ଖୋଲାଖୋଲି ଚ୍ୟାଲେଞ୍ଜ ଦେଇ ସିରିଜ ଇଲେକ୍ଟ୍ରି ତାର ଚୋରିକୁ ନେଇ ଅନ୍ୟ ଚାଷୀମାନେ କଣ କରିବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ଚୋରମାନେ ନିର୍ଦ୍ଦିଷ୍ଟ ବୋରୱେଲକୁ ସଂଯୋଗ କରୁଥିବା ତାରକୁ ଟାର୍ଗେଟ କରୁଛନ୍ତି। ଏହା ଟ୍ରାନ୍ସଫର୍ମରରୁ ଯେତେଦୂରରେ ରହିଥିଲେ ମଧ ଏହାକୁ ମଝିରେ କଟାଯାଇନଥାଏ। ତେଣୁ ଏତେ ପରିମାଣର ଲମ୍ବା ତାରକୁ ନେଇ ସେମାନେ ବଡ଼ବଡ଼ ଟେଷ୍ଟ ହାଉସ, ଡିଜି ଚଳାଉଥିବା କମ୍ପାନୀ କିମ୍ବା କବାଡ଼ିଆ ଦୋକାନ ଆଦିକୁ ବିକ୍ରି କରୁଥିବା ଅନୁମାନ କରାଯାଉଛି। ଏହି ୪ଟି ଘଟଣାରେ ଚୋରି ହୋଇଥିବା ତାରର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଥାନା ଅଞ୍ଚଳରେ ଏମିତି ତାର ଚୋରିରେ ପୂର୍ଣ୍ଣଛେଦ ପଡ଼ିବ ନା ଆଗକୁ ଚୋରି ବୃଦ୍ଧି ପାଇବ ତାହା ଦେଖିବାକୁ ବାକି ରହିଲା। ଏନେଇ ଜିଲ୍ଲା ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରି ଚୋରି ତାରକୁ ଉଦ୍ଧାର କରିବା ସହିତ ଚୋରମାନଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ



ବରୀ,୩।୭(ସମିସ): ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରାମପୁରରେ ଭାରତ ସରକାରଙ୍କର ସେଣ୍ଟର ଫର ଏନଭର୍ଣ୍ଣମେଣ୍ଟାଲ ଷ୍ଟଡିଜ ଭୁବନେଶ୍ୱର ଆନୁକୂଲ୍ୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବାବାଜୀ ଚରଣ ଦାସ, ସୁବାଷ ଚନ୍ଦ୍ର ସାହୁ, ନିର୍ମଳ ଚନ୍ଦ୍ର ବେହେରା, ସୁଚିତ୍ରା ଖୁଣ୍ଟିଆ, ଦୁଃଶାସନ ବେହେରା, ଗୌରୀପ୍ରସାଦ ସାମଲ ଓ ବ୍ରଜକିଶୋର ରାଉତ ଆଦି ସଭାର ସଫଳତା ପାଇଁ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ତଥା ଡେପୁଟି ଇଲେକ୍ଟ୍ରିକାଲ ଇନ୍ସପେକ୍ଟର, ଯାଜପୁରର ସୋନାଲି ଶ୍ୱେତପଦ୍ମା ଏବଂ ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ଏକଜୁକ୍ୟୁଟିଭ ଇଞ୍ଜିନିୟର ତଥା ଆସିଷ୍ଟାଣ୍ଟ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର, ଯାଜପୁରର ସମୀକ୍ଷା ମହାପାତ୍ର, ଟିଏ ବୀରେନ୍ଦ୍ର କୁମାର ରାଉତ, ଟିଏ.ଆସିଷ୍ଟାଣ୍ଟ ରାମଚନ୍ଦ୍ର ସାହୁ ଯୋଗଦେଇଥିଲେ। ବକ୍ତାମାନେ ବିଦ୍ୟୁତ୍ ସୁରକ୍ଷା ଜୀବନ ରକ୍ଷା ବାର୍ତ୍ତା ଦେଇଥିଲେ। ଭିଡିଓ କ୍ଲିପ ଓ ପିପିଟି ମାଧ୍ୟମରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସଭାରେ ଆଖପାଖ ଗ୍ରାମର ବହୁ ସଂଖ୍ୟକ ମିଶନ ଶକ୍ତିର ମାଆମାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଦ୍ୟାଳୟର କର୍ମଚାରୀ ପିତାମ୍ବର ଦାସ, ସୁବାଷ ଚନ୍ଦ୍ର ପ୍ରଧାନ ଓ ନିର୍ମଳ ଚନ୍ଦ୍ର ସାମଲ ସଭାର ସାଫଲ୍ୟତା ପାଇଁ ସମସ୍ତ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଦ୍ୟୁତ ସୁରକ୍ଷା ସମ୍ବନ୍ଧିତ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ପରିଷଦର କର୍ମୀ ସମ୍ମିଳନୀ

ହାତୀବାରି,୩।୭(ସମିସ): ହାତୀବାରିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା କୃଷକ ବିକାଶ ପରିଷଦର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା କାର୍ଯ୍ୟକାରୀ ସଭାପତି ଅମର ବଲ୍ଲଭ ସାହୁଙ୍କ ଅଧ୍ୟକ୍ଷତାରେ କର୍ମଶାଳାରେ ଦାନଗଦି, ସୁକିନ୍ଦା, ଧର୍ମଶାଳା, ରସଲପୁର ଓ ବିଞ୍ଝାରପୁର ବ୍ଲକ୍‌ର ଅନେକ କର୍ମକର୍ତ୍ତା ଯୋଗଦେଇ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ଅଲୋଚନା କରିଥିଲେ। ଉପଦେଷ୍ଟା କମିଟି ଅଧ୍ୟକ୍ଷ ବିଜୟ କୁମାର ଦେବତା କର୍ମୀମାନଙ୍କୁ ମିଳିମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ବିଞ୍ଝାରପୁର ବ୍ଲକ୍‌ର ସଭାପତି ଧୀରେନ୍ଦ୍ର ଦାସ ଓ ଧର୍ମଶାଳା ବ୍ଲକର ସଭାପତି ପ୍ରଦୀପ ଶତପଥୀ ସଂଘର ଉନ୍ନତି ମୂଳକ ଦିଗରେ ଆଲୋଚନା କରିଥିଲେ।



ଆଲୋଚନାରେ ଝରଣା ଶତପଥୀ, ବୈଜୟନ୍ତ ରାଉତ୍, ଅଞ୍ଜନା ମହାନ୍ତି, ଭାଗ୍ୟଶ୍ରୀ ମଲ୍ଲିକ, ସବିତା ଭୂୟାଁ, ପୁଷ୍ପାଞ୍ଜଳି ବେହେରା, ରେଣୁବାଳା ପୁହାଣ, ବିନୋଦିନୀ ମଲ୍ଲିକ, ବିଶ୍ୱଜିତ୍ ପାତ୍ର, ଶ୍ରୀକାନ୍ତ ବାରିକ୍, ସୂର୍ଯ୍ୟମଣି ନାଥ ପ୍ରମୁଖ ଯୋଗଦେଇଥିଲେ। ଆଗକୁ ଏକ ବିଶାଳ ସଂଗଠନର ପରିକଳ୍ପନା କରି ସଭ୍ୟ ସଭ୍ୟାମାନଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକାରୀ ସଭାପତି ସଭା ସଙ୍ଗ କରିଥିଲେ।

## ୮ରେ ଡ୍ରାଇଭର ସଂଘର ଗଣଧାରଣା

ଧର୍ମଶାଳା,୩।୭(ସମିସ): ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତି କ୍ରମେ ଧର୍ମଶାଳା ଶାଖା ପକ୍ଷରୁ ୧୬ନଂ ଜାତୀୟ ରାଜପଥ ଜାରକା ଛକ ଓ ୫୩ନଂ ଜାତୀୟ ରାଜପଥର କନ୍ତପଡାରେ ୭ଦଫା ଦାବିରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ। ଏନେଇ ଧର୍ମଶାଳା ଶାଖାର ସଭାପତି ଲୋକନାଥ ପୁରୀ ଓ ସମ୍ପାଦକ ଅମୂଲ୍ୟ କୁମାର ମଳିକ ଜାରକାରେ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। ଓଡ଼ିଶା ଡ୍ରାଇଭର ମହାସଂଘ ତାର ୧୦ ଦଫା ଦାବିରେ ୨୦୨୩ ମସିହା ମାର୍ଚ୍ଚ ମାସ ୧୫ ତାରିଖରେ ଭୁବନେଶ୍ୱରରେ ବିରାଟ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ତତକାଳୀନ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଡ୍ରାଇଭରଙ୍କ ସ୍ୱାଭାବିକ ମୃତ୍ୟୁରେ ୨ ଲକ୍ଷ ଏବଂ ଦୁର୍ଘଟଣାଜନିତ ମୃତ୍ୟୁରେ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ସରକାର ଘୋଷଣା କରିଥିଲେ। ଅନ୍ୟାନ୍ୟ ମୁଖ୍ୟଦାବିକୁ ରାଜ୍ୟ ସରକାର ପର୍ଯ୍ୟାୟ କ୍ରମେ ପୂରଣ କରିବେ ବୋଲି ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ। ଚଳିତ ବର୍ଷ ନୂତନ ସରକାରଙ୍କ ସମୟରେ ମାର୍ଚ୍ଚ ୨୯ ତାରିଖରେ ରାଜ୍ୟ ଡ୍ରାଇଭର ମହାସଙ୍ଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ମାତ୍ର ଅଦ୍ୟାବଧି କୌଣସି ଦାବି ପୂରଣ ନ ହେବାରୁ ରାଜ୍ୟ ମହାସଂଘର ନିଷ୍ପତ୍ତି କ୍ରମେ ଆସନ୍ତା ୮ ତାରିଖରୁ କୌଣସି ଡ୍ରାଇଭର ଗାଡି ଚଳେଇବେ ନାହିଁ ବୋଲି ନିଷ୍ପତ୍ତି ନେବା ସହିତ ସମସ୍ତ ଡ୍ରାଇଭର ଧାରଣାରେ ଯୋଗ ଦେବେ ବୋଲି ସଙ୍ଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଆବଶ୍ୟକ ପଡ଼ିଲେ, ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଙ୍ଘ ନିଷ୍ପତ୍ତି କରିଛି। ଧାରଣା ସମୟରେ ରାଜ୍ୟରେ ଯଦି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ ତା ହେଲେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମହାସଂଘ ଚେତାବନୀ ଦେଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ପାଣିକୋଇଲି,୩।୭(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଅମୃତିଆର ରାସ୍ତାର ଜବାହାର ନବୋଦୟ ବିଦ୍ୟାଳୟର ଅନତୀ ଦୂରରେ ବାଇକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି। ପ୍ରକାଶଯେ କୋରେଇ ଥାନା ଅଧୀନ ଅମୃତିଆ ପଞ୍ଚାୟତ ଭାଟ ସୋଲପଟା ଗ୍ରାମର ସୁରେନ୍ଦ୍ର ସାହୁଙ୍କ ପୁଅ ପ୍ରୀୟବ୍ରତ ସାହୁ (୪୨) ବୁଧବାର ବିଳମ୍ବିତ ରାତ୍ରୀ ପ୍ରାୟ ୨ଟା ସମୟରେ କଳିଙ୍ଗନଗର ଶିଳ୍ପାଞ୍ଚଳରୁ କାମସାରି ଘରକୁ ଫେରୁଥିବା ବେଳେ ନବୋଦୟ ବିଦ୍ୟାଳୟର ଅନତୀଦୂରରେ ଭାରସାମ୍ୟ ହରାଇ ରାସ୍ତାରେ ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ୧୦୮ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ବାଇକ୍, ମୋବାଇଲ ଓ ପର୍ସକୁ ଜବତ କରିଥିଲା। ଯାଜପୁର ଡାକ୍ତରଖାନାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗୁରୁବାର ତାଙ୍କ ମୃତ ଶରୀରକୁ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇଥିଲା। ଶୋକାକୁଳ ପରିବେଶରେ ଗାଁରେ ଶେଷକୃତ ସମ୍ପନ୍ନ କରାଯାଇଛି।

## ପ୍ରଶାସନ ବିଫଳ
# ନିଜ ଖର୍ଚ୍ଚରେ ରାସ୍ତା ମରାମତି କଲେ ଗ୍ରାମବାସୀ

ରଗଡ଼ି,୩।୭(ସମିସ):





ପ୍ରଶାସନ ଠାରୁ ଜନନେତା କେହି ଶୁଣିଲେନି; ଶେଷରେ ଗାଁ ଲୋକେ ରାସ୍ତା ମରାମତି କରିବାକୁ ବାଧ ହୋଇଛନ୍ତି। କୋରେଇ ବ୍ଲକ୍ ଅନ୍ଧାରୀ ପଞ୍ଚାୟତ ଆବୁଲୁପୁରା ଗ୍ରାମବାସୀ ଯାତାୟାତ ପାଇଁ ନିଜ ଖର୍ଚ୍ଚରେ କ୍ରସର ଗୁଣ୍ଡ ପକାଇ ଖାଲଖମାକୁ ମରାମତି କରିଛନ୍ତି। ତେବେ ରାସ୍ତା ନିଚ୍ଚାଥିବାରୁ ବର୍ଷା ପାଣି ପ୍ରବାହିତ ହେଉଥିବାରୁ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ମରାମତି କରିବା ସମ୍ଭବ ହେଲା ନାହିଁ। ପାଣିର ସୁଅରେ ପଶି ଲୋକେ ଯାତାୟାତ କରୁଛନ୍ତି। ସହର ଭଳି ଗାଁ ଲୋକେ ପକ୍କା ରାସ୍ତାରେ ଚାଲିବା ପାଇଁ କେନ୍ଦ୍ରଠୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଏକାଧିକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଲୋକଙ୍କ ଯାତାୟାତ ବ୍ୟବସ୍ଥା ସୁଗମ ହେଲେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ, ହେଲେ ଏ ପର୍ଯ୍ୟନ୍ତ ଗୋଟିଏ ବି ଯୋଜନା ଗାଁ ରାସ୍ତା ପାଇଁ କାମରେ ଲାଗିପାରିଲା ନାହିଁ। ଦେଶ ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଲୋକଙ୍କ ମୌଳିକ ସମସ୍ୟା ଦୂର ହୋଇପାରିଲା ନାହିଁ। ପକ୍କାରାସ୍ତାଟିଏ ଗାଁ ପାଇଁ ଆଜି ସ୍ୱପ୍ନ ହୋଇଛି। ଭୋଟ ଆସୁଛି ଏବଂ ଯାଉଛି। ଜନନେତା ଆସୁଛନ୍ତି ଏବଂ ଯାଉଛନ୍ତି। ହେଲେ କେବଳ ପ୍ରତିଶ୍ରୁତି ହୋଇରହିଯାଇଛି। ଗ୍ରାମବାସୀଙ୍କ ଯାତାୟାତ ଦୁଃଖ ଦୂର ହୋଇପାରିନି। ଦୀପ ତଳ ଅନ୍ଧାର ପରି ଗ୍ରାମବାସୀଙ୍କ ଅବସ୍ଥା। କହିବାକୁ ଗଲେ ରାଜନୈତିକ କି ପ୍ରଶାସନିକ ଶୁଭଦୃଷ୍ଟି ଏପର୍ଯ୍ୟନ୍ତ ଏ ଗାଁ ଉପରେ ପଡ଼ିନାହିଁ। ଆଜି ବି ପାଣି କାଦୁଅରେ ପଶି ଲୋକଙ୍କୁ ଯାତାୟାତ କରିବାକୁ ପଡୁଛି। ଏକେଉଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର କାହାଣୀ ନୁହେଁ, ଖୋଦ ଉପକୂଳବର୍ତ୍ତୀ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ ଜଜାଙ୍ଗୀ ଆବୁଲୁପୁରା ଗାଁର ଯାତାୟାତ ସମସ୍ୟା। ଗାଁଟି କେନ୍ଦୁଝର ଓ ଯାଜପୁର ଜିଲ୍ଲାର ସୀମାକୁ ଲାଗି ରହିଛି। ଏନ୍‌ଏଚ୍ ୨୦ରୁ ଗୌରାପାଳ ଗାଁକୁ ଯାଇଥିବା ରାସ୍ତାର ସାମାନ୍ୟ ଦୂରରେ ଗାଁର ରାସ୍ତା ସଂଯୋଗ କରିଛି। ଜାତୀୟ ରାଜପଥରୁ ଗାଁର ଦୂରତା ମାତ୍ର ଅଧ କିଲୋମିଟର ଏବଂ ଏଠାକାର ଲୋକ ସଂଖ୍ୟା ୫ଶହରୁ ଊର୍ଦ୍ଧ୍ୱ। ଏପର୍ଯ୍ୟନ୍ତ ଗାଁକୁ ସବୁଦିନିଆ ରାସ୍ତା ଖଣ୍ଡେ ନିର୍ମାଣ ସମ୍ଭବ ହେଲାନାହିଁ। ଯାହା ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇରହିଯାଇଛି। ବର୍ଷାଦିନେ ଲୋକଙ୍କୁ ପାଣିରେ ପଶି ଯାତାୟାତ କରିବାକୁ ପଡ଼େ। ସ୍କୁଲ କଲେଜକୁ ମଧ ଛାତ୍ରଛାତ୍ରୀଙ୍କୁ ବହୁ ଅସୁବିଧାରେ ଯିବାକୁ ପଡିଥାଏ। ଗ୍ରାମବାସୀଙ୍କ ଦୀର୍ଘଦିନ ଧରି ଲାଗି ରହିଥିବା ଯାତାୟାତ ସମସ୍ୟା ଦୂର ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯିବାକୁ ଦାବି ହୋଇଛି।



### ୫ଶହ ଚାଷୀଙ୍କ ଟୋକନ ଅକାମୀ ଘଟଣା

# ଟୋକନ ଲାପ୍ସ ପାଇଁ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ, ମିଲର ଦାୟୀ: ପ୍ୟାକ୍ସ ସଭାପତି

**କୟାଁଗୋଲା/ମଙ୍ଗଳପୁର,୩।୭ (ସମିସ):**

କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବାସ୍ତବ କ୍ଷେତ୍ରରେ କିନ୍ତୁ ସ୍ଥିତି ସମ୍ପୂର୍ଣ୍ଣ ଓଲଟା। କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ମନମୁଖୀ ନୀତି ପାଇଁ ସରକାରଙ୍କ କୃଷକ ଉନ୍ନତି ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନଥିବା ଅଭିଯୋଗ ହେଉଛି। ଏମିତି ଏକ ଘଟଣା ଦଶରଥପୁର ବ୍ଲକ କମାରଡ଼ିହି ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଦେଖିବାକୁ ପାଇଁ ମିଳିଛି। ସମିତିର ସଭାପତି ଭାଗିରଥି ସାହୁଙ୍କ ଅଭିଯୋଗ ଅନୁଯାୟୀ, ସରକାର କୃଷକମାନଙ୍କର ଆର୍ଥିକ ସ୍ଥିତିର ଉନ୍ନତି ପାଇଁ ଧାନର ସହାୟକ ମୂଲ୍ୟ ୩୧ ଶହ ଟଙ୍କାକୁ ବୃଦ୍ଧି କରିଥିବା ବେଳେ ପ୍ରକୃତ ଚାଷୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀମାନେ ଦାୟୀ ବୋଲି ପ୍ୟାକ୍ସ ସଭାପତି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ରବିଧାନ କ୍ରୟ ପାଇଁ ବିଳମ୍ବରେ ଚାଷୀ ପଞ୍ଜୀକରଣ କରାଯିବା ସହ ସର୍ଭେ ମଧ୍ୟ କରାଯାଇଥିଲା। ସେହିପରି ମେ'ରେ ମଣ୍ଡି ଲାଗିବା ପରିବର୍ତ୍ତେ ଜୁନ୍ ୨ ତାରିଖରେ ଲାଗିଥିଲା। ସରକାରଙ୍କ ପକ୍ଷରୁ ପ୍ୟାକ୍ସକୁ ଧାନ କିଣିବା ପାଇଁ ଯେତିକି ଟାର୍ଗେଟ ଦିଆଗଲା ସେହି ଧାନ କିଣିବା ପାଇଁ ମିଲରମାନେ ସେହି ଅନୁଯାୟୀ ଗାଡ଼ି ପଠାଇଲେ ନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଜୁନ ୨୧ ତାରିଖ ଦିନ ମା' ଜୟଚଣ୍ଡୀ ପୀଠରେ ବିଞ୍ଝାରପୁରର ବିଧାୟିକା ପ୍ରମିଳା ମଲ୍ଲିକ ଚାଷୀମାନଙ୍କ ଏବଂ ମଣ୍ଡିରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀଙ୍କର ସମସ୍ୟା ଜାଣିବା ପରେ ବିଧାୟିକା ଶ୍ରୀମତୀ ମଲ୍ଲିକ ଜିଲ୍ଲା ଯୋଗାଣ ଅଧିକାରୀ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। କିପରି ସବୁ ଚାଷୀଙ୍କର ଅମଳ ଧାନକୁ ମିଲରମାନେ କିଣିବେ ସେଥିନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ବିଧାୟିକାଙ୍କ ଆଲୋଚନା ପରେ ଜିଲା୍‌ପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ସମସ୍ତ ଚାଷୀଙ୍କର ଧାନକୁ ସରକାର କିଣିବେ ଏବଂ କୌଣସି ଜଣେ ଚାଷୀଙ୍କର ଟୋକନ ଲାପ୍ସ ହେବ ନାହିଁ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହିନିର୍ଦ୍ଦେଶକୁ ନାଁ ଶୁଣିଲେ ଜିଲ୍ଲାପାଳ, ନାଁ ଶୁଣିଲେ ଜିଲ୍ଲା ଯୋଗାଣ ଅଧିକାରୀ ଏପରିକି ମିଲରମାନେ ମଧ୍ୟ ଶୁଣିନାହାନ୍ତି ବୋଲି ପ୍ୟାକ୍ସ ସଭାପତି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଜୁନ ୨୪ ତାରିଖ ସୁଦ୍ଧା ଟାର୍ଗେଟ ଅନୁଯାୟୀ ମିଲରମାନେ ଧାନ ନକିଣିବା ଫଳରେ ଶହଶହ ଚାଷୀ ଏକଜୁଟ ହୋଇ ୨୫ ତାରିଖ ଦିନ କମାରଡ଼ିହି ଛକ ନିକଟରେ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନରେ ବସିଥିଲେ।

**ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ଦୀର୍ଘ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଷୀମାନେ ଆନ୍ଦୋଳରେ ବସିବା ପରେ ଜିଲ୍ଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀ, ଦଶରଥପୁର ତହସିଲଦାର, ମଙ୍ଗଳପୁର ଥାନା ଅଧିକାରୀଙ୍କ ସହ ଅନ୍ୟ କିଛି ଅଧିକାରୀ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଥିଲେ। ଏଥିସହ ଜିଲ୍ଲା ଯୋଗାଣ ଅଧିକାରୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଟୋକନ ଅବଧି ବୃଦ୍ଧି କରିବା ସହ ଚାଷୀଙ୍କୁ ମିଳିଥିବା ସମସ୍ତ ଟୋକନର ଧାନ ସରକାର ତଥା ମିଲର କିଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କଥାକୁ ବିଶ୍ୱାସକୁ ନେଇ ଚାଷୀ ଆନ୍ଦୋଳନରୁ ଓହରିଥିଲେ ବୋଲି ସମିତିର ସଭାପତି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଲା। ନାଁ ଆସିଲେ ମିଲର ନାଁ ଆସିଲା ଗାଡ଼ି। ଯାହାଫଳରେ କମାରଡ଼ିହି ପ୍ୟାକ୍ସରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଚାଷୀ ଧାନ ଦେବାରୁ ଚଳିତ ବର୍ଷ ବଞ୍ଚିତ ହୋଇଛନ୍ତି। ପରେ ଆନ୍ଦୋଳନର ଗୋଟିଏ ଦିନ ପରେ ବିଞ୍ଝାରପୁରର ବରିଷ୍ଠ ବିଜେପି ନେତ୍ରୀ ବବିତା ମଲ୍ଲିକ ସମିତି କାର୍ଯ୍ୟାଳୟ ନିକଟ ସାଇମନ୍ଦିର ନିକଟରେ ପହଞ୍ଚି ସମିତିର ସମ୍ପାଦକ ସୁବାସ ନାୟକଙ୍କୁ ଡକାଇ ଚାଷୀଙ୍କ ଉପସ୍ଥିତିରେ ଧାନମଣ୍ଡିରେ ଉପୁଜି ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଟୋକନ ଅବଧି ଜୁନ ୩୧ ତାରିଖକୁ ବୃଦ୍ଧିକରି ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଫଳ ଶୂନ ହୋଇଛି। ଟୋକନ ଅବଧି ଶେଷଦିନ ଅର୍ଥାତ ୩୧ ତାରିଖ ଯାଜପୁର ଉପଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀଙ୍କ ସମେତ କିଛି ବିଭାଗୀୟ ଅଧିକାରୀ ସମିତି କାର୍ଯର୍ୟାଳୟ ନିକଟରେ ପହଞ୍ଚି ସମିତିର ସମ୍ପାଦକଙ୍କୁ ସମସ୍ତ ଚାଷୀମାନଙ୍କର ଆଖି ସ୍କାନ କରିବା ପାଇଁ ମୌଖିକ ଭାବେ କହିଥିଲେ। ହେଲେ କୌଣସି ଲିଖିତ ଆଦେଶନାମା ଦେଇନଥିଲେ ବୋଲି ସମିତିର ସଭାପତି ଶ୍ରୀ ସାହୁ ଅଭିଯୋଗ କରିବା ସହ ଚାଷୀଙ୍କୁ ଭୂଆଁ ବୁଲାଇବା ପାଇଁ ଏଥିଲା ଶେଷ ଉପାୟ ବୋଲି ପ୍ୟାକ୍ସ ସଭାପତି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ସେହିପରି ସରକାର ଚାଷୀମାନଙ୍କୁ ଟୋକନ ଦେବା ସହ ସମିତିକୁ ଟାର୍ଗେଟ ଦେଇଥିଲେ ମଧ୍ୟ କେଉଁ କାରଣରୁ ମିଲରମାନେ ଧାନ କିଣିଲେ ନାହିଁ ଏହାର ତଦନ୍ତ କରି ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ୟାକ୍ସ ସଭାପତି ଭାଗିରଥି ସାହୁଙ୍କ ସମେତ ଶତାଧିକ ଚାଷୀ ଯାଜପୁର ଜିଲ୍ଲାପାଳ, ଯୋଗାଣ ମନ୍ତ୍ରୀ ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

## ବିଜେଡି ସୋସିଆଲ ମିଡିଆ କର୍ମୀଙ୍କ ଘରେ ପୂର୍ବତନ ସାଂସଦ



**କାଳିଆପାଣି,୩।୭ (ସମିସ):** ସୁକିନ୍ଦା ବିଜୁ ଜନତାଦଳର ସୋସିଆଲ ମିଡିଆ କର୍ମୀ ଭାବେ କାର୍ଯ୍ୟ କରୁଥିବା କର୍ମୀ ସିଦ୍ଧାନ୍ତ ବେହେରାଙ୍କ ରାଁସୋଳ ସ୍ଥିତ ଘରେ ପହଞ୍ଚି ସମବେଦନା ଜଣାଇଛନ୍ତି ପୂର୍ବତନ ସାଂସଦ ସର୍ମିଷ୍ଠା ସେଠୀ। ସିଦ୍ଧାନ୍ତ କିଛିଦିନ ପୂର୍ବେ କାଳିଆପାଣି ଥାନା ଅଧିକାରୀଙ୍କ ବିରୋଧରେ ବିଭିନ୍ନ ପୋଷ୍ଟ କରିବାକୁ ନେଇ ତାଙ୍କୁ କାଳିଆପାଣି ଥାନା ଅଧିକାରୀ ପ୍ରବଳ ମାଡ଼ ମାରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା କରାଯାଇଥିବା ବେଳେ ତାଙ୍କୁ ଭେଟିବା ପାଇଁ ଆଜି ପୂର୍ବତନ ସାଂସଦ ସର୍ମିଷ୍ଠା ସେଠୀ ତାଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହିତ ଘଟଣାକୁ ତିବ୍ର ନିନ୍ଦା କରିଛନ୍ତି। କାଳିଆପାଣି ପୁଲିସର ଏଭଳି ବର୍ବରକାଣ୍ଡକୁ ସେ ନିନ୍ଦା କରିବା ସହିତ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସର୍ମିଷ୍ଠାଙ୍କ ଏହିଗସ୍ତ ସମୟରେ ସ୍ଥାନୀୟ ଅଞ୍ଚଳର ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ଥିଲେ।

## ପଙ୍କପାଳ ବାଲିଘାଟ-୨ ନିକଟରେ ବନ ମହୋତ୍ସବ



**ଦାନଗଦି,୩।୭ (ସମିସ):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଆ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ୭୬ ତମ ବନ ମହୋତ୍ସବ ସପ୍ତାହରେ ସବୁଆଡ଼େ ଚାରାରୋପଣ ହେଉଛି। ଏହି ପ୍ରରିପ୍ରେକ୍ଷିରେ ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ପଙ୍କପାଳ ପଞ୍ଚାୟତର ନୀଳମଣିଦେଇପୁର ଶାସନଠାରେ ଆଜି ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। କଟକ ବନଖଣ୍ଡର ଟମକା ବନାଞ୍ଚଳର ଅଧିକାରୀ କିଶୋର କୁମାର ପାଣିଗ୍ରାହୀ, ବନପାଳ ଲକ୍ଷ୍ମୀଧର ନାୟକ, ଯଖପୁରା ଥାନା ର ଏସ୍ଆଇ ଚିତ୍ତରଞ୍ଜନ ବଳବନ୍ତରାୟ, ପଙ୍କପାଳ ବାଲିଘାଟ ତରଫରୁ ବିଶ୍ୱପ୍ରକାଶ ସାହୁ ଓ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ କିସମର ଚାରାରୋପଣ ହୋଇଥିଲା। ପଙ୍କପାଳ-୨ ବାଲିଘାଟର ଦୈତାରୀ ଧଳଙ୍କ ଆନୁକୂଲ୍ୟରେ ଓ ଉତ୍କର୍ଷ ଆନିମଲ ଟ୍ରଷ୍ଟର ସହଯୋଗରେ ଏହି ବାଲିଘାଟ ନିକଟରେ ଥିବା ରାସ୍ତା ପାଶ୍ୱର୍ ଓ ଖୋଲାପଡ଼ିଆରେ ଆଜିଠାରୁ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହେଲା। ବନ ମହୋତ୍ସବ ସପ୍ତାହ ସରିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ ବୋଲି ଜଣାପଡ଼ିଛି। ଏହି ଅବସରରେ ଉପସ୍ଥିତ ଗ୍ରାମବାସୀଙ୍କୁ ଏସ୍‌ସିଏଫ କିଶୋର କୁମାର ପାଣିଗ୍ରାହୀ ପରିବେଶ ସନ୍ତୁଳନ ଓ ସୁସ୍ଥ ରହିବା ପାଇଁ ସମସ୍ତେ ଗଛ ଲଗାଇବା ନିତ୍ୟାନ୍ତ ଅପରିହାର୍ଯ୍ୟ ଏବଂ ସମସ୍ତେ ଅତି କମରେ ଗୋଟିଏ ଲେଖାଁଏ ଗଛ ଲଗାଇବା ଉଚିତ ବୋଲି କହିଥିଲେ। ପରିବେଶକୁ ସୁସ୍ଥ ସୁନ୍ଦର ରଖିବା ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ତେଣୁ ସମସ୍ତେ ମିଳିମିଶି ପ୍ରତ୍ୟେକ ବର୍ଷ ଚାରାରୋପଣ କରିବା ପାଇଁ ସେ ନିବେଦନ କରିଥିଲେ।

## କାର୍ ଦୁର୍ଘଟଣାରେ ଦୁଇ ଗୁରୁତର

**ସୁକିନ୍ଦା,୩।୭ (ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ଅନନ୍ତପୁର ଛକ ନିକଟରେ ଏକ କାର ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଏହି ଦୁର୍ଘଟଣାରେ କାର ଚାଳକ ବିଂଝାରପୁର ଅଞ୍ଚଳର ଦିପ୍ତିରଞ୍ଜନ ରାଉତଙ୍କର ଛାତି ମାଡ଼ ହୋଇଥିବା ବେଳେ ଆଗରେ ବସିଥିବା ପ୍ରେମାନନ୍ଦ ଖଟୁଆଙ୍କ ହାତ ଭାଙ୍ଗିଯାଇଛି। ସେମାନେ ବୁଧବାର ରାତିରେ ଯାଜପୁର ଟାଉନରୁ ଅନୁଗୁଳ ଯାଉଥିବା ସମୟରେ ଅନନ୍ତପୁର ନିକଟରେ ଦୁର୍ଘଟଣାର ଶୀକାର ହୋଇଥିଲେ। ସୂଚନା ପାଇ ୧୦୮ ଆମ୍ବୁଲାନ୍ସ ଉଭୟଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ସମାଜସେବୀ ବଳରାମ ବେହେରାଙ୍କ ପରଲୋକ

**ବରୀ,୩।୭ (ସମିସ):** ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅଧୀନ ରଙ୍ଗା ପଞ୍ଚାୟତ ନେଉଳା ଗ୍ରାମର ପୂର୍ବତନ ସରପଞ୍ଚଙ୍କ ପତି ସମାଜସେବୀ ବଳରାମ ବେହେରା(୬୨)ଙ୍କ ହୃଦଘାତରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ରାଜନୀତିରେ ରହି



ଲୋକପ୍ରିୟତା ଅର୍ଜନ କରି ପାରିଥିଲେ। ସ୍ୱର୍ଗତ ବେହେରା ଜଣେ ମିଷ୍ଟଭାଷୀ, ମେଳାପି ଓ ପରୋପକାରୀ ବ୍ୟକ୍ତି ଭାବେ ବରୀ ଅଞ୍ଚଳରେ ପରିଚିତ ଥିଲେ। ଶେଷ ଦର୍ଶନପାଇଁ ସାମ୍ବାଦିକ ସଞ୍ଜୟ କୁମାର ବେହେରା, ପୂର୍ବତନ ସ୍ଥାନୀୟ ସରପଞ୍ଚ ମାନସ ଜେନା, ଆଇନଜୀବୀ ତଥା ବରୀ ବାର ଆସୋସିଏସନ ସଭାପତି ରାଜକିଶୋର ସାମଲଙ୍କ ସମେତ ବହୁବ୍ୟକ୍ତି ଉପସ୍ଥିତ ଥିଲେ। ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ମର ଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ପୁଅ ଅମିତ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବେହେରାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆଇଟିଆଇରେ ନାମ ଲେଖାଇଲେ ନଗଡ଼ାର ୭ ଛାତ୍ରଛାତ୍ରୀ

**ଯାଜପୁର,୩।୭ (ସମିସ):** ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହ ଯାଜପୁର ଜିଲ୍ଲାର ବହୁଚର୍ଚ୍ଚିତ ତଥା ଅପହଞ୍ଚ ଇଲାକା ଭାବେ ପରିଚିତ "ନଗଡ଼ାର' ଭୌଗୋଳିକ ସ୍ଥିତି ପରିବର୍ତ୍ତନ କରି ଉନ୍ନତ ନଗଡ଼ା ଭାବେ ପରିଚୟ ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ବରୁଆଁରେ ୭ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ସୁଦୂର ନଗଡ଼ାରୁ ୫ ଜଣ ଛାତ୍ର ଯଥା ବିଜୟ ପ୍ରଧାନ, ପାଣ୍ଡବ ପ୍ରଧାନ, ମୁକୁନି ପ୍ରଧାନ, ସାମଲ ପ୍ରଧାନ, ସୁଦାମ ପ୍ରଧାନ ଓ ୨ ଜଣ ଛାତ୍ରୀ ମୁଖିଆ ପ୍ରଧାନ ଓ କାନ୍ସଲ ପ୍ରଧାନ ନାମ ଲେଖାଇଛନ୍ତି। ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିଲ୍ଲା ନିୟୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ସୁଶାନ୍ତ କୁମାର ନାୟକ ଓ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ଯାଜପୁର ବରୁଆଁର ଅଧ୍ୟକ୍ଷ ଇଂ ପଦ୍ମନ୍ ଚରଣ ସେଠୀ ଓ ଅନୁଷ୍ଠାନର ପ୍ରଶିକ୍ଷକଙ୍କ ପ୍ରଚେଷ୍ଟାରେ ନଗଡ଼ାର ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଲାଭ କରି ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ଅଞ୍ଚଳର ବିକାଶ ପାଇଁ ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାରେ ଆମେମାନେ ଏଠାରେ ନାମ ଲେଖାଇଛନ୍ତି ବୋଲି ଛାତ୍ରଛାତ୍ରୀ ପ୍ରକାଶ କରିଥିଲେ। ଏଠାରେ ପ୍ରଶିକ୍ଷଣ ନେଇ ନିଜର ଦକ୍ଷତା ହାସଲ କରି ଜିଲ୍ଲା ତଥା ରାଜ୍ୟର ବିକାଶ



କ୍ଷେତ୍ରରେ ଅନେକ ସ୍ୱପ୍ନ ଦେଖିଥିବା କହିଥିଲେ। ନାମଲେଖା ପ୍ରକ୍ରିୟାରେ ଶିଳ୍ପ ତାଲିମ୍ ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଶିକ୍ଷଣ ଅଧିକାରୀ ବିଭୂତି ଭୂଷଣ ଆଇଚ, ସହ ପ୍ରଶିକ୍ଷଣ ଅଧିକାରୀ ରଂଜନ କୁମାର ଜେନା, ମନୋଜ କୁମାର ମହାପାତ୍ର, ସ୍ୱାଗତ ସାହୁ, ପ୍ରଶାନ୍ତ କୁମାର ରଣା, ମଧୁସୂଦନ ମିଶ୍ର, ରିଙ୍କି ବେହେରା, ପୃଥ୍ୱୀରଞ୍ଜନ ପାଣିଗ୍ରାହୀ, ସନ୍ତୋଷ କୁମାର ଜେନା, ବିକ୍ରମ ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକ, କର୍ମଚାରୀ ନଗଡ଼ାରୁ ଆସିଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସ୍ୱାଗତ କରିଥିଲେ।

## ଟାଟା ଷ୍ଟିଲ ଫାଉଣ୍ଡେସନ୍ ତରଫରୁ ବନ ମହୋତ୍ସବ




**ଦାନଗଦୀ,୩।୭ (ସମିସ):** "ବନ ମହୋତ୍ସବ' ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ୍, ଟାଟା ଷ୍ଟିଲ କଳିଙ୍ଗନଗରର ଲଜିଷ୍ଟିକ୍ସ ଅପରେସନ୍ସ ଏବଂ ପରିବେଶ ବିଭାଗ ସହ ମିଶି ଗୁରୁବାର ବ୍ରାହ୍ମଣୀ ନଦୀ କୂଳରେ ଏକ ବିଶାଳ ଚାରାରୋପଣ ଏବଂ ନଦୀକୂଳ ସଫେଇ ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଳିଙ୍ଗନଗର ସ୍ଥିତ ବ୍ରାହ୍ମଣୀ ନଦୀକୂଳ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଟାଟା ଷ୍ଟିଲ କଳିଙ୍ଗନଗରର ବିଭିନ୍ନ ବିଭାଗରୁ ଆସିଥିବା ୭୦ରୁ ଅଧିକ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ଅଂଶଗ୍ରହଣ କରି ୩୦୦ ଚାରାରୋପଣ କରିଥିଲେ। ଏହି ଅଭିଯାନରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସବୁଜବଳୟ ବୃଦ୍ଧି କରିବା, ମୃତ୍ତିକା କ୍ଷୟ ରୋକିବା ଏବଂ ସ୍ଥାନୀୟ ଜୈବବିବିଧତାକୁ ସମର୍ଥନ କରିବା। ଚାରାରୋପଣ ସହିତ, ପ୍ଲାଷ୍ଟିକ୍ ବର୍ଜ୍ୟପଦାର୍ଥ ପରିଷ୍କାର ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା। ଯାହାଦ୍ୱାରା ପ୍ରଦୂଷଣ ହ୍ରାସ ପାଇବା ସହ ନଦୀ ପରିବେଶର ପ୍ରାକୃତିକ ସଂଗଠନ ପୁନଃସ୍ଥାପିତ ହେବାରେ ସହାୟକ ହେବ।

## ଇ-କେୱାଇସି ନାହିଁ ତ ରାସନ ନାହିଁ

**ଧର୍ମଶାଳା,୩।୭ (ସମିସ):** ଧର୍ମଶାଳା ବ୍ଲକରେ ଧାର୍ଯ୍ୟ ସମୟ ମଧ୍ୟରେ ୧୧ ହଜାର ୩ ଶହ ୩୯ ଜଣ ହିତାଧିକାରୀ ଇ- ୧କେୱାଇସି କରିନାହାନ୍ତି। ଏହି ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ତ୍ୟୋଦୟ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସମୁଦାୟ ୧ ଲକ୍ଷ ୭୮ ହଜାର ୮୩୩ ଜଣ ଉପଭୋକ୍ତା ଅଛନ୍ତି। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୬୭ ହଜାର ୪ଶହ ୮୪ ଜଣ ହିତାଧିକାରୀ ଅର୍ଥାତ ଶତକଡ଼ା ୯୩ ଭାଗ ଲୋକ ଇ -କେୱାଇସି କରିଛନ୍ତି। ପାଖାପାଖି ୧୧ ହଜାର ଅର୍ଥାତ ଶତକଡ଼ା ୭ଭାଗ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁସାରେ ଯେଉଁମାନେ କରିନାହାନ୍ତି ସେମାନେ ଜୁଲାଇ ମାସରୁ ୩ ମାସ ପାଇଁ ରାସନ ସାମଗ୍ରୀ ଦିଆଯିବ ନାହିଁ। ସେହି ୩ମାସ ମଧ୍ୟରେ ଇ- କେୱାଇସି କଲେ ତାଙ୍କୁ ସେମାନେ ରାସନ ସାମଗ୍ରୀ ପାଇବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ମାସରୁ ଏହି ବ୍ଲକ୍‌କୁ ଆସୁଥିବା ୮୯୪୧.୬୫ କୁଇଣ୍ଟାଲ ଚାଉଳ ମଧ୍ୟରୁ ୫୬୬. ୯୫ କୁଇଣ୍ଟାଲ କମ ଚାଉଳ ଆସିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ନୂତନ ସରକାର ଆସିବା ପରେ ରାସନ କାର୍ଡ ହିତାଧିକାରୀଙ୍କୁ ଇ- କେୱାଇସି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ମାସ ୩୦ ତାରିଖରେ ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଛି ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ତପସ୍ୱିନୀ ପରିଡ଼ା ସୂଚନା ଦେଇଛନ୍ତି।

## ଗାଧୋଇବାକୁ ଯାଇ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଦଶରଥପୁର,୩।୭ (ସମିସ):** ଦଶରଥପୁର ବ୍ଲକ ତଳିହା ପଞ୍ଚାୟତ ସୁନ୍ଦରାଇମୁହଁ ବୈତରଣୀ ନଦୀଘାଟକୁ ଗତ ବୁଧବାର ସକାଳେ ଗାଧୋଇବାକୁ ଯାଇ ନିଖୋଜ ଥିବା ବିରଜାପୁର ପଞ୍ଚାୟତ ବାମଦେବପୁର ଅଞ୍ଚଳର ବିଦ୍ୟାଧର ଦାସ ଓରଫ ଫୁକୁନାଙ୍କୁ ମୃତ ଅବସ୍ଥାରେ ସ୍ଥାନୀୟ ମତ୍ସଜୀବୀଙ୍କ ଜାଲରୁ ଉଦ୍ଧାର କରାଯାଇଛି। ସୂଚନାଥାଉକି ବିଦ୍ୟାଧର ସବୁଦିନ ଭଳି ବୁଧବାର ସକାଳୁ ସୁନ୍ଦରାଇମୁହଁ ବୈତରଣୀ ନଦୀଘାଟକୁ ଗାଧୋଇବାକୁ ଯାଇ ନିଖୋଜ ଥିଲେ। ଖବର ପାଇ ଯାଜପୁର ଅଗ୍ନିଶମ ବାହିନୀ ପହଞ୍ଚି ବିଦ୍ୟାଧରଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସନ୍ଧ୍ୟା ପରେ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ଆଜି ସକାଳେ ଓଡ୍ରାଫ ଟିମ ନଦୀକୂଳରେ ପହଞ୍ଚି ତାଙ୍କୁ ଠାବ କରିବାକୁ ପ୍ରସ୍ତୁତି କରୁଥିବା ବେଳେ ନଦୀରୁ ମାଛଧରୁଥିବା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଜାଲରେ ବିଦ୍ୟାଧରଙ୍କ ମୃତଦେହ ଲାଗିଥିଲା। ମୃତଦେହ ଉଦ୍ଧାର ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମୃତ ବିଦ୍ୟାଧର ସ୍ଥାନୀୟ ଅଞ୍ଚଳରେ ଜଣେ ସମାଜସେବୀ ରୂପେ ପରିଚିତ ଥିବା ବେଳେ ତାଙ୍କ ମୃତ୍ୟୁରେ ଆଜି ସୁନ୍ଦରାଇମୁହଁ ବଜାର ବନ୍ଦ ରହିଥିଲା।

## ତାଲାଭାଙ୍ଗି ସୁନାଗହଣା ସହ ୫୦ ହଜାର ଟଙ୍କା ଲୁଟ

■ ସ୍ଥାନୀୟ ଜୁଆଡ଼ିଙ୍କୁ ନେଇ ଗ୍ରାମବାସୀ ଭୟଭୀତ



**ଦଶରଥପୁର,୩।୭ (ସମିସ):** ଦଶରଥପୁର ବ୍ଲକ ତଥା ଯାଜପୁର ଟାଉନ ଥାନା ଅଧୀନ ଖଣ୍ଡରା ପଞ୍ଚାୟତ ବାଲିପଦା ଗ୍ରାମର ବିଭିନ୍ନ ନିକାଞ୍ଚନ ସ୍ଥାନରେ ପ୍ରତ୍ୟହ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କିଛି ଜୁଆଡି ଜୁଆ ଖେଳିବା ପରେ ସ୍ଥାନୀୟ ବାସିନ୍ଦାଙ୍କୁ ଲୁଟ କରି ସର୍ବସ୍ୱାନ୍ତ କରୁଥିବା ଅଭିଯୋଗ ହେଉଛି। ଗତ ମଙ୍ଗଳବାର ଗ୍ରାମର ୨ ଜଣଙ୍କ ଘରୁ ସୁନା ଅଳଙ୍କାର ସମେତ ନଗଦ ୫୦ ହଜାରରୁ ଅଧିକ ଟଙ୍କା ଲୁଟି ନେଇଥିବା ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାଲିପଦା ଗ୍ରାମର ଗଦାଧର ଧଳ ଏବଂ ତାଙ୍କ ଭାଇ ମନୋଜ ଧଳ ସପରିବାର ଖାଇପିଇ ଶୋଇବା ପୂର୍ବରୁ ଶୋଇବା କୋଠରୀକୁ ଛାଡ଼ି ଅନ୍ୟ ଏକ କୋଠରୀ ଓ ମୁଖ୍ୟଦ୍ୱାରରେ ତାଲା ପକାଇଥିଲେ। ସକାଳୁ ଉଠି ଘରର ମୁଖ୍ୟଦ୍ୱାର ସହିତ ଅନ୍ୟ କୋଠରୀରେ ପଡ଼ିଥିବା ତାଲାଭାଙ୍ଗି ଲୁଟେରା ଘରେ ଥିବା ଆଲମିରା ଭାଙ୍ଗି ସେଥିରେ ଥିବା ଗୋଟିଏ ସୁନାଚେନ, କାନଫୁଲ ସମେତ ନଗଦ ୫୦ ହଜାରରୁ ଅଧିକ ଟଙ୍କା, ୨୦ରୁ ୨୫ ଖଣ୍ଡ ଦାମିକା ଶାଢ଼ୀ, ପିତ୍ତଳ ବାସନ ଆଦି ଲୁଟ ନେଇଥିବା ଦେଖିବାକୁ ପାଇଥିଲେ। ଏନେଇ ଗଦାଧର ଓ ମନୋଜ ଆଜି ସକାଳେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ସନ୍ଧାନ ମିଳିନଥିବା ସୂଚନା ମିଳିଛି। ଗୋଟିଏ ଦିନରେ ୨ ଜଣଙ୍କ ଘରୁ ଚୋରୀ ଘଟଣାକୁ ନେଇ ଗ୍ରାମବାସୀଙ୍କ ଭୟଭୀତ ହୋଇପଡିଛନ୍ତି। ଏହିଘଟଣାକୁ ତର୍ଜମା କଲେ ଲୁଟେରା ମାନେ ସ୍ଥାନୀୟ ଅଞ୍ଚଳର ବୋଲି ଅଭିଯୋଗକାରୀ ଗଦାଧର ଧଳଙ୍କ ପତ୍ନୀ ବିଜୟଲକ୍ଷ୍ମୀ ଧଳ ପ୍ରକାଶ କରିଛନ୍ତି।

## ମାଉସୀ ମା' ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଧର୍ମଶାଳା,୩।୭ (ସମିସ):** ଧର୍ମଶାଳା ବ୍ଲକ ହାଟପଡିଆସ୍ଥିତ ମାଉସୀମା' ମନ୍ଦିରରେ ପ୍ରତିଦିନ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହଜାର ହଜାର ସଂଖ୍ୟାରେ ଭରପୁର ଉପଭୋଗ କରୁଛନ୍ତି। ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରୁ ଶ୍ରୀଗୁଣ୍ଡିଚାରେ ତିନି ଠାକୁର ମାଉସୀମା' ମନ୍ଦିରକୁ ୯ ଦିନ ପାଇଁ ଆସିଛନ୍ତି। ମାଉସୀମା' ମନ୍ଦିରରେ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିରହିଛି। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଉଛନ୍ତି। ଆଜି ପୂର୍ବାହ୍ନରେ ମାଉସୀମା' ମନ୍ଦିରରେ



କୁକୁଡ଼ାଖାଳେଇ ଅଞ୍ଚଳର କେନ୍ଦ୍ରା ବାଦକ କେନ୍ଦ୍ରା ବାଜାଇ ଶ୍ରୋତାମାନଙ୍କୁ ମନମୁଗ୍ଧ କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କ ନୀତିକାନ୍ତି ସରିବା ପରେ ସ୍ଥାନୀୟ କିର୍ତ୍ତନୀଆଙ୍କ ଦ୍ୱାରା ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ କଟକର ଭଜନ ଗାୟକ ସୁଧାକର ମିଶ୍ର ଭଜନ ପରିବେଷଣ କରିଥିଲେ। ହାଟପଡିଆସ୍ଥିତ ମାଉସୀମା' ମନ୍ଦିର ପରିବେଶ ଏବେ ଭକ୍ତିମୟ ହୋଇପଡିଛି। ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ପ୍ରସାଦସେବନ ପାଇଁ ମୁନସୀ ମେଲଣ କମିଟି ଓ ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମାଉସୀମା' ମନ୍ଦିରରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମକୁ ମୁନସୀ ମେଲଣ କମିଟିର ସଭାପତି ତଥା ଥାନା ଅଧିକାରୀ ରଞ୍ଜନ କୁମାର ମାଝି, ସମ୍ପାଦକ ପ୍ରମୋଦ କୁମାର ଦାସ, ଭାଲୁଖାଇ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ସମ୍ପାଦକ ମନୋଜ ରଣା, ମୁନସୀ ମେଲଣ କମିଟିର ସଦସ୍ୟ ଗଗନ ବରାଳ, ବିଚିତ୍ର ସ୍ୱାଇଁ, ମନୋଜ ରାଉଳ, ଚନ୍ଦ୍ରମଣି ପଣ୍ଡିତ, ଶରତ ଓଝା, ପ୍ରବୋଧ ପାତ୍ର, ଅମୀୟ ମହାନ୍ତି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ୨୦ନଂ ଜାତୀୟ ରାଜପଥ କାମ ଆରମ୍ଭ

### ଚାଷୀଙ୍କ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

**ଯାଜପୁର ଟାଉନ,୩।୭ (ସମିସ):**

ଯାଜପୁର ସଦର ଅଞ୍ଚଳ ଦେଇଯାଇଥିବା ୨୦ ନଂ ଜାତୀୟ ରାଜପଥ କାମ ଜାରିରହିଥିବା ବେଳେ ଗତ କିଛିଦିନ ଧରି ରାସ୍ତାର ଉଭୟ ପାଶ୍ୱର୍ରେ ଶହଶହ ଟ୍ରକ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି କାମ ଅଟକିବା ପଛରେ ବିଜେପି ନେତା ସୁରଜ ଲାଲ ସାମଲଙ୍କ ହାତଥିବା ନେଇ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିଲା। ସେ ଠିକା ସଂସ୍ଥାକୁ ବଟି ଆଦାୟ ପାଇଁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏସମ୍ପର୍କରେ ଆଜି 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇବା ସହିତ ବର୍ଷା ସତ୍ତ୍ୱେ ପୁଲିସ ଉପସ୍ଥିତିରେ ୨୦ ନଂ ଜାତୀୟ ରାଜପଥ କାମ ଆରମ୍ଭ ହୋଇଥିବା ଜଣାପଡ଼ିଛି।

ସକାଳ ପ୍ରଭାବ



ଅନ୍ୟପଟେ ସୁରଜଙ୍କ ନାମରେ ଆସିଥିବା ଅଭିଯୋଗକୁ ସେ ଖଣ୍ଡନ କରି 'ସକାଳ'କୁ ତାଙ୍କର ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯାଜପୁର ଦେଇ ଯାଉଥିବା ଜାତୀୟ ରାଜପଥ କାମରେ ନାନା ଅନିୟମିତତା ହେଉଥିବା ଅଭିଯୋଗ ରହିଛି। ଏହି ଜାତୀୟ ରାଜପଥ ନିର୍ମାଣରେ ବ୍ୟାପକ ହେରଫେର ହେଉଛି। ସ୍ଥାନୀୟ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟି ଦିଆନଯାଇ କାମ କରାଯାଉଛି। ଫଳରେ ଅନେକ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏସଂକ୍ରାନ୍ତରେ ଚାଷୀମାନେ ପୂର୍ବରୁ ଯାଜପୁର ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି, କିନ୍ତୁ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟି ନ ଦେଇ ମୋ ବିରୋଧରେ କେହି ମିଥ୍ୟା ଅଭିଯୋଗ ଆଣିଥିବେ ତାହା ମୁଁ ଜାଣି ନାହିଁ। ସେପଟେ ଆଜି ଅଭିଯୋଗ ସମ୍ପର୍କରେ ଯାଜପୁର ସଦର ଥାନା ଅଧିକାରୀଙ୍କୁ ପଚାରିବାରେ ଏବାବଦରେ ତଦନ୍ତ କରୁଛୁ ଏବଂ ଅଭିଯୋଗକାରୀଙ୍କ ପକ୍ଷରୁ ମାମଲା ରୁଜୁ ନେଇ କୌଣସି ଚାପ ନାହିଁ କହିଥିଲେ। ଏପରିକି ଆଉ ମାମଲା ରୁଜୁ ହେବାର ଆଶା କ୍ଷୀଣ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ତେବେ ୨୦ ନଂ ଜାତୀୟ ରାଜପଥ ନିର୍ମାଣ ପାଇଁ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ଏଆରଏସଏସ ଏବଂ ପେଟି ସଂସ୍ଥା ମାନଙ୍କ ମନମୁଖୀ କାର୍ଯ୍ୟ ପାଇଁ ରାସ୍ତାରେ ଯାତାୟାତ କରୁଥିବା ଶହ ଶହ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନହେଉଛନ୍ତି। ଏଭଳି ସ୍ଥିତିରେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ସମାଧାନ ନକରି କେବଳ ରାସ୍ତା ନିର୍ମାଣ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

ସକାଳ
THE SAKALA

## ପୁନଶ୍ଚ ଅଧିକାର ସଙ୍କଟ

ଭାରତର 'ଅସୁସ୍ଥ ବ୍ୟକ୍ତି' (ସିକ୍‌ମ୍ୟାନ୍‌) ଭାବେ ପରିଚିତ ବିହାର ଅନେକ ପ୍ରସଙ୍ଗରେ ଦେଶକୁ ବାଟ ଦେଖାଇଛି ଏବଂ ବହୁକ୍ଷେତ୍ରରେ ବାଟ ବିଗାଡ଼ିଛି। ଜାତିଆଣ ରାଜନୀତି, ଜାତିଗତ ଦଙ୍ଗା, ଜାତିଗତ ହିଂସାକାଣ୍ଡ, ଜାତିଗତ ଜନଗଣନା, ବ୍ୟାଧି, ଦାରିଦ୍ର୍ୟ ଓ ସାମାଜିକ ଅସମତାର ଏକ ପରିଦର୍ଶନ ଓ ପ୍ରୟୋଗାତ୍ମକ କ୍ଷେତ୍ର ହୋଇ ରହିଆସିଥିବା ବିହାର ଏବେ ପୁଣି ଥରେ ପ୍ରମୁଖ ଖବରର ଶୀର୍ଷରେ ରହିଛି। ଆଉ ମାତ୍ର ଚାରି/ପାଞ୍ଚ ମାସ ପରେ ବିହାରରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟର ଭୋଟର ତାଲିକାକୁ ତ୍ରୁଟିହୀନ ଓ ସମ୍ପୂର୍ଣ୍ଣ ବୈଧ କରିବା ପାଇଁ ଆରମ୍ଭ କରିଥିବା ଅଭିଯାନ ରାଜନୈତିକ ବିବାଦ ଓ ଅଧିକାର ସଙ୍କଟ ଭଳି ପ୍ରସଙ୍ଗକୁ ଜନ୍ମ ଦେଇଛି। ଅଣଏନ୍‌ଡିଏ ଦଳମାନେ ଏଥିରେ ଏନ୍‌ଆରସି (ଜାତୀୟ ନାଗରିକ ସଂହିତା)ର ଗନ୍ଧ ବାରିଛନ୍ତି। ବିଶେଷଜ୍ଞମାନଙ୍କ ମତାନୁଯାୟୀ ନିର୍ବାଚନ ଆୟୋଗଙ୍କ ଏହି ଅଭିଯାନ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନ ହେଲେ ସାମ୍ବିଧାନିକ ଅଧିକାର ହନନ ଭଳି ଗୁରୁତର ସଙ୍କଟ ସୃଷ୍ଟି ହେବ।

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ବିହାର ଭୋଟର ତାଲିକାରେ ନାମ ସଂଶୋଧନ ବାଧ୍ୟତାମୂଳକ କରାଯାଇଥିବା ବେଳେ ସେଥିପାଇଁ ୧୧ ପ୍ରକାର ଦଲିଲ୍ ବା ପ୍ରମାଣପତ୍ରର ଆବଶ୍ୟକତାକୁ ଦର୍ଶାଯାଇଛି। ୧୯୮୭ ପରେ ଜନ୍ମ ନେଇଥିବା ଏବଂ ୨୦୦୩ ଜାନୁଆରୀ ୧ ତାରିଖ ପରେ ଭୋଟର ତାଲିକାରେ ନାମ ଦାଖଲ କରିଥିବା ପ୍ରତି ଭୋଟର ସାନି ତାଲିକାଭୁକ୍ତ ହେବା ପାଇଁ ଅତିରିକ୍ତ ଭାବେ ସେମାନଙ୍କ ଭାରତୀୟ ନାଗରିକତ୍ୱର ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ଜାତିଗତ ପ୍ରମାଣପତ୍ର କିମ୍ବା ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ନେବାକୁ ପଡ଼ିବ। ଗରିବ, ନିରକ୍ଷର ଓ ଭୂମିହୀନ ଭୋଟରଙ୍କ ପକ୍ଷେ ଏହା ଯୋଗାଡ଼ କରିବା ଏକ ଦୁରୂହ ବ୍ୟାପାର। ତା'ଛଡ଼ା ଜୁନ୍ ୨୫ରୁ ଆରମ୍ଭ ହୋଇସାରିଥିବା ଏହି ସଂଶୋଧନ ପ୍ରକ୍ରିୟା ଜୁଲାଇ ୨୫ ତାରିଖ ସୁଦ୍ଧ ସମାପ୍ତ ହେବ ବୋଲି ଧାର୍ଯ୍ୟ କରାଯାଇଥିବାରୁ ଏତେ ସ୍ୱଳ୍ପ ସମୟ ମଧ୍ୟରେ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ରହୁଥିବା ଭୋଟରମାନେ ମାଇଲ୍ ମାଇଲ୍ ଗସ୍ତ ଓ ଅର୍ଥ ଖର୍ଚ୍ଚ କରି ସଂଶୋଧିତ ତାଲିକାରେ ନିଜ ନାମ ପଞ୍ଜିକରଣ କରିବା ପାଇଁ ଯେ ଆଗ୍ରହ ପ୍ରକାଶ କରିବେ ତାହା ବିଶ୍ୱାସ ହେଉନାହିଁ। ଏଭଳି ଏକପ୍ରକାର ଅସମ୍ଭବ ପରିସ୍ଥିତିରେ ରାଜନୈତିକ ଦଳର ତୃଣମୂଳସ୍ତରର କର୍ମୀମାନେ ସକ୍ରିୟ ହେବା ସ୍ୱାଭାବିକ। ତେଣୁ କୃତଜ୍ଞତା ସ୍ୱରୂପ ଭୋଟରମାନେ ସେହି ଦଳକୁ ଭୋଟ ଦେବେ ଯେଉଁ ଦଳର ନେତାମାନେ ଭୋଟରଙ୍କ ନାମଗୁଡ଼ିକୁ ସାନି ତାଲିକାଭୁକ୍ତ କରାଇବାରେ ସହାୟତା କରିଛନ୍ତି।

ରାଜନୈତିକ ବିବାଦରୁ ଊର୍ଦ୍ଧ୍ୱରେ ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟୀକରଣ ଅନୁଯାୟୀ ବିହାରରେ ଭୂତଭୋଟର ଓ ଅବୈଧ ବହିରାଗତ ଭୋଟର ସମସ୍ୟା ସର୍ବାଧିକ। ଏହି ସଂଶୋଧନ ତାଲିକା ବଳରେ ଅବୈଧ ଭୋଟରଙ୍କୁ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖିବା ସମ୍ଭବ ହେବ। ନିର୍ବାଚନ ଆୟୋଗଙ୍କ ଏହି ଲକ୍ଷ୍ୟ ଯେତିକି ମହତ୍ ଓ ସ୍ୱାଗତଯୋଗ୍ୟ; ତା'ଠାରୁ ଅଧିକ ଜଟିଳ ଓ ଆହ୍ୱାନପୂର୍ଣ୍ଣ। ଆମ ଦେଶର ସାମାଜିକ ବ୍ୟବସ୍ଥାରେ ସୀମିତ ସମୟରେ ଏହି ତାଲିକା ଯେ ତ୍ରୁଟିପୂର୍ଣ୍ଣ ହେବ ସେ ନିଶ୍ଚିତତା ଆଦୌ କରିହେଉ ନାହିଁ। ଆହୁରି ମଧ୍ୟ ବିହାରର ଶିକ୍ଷା, ସାମାଜିକ ଓ ଅର୍ଥନୈତିକ ସ୍ଥିତି ଯାହା ସେଥିରେ ମାତ୍ର ୩୦ଦିନ ମଧ୍ୟରେ ପ୍ରାୟ ୧୩ କୋଟି ୭ ଲକ୍ଷର ବିଶାଳ ଜନସଂଖ୍ୟା ଏବଂ ୭ କୋଟି ୬୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ବିଶିଷ୍ଟ ତାଲିକାର ତ୍ରୁଟିବିହୀନ ସଂଶୋଧନ ଯେ ସମ୍ଭବ ହେବ ସେ ବିଶ୍ୱାସ ହେଉନାହିଁ। ଏ କାମଟି କେତେ ଜଟିଳ ତାହା ଏକ କ୍ଷୁଦ୍ର ପରିସଂଖ୍ୟାନଗତ ବିଶ୍ଳେଷଣରୁ ବୁଝି ହେବ। 'ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ'ର ତଥ୍ୟାନୁଯାୟୀ ବିହାରରେ ୨୦୦୦ ମସିହାରେ ମାତ୍ର ୧.୧୯ ଲକ୍ଷ ଜନ୍ମ ପ୍ରମାଣପତ୍ର ପଞ୍ଜିକରଣ ହୋଇଥିବା ବେଳେ ତାହା ସେହିବର୍ଷ ସେହି ରାଜ୍ୟରେ ଜନ୍ମ ନେଇଥିବା ମୋଟ ଶିଶୁଙ୍କର ମାତ୍ର ୩.୭%। ୨୦୦୦ ପୂର୍ବରୁ ବିହାରରେ ଜନ୍ମଗତ ପ୍ରମାଣର କୌଣସି ନଥିପତ୍ର 'ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ' ପାଖରେ ଉପଲବ୍ଧ ନୁହେଁ। ଆଉ ଏକ ତଥ୍ୟ ଅନୁଯାୟୀ ୨୦୦୧ ମାର୍ଚ୍ଚ ୧ ତାରିଖରୁ ୨୦୧୧ ଭିତରେ ବିହାର ଜନସଂଖ୍ୟା ୨.୧୧ କୋଟି ବୃଦ୍ଧି ପାଇଛି, ଅଥଚ ସେହି ସମୟ ଭିତରେ ଜନ୍ମ ପଞ୍ଜିକରଣ ସଂଖ୍ୟା ବଢ଼ିଛି ମାତ୍ର ୭୩.୯୧ ଲକ୍ଷ। ଏଭଳି ପରିସ୍ଥିତିରେ ଗରିବ ଓ ଅଶିକ୍ଷିତ ଭୋଟରଟିଏ ଜନ୍ମ ପ୍ରମାଣପତ୍ର ପାଇବେ କେମିତି, ଭୋଟର ତାଲିକାରେ ନାମ ସଂଶୋଧନ କରିବ କେମିତି ଏବଂ ଭୋଟ ଅଧିକାର ସାବ୍ୟସ୍ତ କରିବ କେମିତି?

ବିହାରରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ବୈଧ ଓ ତ୍ରୁଟିହୀନ କରିବା ପାଇଁ ନିର୍ବାଚନ ଆୟୋଗ ଯେଉଁ ଅଭିଯାନ ଆରମ୍ଭ କରିଛନ୍ତି ତାହାକୁ ଆସାମ ନାଗରିକ ପଞ୍ଜିକାର ଫଳାଫଳ ଆଧାରରେ ବିଶ୍ଳେଷଣ କଲେ ବଡ଼ ପ୍ରମାଦର ଗନ୍ଧ ବାରି ହେଉଛି। ଆସାମର ମୂଳବାସିନ୍ଦାମାନଙ୍କ ଅଧିକାର ସୁରକ୍ଷିତ କରି ସେମାନଙ୍କ ଭାରତୀୟ ନାଗରିକତାକୁ ବୈଧ କରିବା ଏବଂ ବହିରାଗତମାନଙ୍କୁ ଅବୈଧ ଭାବେ ହାତେଇ ନେଇଥିବା ସରକାରୀ ସୁବିଧାସୁଯୋଗରୁ ବାଦ୍ ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ହୋଇଥିଲା 'ଆସାମ୍ ନାଗରିକ ପଞ୍ଜିକା'। କିନ୍ତୁ ଏହା ପୂର୍ଣ୍ଣାଙ୍ଗ ରୂପ ନେବା ବେଳକୁ ଜଣାପଡ଼ିଲା ଯେ ବାଂଲାଦେଶୀ ଅନୁପ୍ରବେଶକାରୀ ବା ବହିରାଗତମାନେ ଅବୈଧ ଭାବରେ ହାତେଇ ନେଇଥିବା ଜମି ପଟ୍ଟା ବଳରେ ନାଗରିକ ପଞ୍ଜିକାରେ ସ୍ଥାନ ପାଇଛନ୍ତି, ଅଥଚ ଆସାମର ୧୯ ଲକ୍ଷ ମୂଳ ବାସିନ୍ଦା ପଞ୍ଜିକାରୁ ବାଦ୍ ପଡ଼ିଛନ୍ତି। ସେହି ହତଭାଗ୍ୟମାନେ ନିଜର ନ୍ୟାଯ୍ୟ ଭାରତୀୟତା ପ୍ରମାଣ କରିବା ଏବେ ବିଭିନ୍ନ ଆଇନ ଅଦାଲତକୁ ଦୌଡ଼ୁଛନ୍ତି। ତେଣୁ ଉପରୋକ୍ତ ପରିସଂଖ୍ୟାନ ଆଧାରରେ ବିହାରରେ ଯଦି ଅନୁରୂପ ବିଡ଼ମ୍ବନା ଘଟେ ତେବେ ତାହା ତ ନିର୍ବାଚନ ଆୟୋଗଙ୍କ ମୂଳ ଲକ୍ଷ୍ୟର ବ୍ୟତିକ୍ରମ ହେବ; ତା'ସହିତ ଭୋଟଦାନ ଅଧିକାରରୁ ବଞ୍ଚିତ ଭଳି ଗୁରୁତର ସାମ୍ବିଧାନିକ, ବୈଧାନିକ ଓ ଆଇନଗତ ଜଟିଳତାକୁ ଜନ୍ମ ଦେବ।

ଆହୁରି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି ଯେ ବିହାରରେ ପରୀକ୍ଷଣ ପରେ ଦେଶର ଅନ୍ୟାନ୍ୟ ଏନ୍‌ଡିଏ ଶାସିତ ଏବଂ ପରବର୍ତ୍ତୀ ସମୟରେ ଅଣଏନ୍‌ଡିଏ ଶାସିତ ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇପାରେ। ଯଦି ଅବୈଧ ନାଗରିକ ଚିହ୍ନଟର ଏହା ତ୍ରୁଟିଶୂନ୍ୟ ଆଧାର ହୁଏ, ସେଥିରେ କେହି ବିରୋଧ କରିବାର ନାହିଁ। କିନ୍ତୁ ଏନ୍‌ଆରସି ଆଳରେ ଭାରତର ମୂଳ ବାସିନ୍ଦା ଯଦି ଭୋଟର ଅଧିକାରରୁ ବଞ୍ଚିତ ହେବେ ତାହା ଗ୍ରହଣୀୟ ନୁହେଁ। ଭୋଟର ତାଲିକାର ମୌଳିକ ସଂରଚନା, ବ୍ୟବସ୍ଥା ଓ ନିଷ୍ପତ୍ତିଗତ ଅଧିକାର ଆଦି ରାଜ୍ୟ ବ୍ୟାପାର ନୁହେଁ। ତେଣୁ ଗୋଟିଏ ରାଜ୍ୟରେ ଏତେ ବଡ଼ ଯୁଗାନ୍ତକାରୀ ପରୀକ୍ଷା ନିରୀକ୍ଷା କରିବା ପୂର୍ବରୁ ଏ ଦିଗରେ ଜାତୀୟସ୍ତରରେ ଅଧିକ ବିଚାର ବିମର୍ଶର ଆବଶ୍ୟକତା ଥିବା ଏବଂ ହାତରେ ଅଧିକ ସମୟ ରଖିବା ଉଚିତ ମନେ ହୁଏ।

# ଉତ୍ତର ଔପନିବେଶିକ ଧର୍ମଚିନ୍ତା

ହରପ୍ରସାଦ ଦାସ

ହିନ୍ଦୁଧର୍ମକୁ ନେଇ ସମଗ୍ର ୟୁରୋପରେ ନୂଆ ବୌଦ୍ଧିକ ଆଗ୍ରହ ସୃଷ୍ଟି ହେବା ସାମୟିକ, କ୍ଷଣସ୍ଥାୟୀ ନା ଆକସ୍ମିକ? ଏ ଆଗ୍ରହ ୧୯୬୪ ବେଳକୁ ଥିଲା କି? ବିଦେଶରେ ପ୍ରକାଶିତ ଧର୍ମ ସମ୍ବନ୍ଧୀୟ ବହିମାନଙ୍କ ଭିତରେ ହିନ୍ଦୁ ଧର୍ମର ଚର୍ଚ୍ଚା, ଦେବଦେବୀ ଓ ଲୋକସାହିତ୍ୟ ତଥା ଦନ୍ତକଥାକୁ ନେଇ ଅବଶ୍ୟ ଥିଲା, କିନ୍ତୁ ତାହା ସମକାଳୀନ ବିଶ୍ୱରେ ଶକ୍ତିତନ୍ତ୍ରର ରାଜନୀତିରେ ପ୍ରବେଶ କରି ନ ଥିଲା। କାରଣ ପାଶ୍ଚାତ୍ୟ ବୌଦ୍ଧିକ ଜଗତ ସେତେବେଳକୁ ପ୍ରାୟ ନିଶ୍ଚିତ ଥିଲା ଯେ ଯେତେସବୁ ଉପନିବେଶରୁ ୟୁରୋପୀୟମାନେ ଓହରିଯାଇଥିଲେ ସେଠି ଗୋଟେ ବୃହତ୍ତର ଉପନିବେଶ ରହିଯାଇଥିଲା। ସେ ଉପନିବେଶ ଥିଲା ବୌଦ୍ଧିକ ଉପନିବେଶ। ତାହା ରଚିତ ହୋଇଥିଲା ଚିନ୍ତାରେ, ଶିକ୍ଷାରେ ଓ ଇଂରେଜୀ ଭାଷା ଦ୍ୱାରା ଗୋଟେ ମହାଦେଶୋପମ ବିଶାଳ, ବିଚିତ୍ର ଓ ଧର୍ମପ୍ରଧାନ କ୍ଷେତ୍ରରେ। ଏ ବୌଦ୍ଧିକ ଉପନିବେଶ ଭାରତୀୟଙ୍କୁ ଏଭଳି ବଦଳେଇ ଦେଇଚି ଯେ ଇଂରେଜ ଗଲାପରେ ବି ଇଂରେଜୀ ରହିବ, ଇଂରେଜିୟତ ରହିବ ଓ ଭାରତ ଏକ କୃତାର୍ଥ ଦୃଷ୍ଟିରେ ଇଂରେଜ ଓ ଇଂରେଜୀକୁ ଅନାଇ ରହିବ। ଏ ଧାରଣା ଭୁଲ ଥିଲା।

ଏଡ଼ିକି କ୍ଷୁଦ୍ର ଗୋଟିଏ ଦେଶରୁ ଆସି ଏଭଳି ବିଶାଳ କ୍ଷେତ୍ରକୁ ସ୍ଥାନୀୟ ଲୋକଶକ୍ତି ବ୍ୟବହାର କରି ପ୍ରଭାବିତ କରିବା ସହିତ ଆଧୁନିକୀକରଣର ପ୍ରତିମାନ ସ୍ଥାପିତ କରି ସଫଳ ହେବା କିଛି କ୍ଷୁଦ୍ର ବ୍ୟାପାର ନଥିଲା। ଇଂରେଜଙ୍କ ସାମ୍ରାଜ୍ୟବାଦୀ ଇତିହାସରେ ଭାରତ ଥିଲା ଏକ ଅତୁଳନୀୟ ଓ ଅନନ୍ୟ ଅନୁଭୂତି। ଏତେ ସମସ୍ୟା ସେମାନେ କୋଉଠି ସାମ୍ନା କରିନଥିଲେ, ଏତେ ହନ୍ତସନ୍ତ ସେମାନେ କୋଉଠି ହେଇନଥିଲେ କି ଏତେବଡ଼ ପ୍ରଶାସକୀୟ ଅଭିଜ୍ଞତା ସେମାନେ କୋଉଠି ପାଇନଥିଲେ। ୧୭୫୭ରୁ ୧୮୫୭ କମ୍ପାନୀ ଶାସନ ଓ ତା'ପରେ ୧୯୪୭ ଯାଏଁ ରାଜଗଣତନ୍ତ୍ର (ଉତ୍ତରାଧିକାର ସୂତ୍ରରେ ରାଜତନ୍ତ୍ରୀୟ ରାଷ୍ଟ୍ରମୁଖ୍ୟ, କିନ୍ତୁ ଲୋକନିର୍ବାଚିତ ପ୍ରତିନିଧିଙ୍କ ସରକାର) ଅଧୀନରେ ଔପନିବେଶିକ ଶାସନ ଏକ ବିଚିତ୍ର ମଡେଲ। ଶେଷ ନବେ ବର୍ଷ କଷ୍ଟକର। ସିପାହୀବିଦ୍ରୋହ (୧୮୫୭) ପରେ ବ୍ରିଟିଶ ପାର୍ଲିଆମେଣ୍ଟ ଓ ନିର୍ବାଚିତ ସରକାର ଭାରତର ଶାସନ ନିଜ ହାତକୁ ନେଇଗଲେ ସିନା ସମ୍ଭାଳିବା ସହଜ ନଥିଲା। ଇଂରେଜମାନଙ୍କ କୂଟର ପ୍ରୟୋଗ ବିଫଳ ହୋଇଚାଲିଲା। ଏଡ଼େ ବିରାଟ ଭୂଖଣ୍ଡର ଭାଷା, ସଂସ୍କୃତି ଓ ଧର୍ମକୁ ଗୋଟିଏ କ୍ଷୁଦ୍ର ବେଷ୍ଟନୀ ଭିତରେ ଆବଦ୍ଧ କରିବାର ଅନୁଭୂତିହୀନ ଉନ୍ମାସିକତା ତାଙ୍କୁ ବିପଦରେ ପକେଇଦେଲା। ଭାବିଦେଖନ୍ତୁ ସେତେବେଳର ଏ ସାଇବଗୁଡ଼ିକ କେଡ଼େ କ୍ଷୁଦ୍ର ଜୀବ ଥିଲେ, ଅଥଚ କେବଳ ଆଟୋପ ଦେଖାଇ କେଡ଼େବଡ଼ ମହାତ୍ୱାକାଂକ୍ଷା ନେଇ ନିଜକୁ ଉପସ୍ଥାପିତ କରୁଥିଲେ ଏବଂ ନିଜ ଅଧସ୍ତନ ଦ୍ୱାରା ନିଜ ବଡ଼ପଣର କାହାଣୀ ଲେଖାଇ ତା'କୁ ଇତିହାସର ମାନ୍ୟତା ବି ଦେଇଥିଲେ।

ନିଜ କ୍ଷୁଦ୍ର ଦେଶର କମ୍ପାନୀ କିରାଣୀ, ଆର୍ମିଅଫିସର, ସାମନ୍ତ ବଂଶଜମାନଙ୍କୁ ଗଭର୍ଣ୍ଣର ବନେଇ ସାଧାରଣଙ୍କୁ ମହିମାମଣ୍ଡିତ କରି ଥୋଇଲେ। ହେଷ୍ଟିଂସ, କ୍ଲାଇବ, କାନିଙ୍ଗ ଓ ପରେ କର୍ଜନ, ରିପ୍ପନ, ମାଉଣ୍ଟବାଟେନ ଓ ଅନ୍ୟସମସ୍ତେ ଗୋଟିଏ ଷ୍ଟେରିଓଟାଇପ। ଶିଳ୍ପବିପ୍ଳବ ପରର ଲୋକଜୀବନରେ ବ୍ୟାଚ ଉତ୍ପାଦନର ଯେଉଁ ଧାଡ଼ି, ଟାଇପ, ଶ୍ରେଣୀ ପ୍ରବେଶ କଲା ତା'ର ପ୍ରଭାବ ଥିଲା ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସବୁଠି ସାଧାରଣୀକରଣ। ମାଉଣ୍ଟବ୍ୟାଟେନ ଓ ରିପ୍ପନ, ଡେଲହାଉସି ଓ କର୍ଜନ ଏମାନେ ଅଲଗା ସମ୍ଭ୍ରାନ୍ତ୍ୟରେ କିନ୍ତୁ ଏକ ଉନ୍ମାସିକ ପତିଆରାରେ। ଏମାନଙ୍କ ବ୍ୟକ୍ତିପ୍ରତିମାର ଛାୟାଲୋକରେ ଯେଉଁ ଅମଲାତନ୍ତ୍ର କମ୍ପାନୀ ଓ ବ୍ରିଟିଶ ସରକାର ଉପନିବେଶ ପାଇଁ ନିର୍ମାଣ କଲେ ସେଥିରେ ଉନ୍ମାସିକ ପତିଆରା ଗୋଟେ ଅପଠିତ, କିନ୍ତୁ ଅନୁଭୂତ ଛାୟାପାଠ ହୋଇ ରହିଗଲା।

ମାନିବାକୁ ପଡ଼ିବ ଯେ ଅମଲାତନ୍ତ୍ରର ପ୍ରତିଷ୍ଠା ଥିଲା ଇଂରେଜଙ୍କ ବଡ଼ ସଫଳତା। ଇଏ ଥିଲା ଏକ ପ୍ରତିମାନ ବା ପ୍ରଚଳିତ ମାନର ବିପରୀତରେ ସ୍ଥାପିତ ଏକ ମାନ। ମୋଗଲ ଅମଲାବ୍ୟବସ୍ଥା ତନ୍ତ୍ରରେ ନିର୍ମିତ ହୋଇନଥିଲା। ଭାରତୀୟ ରାଜତନ୍ତ୍ରରେ ଅମଲାବ୍ୟବସ୍ଥା, ବସ୍ତୁତଃ ସବୁ ବ୍ୟବସ୍ଥାର ଭିତରେ ଥିଲା ଧର୍ମ, ତା'ର ବ୍ୟବହାରିକ ନୈତିକତା ଥିଲା ଆଧାମ୍। କୁହାଯାଇପାରେ ଯେ ସନାତନୀ ଶାସନତନ୍ତ୍ର ଥିଲା ଧର୍ମ ଓ ତା'ର ଅନୁଭୂତି ଥିଲା ଆଧାମ୍। ଏପରିକି ପରବର୍ତ୍ତୀ କାଳର ବୌଦ୍ଧ ଓ ଜୈନ ରାଜତନ୍ତ୍ରରେ ବି ଆଧାରଭୂତ ରଚନା ଥିଲା ସେଇଆ। କେବଳ ଅମଲାତନ୍ତ୍ର ଦ୍ୱାରା ଶାସନ କରିବା ସମ୍ଭବ ନଥିଲା, ତେଣେ ସନାତନୀ ହିନ୍ଦୁଙ୍କ ପ୍ରକୃତ ଆନୁଗତ୍ୟ ବା ସମ୍ମାନବୋଧର ଧର୍ମସୂତ୍ର ସେମାନଙ୍କ କଳ୍ପନାରେ ନଥିଲା। କ୍ୟାଥଲିକ ଖ୍ରୀଷ୍ଟୀୟ ଧର୍ମଧାରା ଓ ଭାରତୀୟ ସନାତନୀ ଧର୍ମଧାରା ଭିତରେ ଗୋଟିଏ ବଡ଼ ପାର୍ଥକ୍ୟ ଥିଲା। ସନାତନୀ ଧର୍ମ ମାର୍ଗ ଜ୍ଞାନମାର୍ଗ। ଅର୍ଥାତ ଏ ମାର୍ଗରେ ଔପଚାରିକତା ଗୌଣ, ଦର୍ଶନ ମୁଖ୍ୟ। ଏଭଳି ଧର୍ମ ବିଶ୍ୱରେ ଆଉ କାହିଁ? ମୁଁ ଜଣେ ହିନ୍ଦୁ ଭାବରେ ଏକଥା କହୁନାହିଁ। ସବୁ ଧର୍ମର କ୍ୟାନନିକାଲ ପାଠଗୁଡ଼ିକୁ ପଢ଼ିଲା ପରେ ମୁଁ ଏ ନିଷ୍କର୍ଷରେ ଉପନୀତ ହୋଇଚି ଯେ ସନାତନୀ ହିନ୍ଦୁଙ୍କ ଧର୍ମପାଠଗୁଡ଼ିକ ଧର୍ମ ଆଚରଣ ପାଇଁ ବିକଶିତ ହୋଇନାହାନ୍ତି, ଏଗୁଡ଼ିକ ବ୍ରହ୍ମାଣ୍ଡ ସହିତ ଈଶ୍ୱରଙ୍କୁ ନେଇ ବିସ୍ମୟ, ସୃଜନଶୀଳତା, କଳା ଓ କଳ୍ପନାର ବୌଦ୍ଧିକ ଆକଳନ ଓ ବିଚାର। ଯାକୁ ଲୋକାୟତରେ ପରିଚାଳିତ କରିବା ପାଇଁ ପୁରାଣମାନଙ୍କ ରଚନା। ପୁରାଣର ମର୍ମ ସାଧାରଣ ବୋଧଗମ୍ୟତା ପାଇଁ କଥାବାଚନ ଓ ପାରାୟଣ ଦ୍ୱାରା ପ୍ରସାରିତ। ସଂକ୍ଷେପରେ ହିନ୍ଦୁ ଜ୍ଞାନମାର୍ଗ ଏକ ତ୍ରିସ୍ତରୀୟ ମହାପଥ ବା ହାଇୱେ। ଲକ୍ଷ୍ୟସ୍ଥଳ ଗୋଟିଏ। ଜୀବରେ ପରମ ଓ ପରମରେ ଜୀବର ସ୍ଥାପନା। ଏତିକି ହୋଇଗଲେ ବସୁଧା ଏକ କୁଟୁମ୍ବ, ବିଶ୍ୱ ମଧୁମୟ ଓ ନିସର୍ଗ ସହିତ ସମଗ୍ର ବ୍ରହ୍ମାଣ୍ଡ ରାହସ୍ୟାବୃତ। ରହସ୍ୟ ଉଦଘାଟନ ଭାରତୀୟଙ୍କ ବିଜ୍ଞାନ ନୁହେଁ। ରହସ୍ୟ ଉତ୍ପାଦନ ବି ନୁହେଁ। ରହସ୍ୟକୁ ରହସ୍ୟ କରି ରଖିବାରେ ଭାରତୀୟ ସ୍ୱତନ୍ତ୍ରତା। ଯା ସହିତ ବିଶ୍ୱର ଚଳନ୍ତି ଆଧୁନିକତାର ଯୋଡ଼ ବସିବକି ନାହିଁ, ତାର ବିଚାର ପରେ। ଏବେ ସଂକ୍ଷେପରେ କେବଳ ସୂଚାଇ ଦେଉଚି ଯେ ବର୍ତ୍ତମାନର ସଂକ୍ରାମକ ଆଧୁନିକତାରୁ ଅତିବୁଦ୍ଧି, ଅତିବିଜ୍ଞାନ ଓ ଅତିଆସ୍ପର୍ଦ୍ଧା - ଏହି ତିନୋଟି 'ଅତି' ବାହାରିଗଲେ ମଣିଷ ତା'ର ମଣିଷ ହେବାର ତାତ୍ପର୍ଯ୍ୟ ଫେରିପା'ନ୍ତା। ଭାରତୀୟ ଧର୍ମଚିନ୍ତନରେ ସନାତନ ଅର୍ଥାତ ଅବିନାଶୀ ଚିରନ୍ତନତା ମଣିଷକୁ ମଣିଷ କରି ରଖିବାରେ।

ଶଙ୍କରାଚାର୍ଯ୍ୟଙ୍କ କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଯେଉଁ ଜୟଯାତ୍ରା ତାକୁ ଧର୍ମପ୍ରତିଷ୍ଠାର ଅଭିଯାନ ବୋଲି କହିବାର ତାତ୍ପର୍ଯ୍ୟ ଉପରଠାଉରିଆ। ପ୍ରକୃତରେ ଏହା ଥିଲା ଏକ ଜୀବନମୂଲ୍ୟ ବା ସିଦ୍ଧାନ୍ତର ତର୍କଯାତ୍ରା। ଯାର ପଟାନ୍ତର ନାହିଁ। ସପ୍ତମ-ଅଷ୍ଟମ ଶତାବ୍ଦୀରେ ସନାତନ ସହିତ ଏକେଶ୍ୱର ଗୋଟିଏ ବଡ଼ ତର୍କରେ ପରିଣତ ହୋଇଥିଲା ଜୈନ ଓ ବୌଦ୍ଧ ଉପଧାରା ପାଇଁ ଭୂମି ସନ୍ଧାନରେ ଥିବା ତର୍କବାଗୀଶଙ୍କ ଯୋଗୁଁ। ସନାତନୀ ପୃଷ୍ଠଭୂମି ପରିତ୍ୟାଗ କରି ଗୋଟିଏ ଆର୍ଖନୂଆ ଭୂମିରେ ଧର୍ମପ୍ରତିଷ୍ଠା ମହାବୀର ବା ବୁଦ୍ଧ ଚାହୁଁନଥିଲେ। ସେମାନେ ସନାତନର ମାର୍ଗୀ ଦାର୍ଶନିକ ଥିଲେ, ଅହିଂସ ମଧ୍ୟମ ମାର୍ଗ ଥିଲା ସନାତନର ବୈଦିକ-ବ୍ରାହ୍ମଣ୍ୟ ଉପଚାରସର୍ବସ୍ୱତାରୁ ସହଜ ସମାଧାନ ପାଇବାର ଲୋକମାର୍ଗ। ଲୋକଭାଷାରେ ଲୋକଙ୍କ ପାଖରେ ସନାତନୀ ପ୍ରଜ୍ଞାର ଆଲୋକ ପହଞ୍ଚାଇବା ଥିଲା ଜ୍ଞାନୋଦୟର ଧର୍ମାନୁଭବ। ପରେ ଯେତେବେଳେ ଏହା ଅନୁଷ୍ଠାନରେ ପରିଣତ ହୋଇଗଲା, ଏପରିକି ରାଜଧର୍ମ ଭାବରେ ଗୃହୀତ ହୋଇଗଲା, ସେତେବେଳେ ଯା'ର ସନାତନୀ ମୂଳ ଉତ୍ପାଟିତ ହେବାର ଭୟ ଆସିଗଲା। ସନାତନୀ ପ୍ରାଜ୍ଞ, ବୈଦିକ ବ୍ରାହ୍ମଣ ପଣ୍ଡିତ ଓ ବୌଦ୍ଧ-ଜୈନ ଧର୍ମପ୍ରଚାରକ - ଏ ତ୍ରିଶକ୍ତି ଏକାସାଙ୍ଗରେ ସକ୍ରିୟ ହେଲେ ଓ ପରସ୍ପର ସହିତ ତର୍କ କଲେ। ଶଙ୍କରାଚାର୍ଯ୍ୟ ଥିଲେ ସନାତନର ଅନ୍ତିମ ତାର୍କିକ। ସେ ଯେଉଁ ଚତୁର୍ଦ୍ଧାମର ପ୍ରତିଷ୍ଠା କଲେ ଓ ତା'ସହିତ ଯେଭଳି ଭାବରେ ଯୁଗକଳ୍ପନାକୁ ଆଣି ଯୋଡ଼ିଲେ, ତହିଁରେ ଏକ ରୋମାଞ୍ଚକ ବିସ୍ମୟ ଥିଲା ପୁରୀର ଜଗନ୍ନାଥ ଧାମ। ଜଗନ୍ନାଥ କଳ୍ପିତ ହେଇଥିଲେ ଜନଜାତୀୟ ଉପାସ୍ୟ ଶଙ୍କୁ ପ୍ରତୀକ ଭାବରେ, ତାହା ବ୍ରାହ୍ମଣ୍ୟ ଔପଚାରିକତାରୁ ମୁକ୍ତଥିଲା। ଶଙ୍କରାଚାର୍ଯ୍ୟ ଦୂରଦର୍ଶୀ ପ୍ରାଜ୍ଞପୁରୁଷ ଠିକ ଦେଖିଥିଲେ ଯେ ଜଗନ୍ନାଥରେ ହିଁ ସ୍ଥାନ-କାଳ, ତାଙ୍କରି ନିର୍ମିୟମାଣ ଭଙ୍ଗୁରତାରେ ଚଳମାନ ବର୍ତ୍ତମାନ, ସେହିଁ ନିରାକାରଙ୍କର ମଣିଷ ହାତରେ ଗଢ଼ା ଅମୂର୍ତ୍ତ ମୂର୍ତ୍ତି ଶ୍ରୀଜଗନ୍ନାଥ। ସେହି ଅମୂର୍ତ୍ତର ଆକାରପ୍ରାପ୍ତି ଦନ୍ତକଥା ଭଳି ଲାଗୁଚି, କିନ୍ତୁ ଏହା ଏକ ପ୍ରତୀକ ନିର୍ମାଣ।

ସରଳ ଭାବରେ କହିଲେ ସନାତନୀ ହିନ୍ଦୁଙ୍କ ଧର୍ମଚିନ୍ତା ଜୀବନଠାରୁ ଅଲଗା ନୁହେଁ, ଯେତେବେଳେ କି ହିନ୍ଦୁଙ୍କ ଧର୍ମଚିନ୍ତାକୁ ଜୀବନଠାରୁ ଅଲଗା କରି ଏକ ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାର ପ୍ରୟାସ ଜାରି ରହିଚି ପଶ୍ଚିମରେ। ଏବେ ପୁରୀରେ ରଥଯାତ୍ରା ଦିନ ଘଟିଥିବା ଅଘଟନ ଯେଉଁକାରଣରୁ ବି ଘଟିଥାଉ ସାଧାରଣ ଲୋକେ ଆତଙ୍କିତ ଯେ ଜଗନ୍ନାଥ ରୁଷ୍ଟ। ଶ୍ରୀମନ୍ଦିର ପ୍ରଶାସକ ଏବଂ ସରକାର ପ୍ରଭୁଙ୍କୁ କ୍ଷମାମାଗିବା ଗୋଟେ ଧର୍ମୀୟ ବ୍ୟାପାର ନା ସମାଜ, ରାଜନୀତି ଓ ପ୍ରଶାସନକୁ ଏକାଠି କରି ଆସ୍ଥାରେ ନ୍ୟସ୍ତ କରିବାର ସ୍ୱାଭାବିକ ପ୍ରତିକ୍ରିୟା? ଏଠି ସ୍ମରଣରେ ରହୁ ଯେ ପ୍ରଥମ ଓଡ଼ିଆ ଗଜପତି କପିଳେନ୍ଦ୍ରଦେବ ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ମାନିଥିଲେ। ବସ୍ତୁତଃ ସେ ବର୍ତ୍ତମାନ ସମୟର ଏ ଦେଶ ଓ ରାଷ୍ଟ୍ର ଥିଲା ଯାଏଁ ଭାରତର ରାଷ୍ଟ୍ରଦେବତା। କୁହାଯାଉ କି ନ କୁହାଯାଉ ଶଙ୍କରାଚାର୍ଯ୍ୟ ଯେ ଜଗନ୍ନାଥଙ୍କ ସର୍ବସମନ୍ୱୟୀ, ସର୍ବମାନ୍ୟ ଐଶୀସତ୍ତା ଓ ତା'ର ରୂପ ପରିଗ୍ରହ ପର୍ଯ୍ୟନ୍ତ ସମଗ୍ର ବିଚାରଧାରାକୁ ସନାତନୀ ଜୀବନଧାରା ଭାବରେ ଗ୍ରହଣ କରିନେଇଥିଲେ ଏଥିରେ ସନ୍ଦେହ ନାହିଁ। ନଚେତ ସେ ଜଗନ୍ନାଥଙ୍କ ଆରାଧନା ଓ କର୍ମକାଣ୍ଡରେ ବାହ୍ୟ ପରିବର୍ତ୍ତନ କରି ଛାଡ଼ିଦେଇ ନ ଥା'ନ୍ତେ। ଶଙ୍କରଙ୍କ ଅବଦାନ ସନାତନୀ ଦେବତାଙ୍କର ଜନଜାତୀୟ ପ୍ରତିଷ୍ଠାରେ। ଏବେ ମଧ୍ୟ ତାହା ଅପ୍ରତିହତ।

ବିଶ୍ୱରେ ଅବଦମନର ରାଜନୀତିରେ ପଶ୍ଚିମାଙ୍କ ଦୃଷ୍ଟି ଭାରତକୁ ସଂହତ ଓ ସମନ୍ୱିତ କରି ରଖିଥିବା ସେଇ ରହସ୍ୟମୟ ଶକ୍ତି ଉପରେ ଯାହା ବାହାରକୁ ଦିଶୁନାହିଁ, କିନ୍ତୁ କାର୍ଯ୍ୟ କରିଚାଲିଚି। ତାହା ଧର୍ମ। ସେମାନେ ଏ ସତ୍ୟକୁ ଶାସକ ଭାବରେ ଧରିପାରିନଥିଲେ କି ଏବେବି ଧରିପାରୁନାହାନ୍ତି। ତାଙ୍କ ବହି ଗୋଟେ ଆଡ଼େ ଆମ ଆସ୍ଥାର ଗତି ଆଉ ଗୋଟେଆଡ଼େ। ଗୁହ୍ୟ ଓ ଅପ୍ରକଟ୍ୟ ହୋଇଥିବା ହେତୁ ଆମ ଧର୍ମର କାଇନେଟିକ ବା ଚଳତଶକ୍ତି ଏକ ମର୍ମ, ଭାଷ୍ୟ ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୦୩୯୮୫୮

# କବିତା ପାଠର ନୂଆ ଧାରା

ଧ୍ରୁବ ଚରଣ ଘିବେଲା

ସାହିତ୍ୟ ସଭାଟିଏ କରାଯାଉଛି ମାନେ ସେଠି ଗହଳ ଚହଳ ପରିବେଶଟିଏ ତିଆରିବା ପାଇଁ ସଂଯୋଜିତ ଥାଏ କବିତାପାଠର ଭବ୍ୟ ଆୟୋଜନ। ସେଠାକୁ ପୁଣି ନିମନ୍ତ୍ରିତ ଥା'ନ୍ତି କେତେ କବି, କବୟିତ୍ରୀ। ସାଧାରଣତଃ ଅନେକ ସ୍ଥାନରେ ଆଗ ହୁଏ ସାହିତ୍ୟ ସଭା ଏବଂ ତା'ପରେ କରାଯାଏ କବିତା ପାଠ। ସାହିତ୍ୟ ସଭା ଓ କବିତା ପାଠ ମଧ୍ୟରେ କେଉଁଠି କେଉଁଠି ସୁବ୍ୟବସ୍ଥିତ ଥାଏ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା। ସଭା ପରେ ଯାଇ ହୁଏ ଭୋଜନ। ତା'ପରେ କବିତା ପାଠର ସୁନ୍ଦର ଆୟୋଜନ। ସାହିତ୍ୟ ସଭା ପରି କବିତାପାଠ କାର୍ଯ୍ୟକ୍ରମରେ ମଞ୍ଚାସୀନ ରହନ୍ତି ସଭାପତି, ଅତିଥିଙ୍କ ସହିତ କବିମାନଙ୍କ କବିତାଗୁଡ଼ିକର ସୁସଂଯୋଜନା ପାଇଁ ସଂଯୋଜକ ସଂଯୋଜିକା। ସେମାନଙ୍କ ସରସ ସୁନ୍ଦର ସଂଯୋଜନାରେ ରସାଳ କବିତା ପାଠ ଗତିଶୀଳ ରହିଥାଏ କବିମାନଙ୍କ ଭିନ୍ନ ଭିନ୍ନ ଶୈଳୀରେ କବିତାପାଠ କରିବା ଭିତରେ। ଆଜିକାଲି କବିତାପାଠ କାର୍ଯ୍ୟକ୍ରମକୁ ଅଧିକ ମନୋଜ୍ଞ ଓ ମନୋହର କରିବା ପାଇଁ ମଝିରେ ମଝିରେ ସଙ୍ଗୀତ, ନାଚ ଓ ଗୀତ ପରିବେଷଣ ବ୍ୟବସ୍ଥା କରାଗଲାଣି। ତଥାପି ଦେଖାଯାଏ ନାନା ବାହାନା ଦେଖାଇ କେହି କେହି କବି ନିଜ କବିତାଟି ପଢ଼ି ସାରି ସେଠୁ ଖସିଯିବାର ଧାରାବାହିକ ଉପକ୍ରମ କରନ୍ତି। ଏଥିରେ ହୁଏ କ'ଣ ନା କବିତାପାଠର ଶେଷଆଡ଼କୁ ଆଉ ବିଶେଷ କବି କେହି ନ ଥା'ନ୍ତି। ଯାହାର କବିତା ଥିବ, ସେଇ ଦୁଇ/ତିନି ଜଣ ଯାହା ରହିଥା'ନ୍ତି।

ଥରେ ଗୋଟେ ସଂସ୍ଥାର ବାର୍ଷିକ ଉତ୍ସବ ଆୟୋଜନ ପାଇଁ ଆହୂତ ପ୍ରାକ ବୈଠକ ସଭାରେ କବିତାପାଠର ଶେଷଭାଗରେ କବି ଓ କବିତା ମରୁଡ଼ି ବା କବିଙ୍କ ଅନୁପସ୍ଥିତିକୁ (ନିଜ କବିତା ପଢ଼ି ସାରି କବିଙ୍କ ପଳାଇବା ଦୁଃସ୍ଥିତିକୁ) କେମିତି ଏଡ଼ାଇ ଦିଆଯାଇପାରିବ ସେ ନେଇ ବିଚାରବିମର୍ଶ ଚାଲିଲା। ଜଣେ ସଦସ୍ୟ କହିଲେ ସଭାଶେଷରେ ସବୁ କବିଙ୍କୁ ପ୍ରଶସ୍ତିପତ୍ର ଦେବାର ବ୍ୟବସ୍ଥା ରଖାଯାଉ। ଆଉ ଜଣେ ସଦସ୍ୟ ତାଙ୍କ ଅନୁଭୂତିରୁ ଏକ ପ୍ରସ୍ତାବ ରଖିଲେ ଯେ ଉତ୍ସବର ମାସକ ଆଗରୁ କବିମାନଙ୍କୁ ଆହ୍ୱାନ କରାଯିବ ସ୍ୱରଚିତ କବିତା ଦାଖଲ କରିବା ପାଇଁ। ତା'ପରେ ଆସିଥିବା କବିତା ସଂଖ୍ୟା ଦେଖି କବିମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ କବିତା ପଢ଼ିବା ପାଇଁ ତାଲିକା ପ୍ରସ୍ତୁତ କରାଯିବ। ଯଦି ଷାଠିଏ କବିଙ୍କ କବିତା ଚୂଡ଼ାନ୍ତ ହେଲା ତେବେ ଚାରୋଟି ପର୍ଯ୍ୟାୟରେ ପନ୍ଦର ଜଣ ଲେଖାଏଁ କବି କବିତାପାଠ କରିବେ। ଏ ପ୍ରସ୍ତାବରେ ସମସ୍ତେ ସମ୍ମତି ଜଣାଇଲେ।

ପରବର୍ତ୍ତୀ ଉତ୍ସବ ସଭାକାର୍ଯ୍ୟ ସମୟ ରଖାଯାଇଥିଲା ଦିନ ଘ.୧୧.୪୫ମି. ରୁ ଘ.୧.୪୫ମି. ପର୍ଯ୍ୟନ୍ତ। ବାର୍ଷିକ ସଭା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ପନ୍ଦର ଜଣ ଲେଖାଏଁ କବି କବିତା ପଢ଼ିଲେ। ଆଗରୁ ବି ସୂଚନା ଦିଆଯାଇଥିଲା ସଂଯୋଜକ ଅତି ସଂକ୍ଷିପ୍ତ ବକ୍ତବ୍ୟ ରଖିବେ। କବି ସେମିତି ଅନାବଶ୍ୟକ ଭାବେ କବିତା ବ୍ୟତୀତ ଅନ୍ୟକଥା ରଖିବେ ନାହିଁ। ସମସ୍ତେ ସୂଚନା ମାନିଥିବାରୁ ନିର୍ଦ୍ଧାରିତ ସମୟରେ କବିତା ପାଠ ସରିଥିଲା ସଭା ଆଗରୁ। କବିତା ପାଠ ପରେ ସଭିଏଁ ମଞ୍ଚରୁ ଓହ୍ଲେଇ ଥିଲେ ଏକାଥରକେ। ତା'ପରେ ପରବର୍ତ୍ତୀ ପନ୍ଦର ଜଣ କବି ସସମ୍ମାନେ ମଞ୍ଚାସୀନ ହୋଇ କବିତା ପାଠ କରିଥିଲେ। ବାର୍ଷିକ ସଭା ପରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥିତ ଥିଲା। ତା'ପରେ ତୃତୀୟ ପର୍ଯ୍ୟାୟ କବିତାପାଠ ସେଇ ସମାନ ଢାଞ୍ଚାରେ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ବାହାର କବିଙ୍କୁ ଆଗ କବିତା ପଢ଼ିବା ପାଇଁ ସୁଯୋଗ ଦିଆଯାଇଥିଲା ଏବଂ ତୃତୀୟ ପର୍ଯ୍ୟାୟରେ ସ୍ଥାନୀୟ କବି କବିତା ପାଠ କରିଥିଲେ। ଏଥିରେ ଦେଖାଗଲା କବିମାନେ କବିତା ପଢ଼ିଲା ପରେ ପାଠୋତ୍ସବ ସ୍ଥଳି ଛାଡ଼ି ଯାଇନଥିଲେ।

ବାର୍ଷିକ ଉତ୍ସବ ପାଇଁ ନାଁ ପଞ୍ଜିକରଣ ବେଳେ ଫୁଲ ଚନ୍ଦନ ଦେଇ କବିଙ୍କୁ ବି ସୁସ୍ୱାଗତମ କରାସରିଥାଏ। ସେଠି କିଛି ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ପ୍ରଶସ୍ତିପତ୍ର, ସାଲ ଓ ସ୍ମାରକ ଫଳକ ଦିଆଯାଇ। ସବୁ କବିଙ୍କୁ ବି ମିଳିଥିଲା ପ୍ରଶଂସାପତ୍ର। ନୂଆ ତରିକାରେ କବିତା ପାଠ ଧାରା ଭଲ ଥିଲା। ଜଣକ ପରେ ଜଣେ ମଞ୍ଚକୁ ଯାଇ କବିତା ପଢ଼ି ପୁଣି ଫେରିଆସି ମଞ୍ଚ ସାମ୍ନାରେ ବସିବା ଧାରାଠୁ ପର୍ଯ୍ୟାୟଭିତ୍ତିକ କବିତାପାଠରେ ଜଣେ କବି ନିଜ କବିତା ପଢ଼ି ସାରିଲା ପରେ ଘଣ୍ଟାଏ କାଳ ମଞ୍ଚରେ ବସିବାର ଅନୁଭବ ନିଶ୍ଚୟ ନିଆରା ଥିଲା। ସବୁ କାର୍ଯ୍ୟକ୍ରମ ସରିଲା ପରେ ନୂଆ କବିତା ପାଠ ଧାରାକୁ ସ୍ଥାନୀୟ କବି ପ୍ରଶଂସା କରିବାରେ କାର୍ପଣ୍ୟତା ପ୍ରକାଶ କରିନଥିଲେ।

ବଉଦରାଜ (ବୌଦ୍ଧ), ମୋ: ୯୪୩୭୪୭୮୪୬୬

# ବାସି ଖାଦ୍ୟ, ଝାଡୁ ଅର୍ପଣରେ ଦୂର ହୁଏ ଚର୍ମରୋଗ

ଓଜସ୍ୱିନୀ

ଆଜିକାଲିର ପ୍ରଦୂଷିତ ପରିବେଶ ପାଇଁ ବିଭିନ୍ନ ପ୍ରକାର ଚର୍ମରୋଗର ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଛି। ଚର୍ମରୋଗ ବିଶେଷଜ୍ଞମାନଙ୍କ ପାଖରେ ଚିକିତ୍ସିତ ହେବା ପରେ ରୋଗୀ କିଛିମାତ୍ରାରେ ସୁସ୍ଥ ହେଉଛନ୍ତି। ଅନେକେ କସ୍‌ମେଟିକ୍ ସର୍ଜରୀର ସାହାରା ମଧ୍ୟ ନେଉଛନ୍ତି, ଯାହାକି ବ୍ୟୟବହୁଳ। ଡାକ୍ତରୀ ସୁବିଧା ନଥିବା କିମ୍ବା ଅର୍ଥବଳ ନଥିବା ରୋଗୀମାନେ କିନ୍ତୁ ଆରୋଗ୍ୟ ଲାଭ ପାଇଁ ଈଶ୍ୱରଙ୍କ ଉପରେ ହିଁ ଭରସା କରିଥା'ନ୍ତି। ଭାରତରେ ଏଭଳି ଦୁଇଟି ଚମତ୍କାରୀ ମନ୍ଦିର ଅଛି, ଯେଉଁଠି ସମସ୍ତପ୍ରକାର ଚର୍ମରୋଗରୁ ମୁକ୍ତି ମିଳିଥାଏ। ଗୋଟିଏ ହେଉଛି ରାଜସ୍ଥାନର ଭରତପୁର ଜିଲ୍ଲାସ୍ଥିତ ବ୍ରହ୍ମବାଦଠାରେ ଥିବା ମା' ଶୀତଳାଙ୍କ ମନ୍ଦିର ଏବଂ ମୁର୍ଶୀଦାବାଦ୍-ଆଗ୍ରା ରାଜପଥ ନିକଟରେ ସଦ୍‌ଥିଠାରେ ଥିବା ମହାଦେବ ପୂଜା ପାଉଥିବା ପାତାଳେଶ୍ୱର ମନ୍ଦିର।

ସ୍କନ୍ଦପୁରାଣ ଅନୁସାରେ ମା' ଶୀତଳା ହେଉଛନ୍ତି ସ୍ୱଚ୍ଛତାର ଦେବୀ। ଗଧ ବାହିନୀ ମା' ନିମ୍ବ ପତ୍ର, ଝାଡୁ, କଳସ ଓ ସୂପ ଧାରଣ କରିଛନ୍ତି। ପାରମ୍ପରିକ ଚିକିତ୍ସା ବିଜ୍ଞାନରେ ହାଡ଼ଫୁଟି ଉପଶମ ପାଇଁ ଏଗୁଡ଼ିକ ଉପଯୋଗ ହେଉଥିବାରୁ ମା' ଶୀତଳାଙ୍କୁ ସଂକ୍ରାମକ ରୋଗନାଶିନୀ ଭାବେ ବର୍ଣ୍ଣନା କରାଯାଇଛି। ବହୁପୂର୍ବରୁ ଯେତେବେଳେ ହାଡ଼ଫୁଟିର ପ୍ରାଦୁର୍ଭାବ ଅଧିକ ଥିଲା, ସେତେବେଳେ ମା' ଶୀତଳାଙ୍କୁ ପୂଜା କରିବା ଦ୍ୱାରା ବ୍ୟକ୍ତି ସୁସ୍ଥ ହେବା ସହିତ ଶରୀର ଦାଗମୁକ୍ତ ହେଉଥିଲା ବୋଲି ଜନଶ୍ରୁତି ଅଛି। ବର୍ତ୍ତମାନ ସମୟରେ ମଧ୍ୟ ମା' ଶୀତଳାଙ୍କୁ ସମସ୍ତ ପ୍ରକାର ଚର୍ମରୋଗରୁ ମୁକ୍ତି ପାଇଁ ସେଠାରେ ପୂଜାର୍ଚ୍ଚନା କରାଯାଉଛି। ମନ୍ଦିରରେ ଥିବା ଏକ କୂଅରୁ ମା' ଶୀତଳାଙ୍କ ଆର୍ବିଭାବ ହୋଇଥିଲା ବୋଲି କଥିତ ଅଛି। ସେହି କୂଅର ପାଣି ପିଇବା ଓ ସ୍ନାନ କରିବା ଦ୍ୱାରା ସବୁ ଚର୍ମରୋଗ ଦୂର ହୋଇଥାଏ। ଏହାସହିତ ମା'ଙ୍କ ପାଖରେ ବାସି ଓ ଥଣ୍ଡା ଖାଦ୍ୟ ଭୋଗ କରିବାର ବିଧି ମଧ୍ୟ ରହିଛି। ମହିଳାମାନେ ମା'ଙ୍କୁ ଦର୍ଶନ କରିବାର ଗୋଟିଏ ଦିନ ପୂର୍ବରୁ ଭୋଗ ପ୍ରସ୍ତୁତ କରି ରଖିଥା'ନ୍ତି। ଶିତଳାଷ୍ଟମୀ ଦିନ ଏଠାରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ ଏବଂ ଗୋଟିଏ ବଡ଼ ମେଳାର ଆୟୋଜନ ହୋଇଥାଏ, ଯାହାକୁ ବସୌଡ଼ା ପର୍ବ କୁହାଯାଏ। ଏହିଦିନ ଭକ୍ତମାନେ ସେମାନଙ୍କର ପରିବାରର ମଙ୍ଗଳକାମନା କରି ମା'ଙ୍କ ଦର୍ଶନ ପାଇଁ ଆସିଥା'ନ୍ତି। ମା' ଶୀତଳାଙ୍କ ମନ୍ଦିର ବ୍ରହ୍ମବାଦଠାରେ କିଭଳି ପ୍ରତିଷ୍ଠା ହେଲା ଏବଂ ମା'ଙ୍କ ପାଖରେ ବାସି ଖାଦ୍ୟ କାହିଁକି ଭୋଗ ହୁଏ, ସେ ସମ୍ପର୍କରେ ଅନେକ ଲୋକକଥା ଏବଂ ପୌରାଣିକ କଥା ରହିଛି।

**ବିଶ୍ୱାସ ଓ ବିଜ୍ଞାନ**

ମୁର୍ଶୀଦାବାଦ୍-ଆଗ୍ରା ରାଜପଥ ନିକଟସ୍ଥ ସଦ୍‌ଥିଠାରେ ଥିବା ପ୍ରାୟ ୧୫୦ ବର୍ଷ ପୁରୁଣା ପାତାଳେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଚର୍ମରୋଗରୁ ମୁକ୍ତି ପାଇଁ ଏଠାରେ ଭକ୍ତମାନେ ଶିବଲିଙ୍ଗ ନିକଟରେ ଝାଡୁ ଅର୍ପଣ କରିଥା'ନ୍ତି। କିମ୍ବଦନ୍ତୀ ଅନୁଯାୟୀ ବହୁବର୍ଷ ପୂର୍ବେ ସଦ୍‌ଥିଠାରେ ଭିକାରୀ ଦାସ ନାମକ ଜଣେ ଅତ୍ୟନ୍ତ ଧନୀ ବ୍ୟବସାୟୀ ରହୁଥିଲେ। ସେ ଗମ୍ଭୀର ଚର୍ମରୋଗରେ ପୀଡ଼ିତ ଥିଲେ। ଏକଦା ସେ ଔଷଧ ଆଣିବା ପାଇଁ ସହର ଯିବା ସମୟରେ ଏହି ଗାଁ ନିକଟରେ ଅଟକିଥିଲେ। ଶୋଷ ମେଣ୍ଟାଇବା ପାଇଁ ନିକଟରେ ଥିବା ଆଶ୍ରମକୁ ଗଲେ। ସେଠାରେ ଜଣେ ସନ୍ନ୍ୟାସୀ ଦାଣ୍ଡ ଓଳାଉଥିଲେ। ସନ୍ନ୍ୟାସୀଙ୍କର ଝାଡୁ ବ୍ୟବସାୟୀଙ୍କ ଗୋଡ଼ରେ ବାଜିବାରୁ ଚମତ୍କାର ଭାବେ ସେ ଚର୍ମରୋଗରୁ ତତ୍‌କ୍ଷଣାତ୍ ମୁକ୍ତ ହୋଇଯାଇଥିଲେ। ପ୍ରତିଦାନ ସ୍ୱରୂପ ବ୍ୟବସାୟୀଜଣକ ସନ୍ନ୍ୟାସୀଙ୍କୁ ଅନେକ ସୁନା ମୋହର ଦେଲେ। କିନ୍ତୁ ସନ୍ନ୍ୟାସୀ ତାହାକୁ ଗ୍ରହଣ ନକରି ଆଶ୍ରମରେ ଗୋଟିଏ ମହାଦେବଙ୍କ ମନ୍ଦିର ନିର୍ମାଣ କରାଇବା ପାଇଁ ଇଚ୍ଛା ପ୍ରକାଶ କଲେ। ସେବେଠାରୁ ସେଠାରେ ମହାଦେବ ଶିବଲିଙ୍ଗ ସ୍ୱରୂପରେ ପାତାଳେଶ୍ୱର ଭାବେ ପୂଜା ପାଇ ଆସୁଛନ୍ତି। ଏଠାରେ ଭକ୍ତମାନେ ଝାଡୁ ଅର୍ପଣ କରିବା ଦ୍ୱାରା ଅନେକ ପ୍ରକାର ଚର୍ମରୋଗରୁ ମୁକ୍ତି ପାଇଥା'ନ୍ତି। ଭାରତ ବାହାରୁ ମଧ୍ୟ ଏଠାକୁ ଅନେକ ଭକ୍ତ ଆସି ସୁସ୍ଥ ହୋଇ ଫେରିଛନ୍ତି ବୋଲି ସ୍ଥାନୀୟ ଲୋକମାନଙ୍କଠାରୁ ଶୁଣିବାକୁ ମିଳେ। ଓଡ଼ିଶାର ଉଷ୍ଣ ପ୍ରସବଣ ତପ୍ତପାଣି କୁଣ୍ଡରେ ସ୍ନାନ କରିବା ଦ୍ୱାରା ମଧ୍ୟ ଚର୍ମରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ଅଛି। ଭଗବାନଙ୍କ ଉପରେ ଅତୁଟ ଭରସା ଓ ବିଶ୍ୱାସ ହିଁ ରୋଗମୁକ୍ତିରେ ମହୌଷଧି ପାଲଟିଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପି ବିଧାୟକଙ୍କ ଗାଡ଼ିରେ ଚୋରା ଗଞ୍ଜେଇ ଓ ମଦ ଚାଲାଣ

# ବିଧାୟକଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି: ବିଜେଡି

**ଭୁବନେଶ୍ୱର,୩।୭(ସମିସ):** ଭୁବନେଶ୍ୱରର ନାଲକୋ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିଜେପି ବିଧାୟକ ପ୍ରକାଶ ସୋରେନଙ୍କ ଗାଡ଼ିରୁ ଗଞ୍ଜେଇ ଓ ମଦ ଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ଆଧାର କରି ବିଜେଡି ପକ୍ଷରୁ ବିଜେପିର ବିଧାୟକ ମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି କହିଛନ୍ତି ଯେ ରାଜଧାନୀର ଜନଗହଳି ପୂର୍ଣ୍ଣ ନାଲକୋ ଛକରେ ସ୍ପଷ୍ଟ ଦିବାଲୋକରେ ହୋଇଥିବା ଏହି ଦୁର୍ଘଟଣା ବେଳେ ବିଧାୟକ ପ୍ରକାଶ ସୋରେନଙ୍କ ପୁଅ ଓ ତାଙ୍କର ପାଞ୍ଚ ଜଣ ସହଯୋଗୀ ଏହି ଗାଡ଼ିରେ ଥିଲେ। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇ ଯାଇଥିଲେ। ବିଧାୟକଙ୍କ ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ ମଦ ବୋତଲ ଓ ଗଂଜେଇ ଥିବାର ସ୍ଥାନୀୟ ଜନସାଧାରଣ ଦେଖିବା ପରେ ଏହାର ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡିଥିଲେ, ଯାହା ଭାଇରାଲ ହେବାରେ ଲାଗିଛି। ବିଧାୟକଙ୍କ ଗାଡ଼ିରେ ମଦ ଗଞ୍ଜେଇ ଚାଲାଣ ହେବା ଏନଡିପିଏସ ଆଇନର ଉଲ୍ଲଂଘନ ଏବଂ ଏକ ସଂଗୀନ ଅପରାଧ। ବିଧାୟକ ପ୍ରକାଶ ସୋରେନ ଏହି ଘଟଣାକୁ ଚାପିଦେବା ଉଦ୍ଦେଶ୍ୟରେ ଘଟଣାକୁ ଅସ୍ୱୀକାର କରି ତାଙ୍କ ପୁଅ ଓ ସହଚରମାନଙ୍କୁ କ୍ଲିନଚିଟ ଦେବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ମାର୍ଣ୍ଡି ଅଭିଯୋଗ କହିଛନ୍ତି।

ଅନ୍ୟପଟେ ଏହି ସଂଗୀନ ଅପରାଧରେ ଜଡ଼ିତ ବିଧାୟକଙ୍କ ପୁଅ ଓ ତାଙ୍କ ସହଚରମାନଙ୍କୁ ତୁରନ୍ତ ଗିରଫ ସହ ବିଧାୟକ ପ୍ରକାଶ ସୋରେନଙ୍କୁ ତଦନ୍ତ ପରିସର ଭିତରେ ରଖାଯାଉ ବୋଲି ବିଜେଡ଼ି ଦାବି କରିଛି। ପ୍ରକାଶ ସୋରେନ ମର୍ଯ୍ୟାଦାଜନକ ବାରିପଦା ଆସନରୁ ନିର୍ବାଚିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ବେଆଇନ ଗଞ୍ଜେଇ ଓ ମଦ ବେପାର ଅହେତୁକ ଭାବେ ବୃଦ୍ଧି ପାଇଛି। ରାସ୍ତାରେ ଚେକିଂକୁ ଚକମା ଦେବା ପାଇଁ ବିଧାୟକଙ୍କ ବୋର୍ଡ ଲାଗିଥିବା ଗାଡିକୁ ବେଆଇନ ଗଞ୍ଜେଇ ଓ ମଦ ଚାଲାଣ କାମରେ ଲଗା ଯାଉଛି। ତାଙ୍କ ନାମରେ ଥିବା ଗାଡ଼ିଟି ଅବୈଧ କାର୍ଯ୍ୟରେ ବ୍ୟବହାର ହେବା ଏକ ଗୁରୁତର ବିଷୟ। କେବଳ ବାରିପଦା ବିଧାୟକ ନୁହେଁ ରାଜ୍ୟର ଅନେକ ବିଜେପି ବିଧାୟକ ଓ ବିଜେପି କର୍ମକର୍ତ୍ତା ଏବେ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ହୋଇଛନ୍ତି। ରାଜ୍ୟର ପୁଲିସ ଓ ଅବକାରୀ ଅଧିକାରୀଙ୍କୁ ଭୟଭୀତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବାରଣ କରାଯାଇଛି। ଯାହା ଫଳରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ମାର୍ଣ୍ଡି ଦାବି କରିଛନ୍ତି।




## ୩ ମାସ ହେବ ଦରମା ପାଇନାହାନ୍ତି ୨୬ ଜିଲ୍ଲାରେ ବିଷୟବସ୍ତୁ ବିଶେଷଜ୍ଞ

**ଭୁବନେଶ୍ୱର,୩।୭(ସମିସ):** ଓଡ଼ିଶାର ୨୬ ଟି ଜିଲ୍ଲାରେ କାର୍ଯ୍ୟରତ ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞ (ସବ୍‌ଜେକ୍ଟ ମ୍ୟାଟର ଏକ୍ସପର୍ଟ୍ସ)। ଏହି ଅଧିକାରୀମାନେ ଜିଲ୍ଲା ଯୋଜନା ଓ ନିରୀକ୍ଷଣ କେନ୍ଦ୍ର (ଡିପିଏମ୍‌ୟୁ)ରେ କାର୍ଯ୍ୟରତ ଅଛନ୍ତି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅଧିନରେ କାର୍ଯ୍ୟରତ ଏହି ଅଧିକାରୀମାନେ ୨୦୧୪ ମସିହାରୁ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ୩୧ ମାର୍ଚ୍ଚ ୨୦୨୫ ପରେ ସେମାନଙ୍କୁ ଆଉ ଦରମା ଦିଆଯାଇ ନ ଥିବା ଜଣାପଡ଼ିଛି। ଯୋଜନା ଓ ସଂଯୋଜନ ବିଭାଗର ମୁଖିଆ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନିର୍ବାହ କରୁଛନ୍ତି।

**AFFIDAVIT**

By virtue of an affidavit sworn before Notary public, Bhubaneswar, Dated : 05.06.2025, I, **Narayan Sahoo,** S/o: Prasanna Sahoo, permanent resident of At/PO: Baigunia, PS: Fategarh, Dist: Nayagarh, Odisha - 752077 declare that I have changed the name of my minor son From Satyabrat Sahoo to **Omm Sahoo**. Henceforth, he shall Known as **Omm Sahoo** for all purposes.

**Narayan sahoo**

**AFFIDAVIT**

By virtue of an affidavit sworn before Notary public, Bhubaneswar, Dated: 29.05.2025, I, **Kabiraj Nayak**, S/o.: Lokanath Nayak, permanent resident of At: Balisahi, PO: Madhyakhanda, PS: Daspalla, Dist: Nayagarh, Odisha- 752093 currently residing at Damana Hata Basti, Damana, PO./P.S.: Chandrasekharpur, Bhubaneswar, Dist: Khordha, Odisha-751016 declare that I have changed the name of my minor son from Situn Nayak to **Situnu Nayak**. Henceforth, he shall be Known as **Situnu Nayak** for all purposes.

**Kabiraj Nayak**

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4218 / 25, dated 18.06.2025, I Keshpar Mali, S/o. – Astu Mali, resident of Village –Bajargad, PO – Bajargad, PS. Kosagumuda, Dist – Nabarangpur, declared that I have changed my name son's name from Mheghnath Mali to Mahan Mali. Henceforth, my son shall be known as Mahan Mali for all purposes.

**Sd/- Keshpar Mali**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-BOBRN-REHAB-25-26-11

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ବୋବରନ (BOBRN) ୱାଗନର ମରାମତି ତଥା ପୁନର୍ବାସ।

**ବିଜ୍ଞାପିତ ମୂଲ୍ୟ (₹):** 30,50,22,156.00, EMD (₹): 16,75,100.00, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.07.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.07.2025 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II),
PR-316/Q/25-26 ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4260 / 25, dated 19.06.2025, I Manasai Bhatra, S/o. – Jhitru Bhatra, resident of Village – Santoshpur, PO- Ghodadhanua, PS. Kosagumuda, Dist – Nabarangpur, declared that I have changed my name son's name from Gipikrishna Bhatra to Gipkrish Bhatra. Henceforth, my son shall be known as Gipkrish Bhatra for all purposes.

**Sd/- Manasai Bhatra**

**AFFIDAVIT**

I, Minakhi Mishra, W/o- Uma Sankar Mohapatra, resident of At- Plot No. 1763, Mohotab Road, VTC: Lingaraj, Bhubaneswar-2, Po- Old Town, Ps- Airfield, Dist- Khurdha, Pin- 751002, Odisha declare by this affidavit No. 18703, dtd- 23/05/2025 that now onwards I shall be known as **MEENAKHI MISHRA** for all future purposes.

**AFFIDAVIT**

I Sri Ram Chandra Bhatra, S/o. Sri Laxman Bhatra, permanent resident of Village – Merai, PO – Kantagaon, PS – Tentulikhunti, Dist – Nabarangpur, Odisha, declare by the Affidavit No. 536, dated 01/07/2025, that myself RAM CHANDRA BHATRA and RAMA CHANDRA BHATRA is one same person, for all future purpose.

**NOTICE**

By virtue of an affidavit sworn before Notary public , Baripada, Sl. No.-10, date-01/05/2025 .I Kaushalya Sethi (New name ) , Adress-Palasbani, Po-Baiganbadia, Ps-Kuliana,Dist-Mayurbhanj, Odisha,pin-757105 declare that I have change my name from Kaushal Ya Sethi ( Old name) to Kaushalya Sethi (New name) . Henceforth,I shall be known as Kaushalya Sethi (New name) for all purposes.

**Kaushalya Sethi**

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4050 / 25, dated 10.06.2025, I Temaru Bhatra, S/o. – Dhanar Bhatra, resident of Village – K. Semla, PO – K. Semla, PS. Kodinga, Dist – Nabarangpur, declared that I have changed my name son's name from Ganeswar Bhatra to Gyaneswar Bhatra. Henceforth, my son shall be known as Gyaneswar Bhatra for all purposes.

**Sd/- Temaru Bhatra**

**ସତ୍ୟପାଠ**

ସତ୍ୟପାଠ ନଂ.୧୩୯୧୨/୨୦୨୫, ମୁଁ ଜସ୍ବନ୍ତୀ ନାୟକ, ସ୍ୱାମୀ- ପ୍ରଭାସ ରଞ୍ଜନ ନାୟକ, ଗ୍ରାମ- ଭିତରସୋବଲା ପୋଷ୍ଟ - ବାରଡାଙ୍ଗ, ଥାନା -ମହାକାଳପଡ଼ା ଜିଲ୍ଲା- କେନ୍ଦ୍ରାପଡ଼ା ଘୋଷଣା କରୁଛି କି ବିବାହ ପୂର୍ବରୁ ମୋ ନାମ ଜସ୍ବନ୍ତୀ ସାହୁ ଥିଲା। ବିବାହ ପରେ ଜସ୍ବନ୍ତୀ ନାୟକ ହୋଇଛି। ଏଣୁ ଜସ୍ବନ୍ତୀ ନାୟକ ଓ ଜସ୍ବନ୍ତୀ ସାହୁ ସମାନ ଲୋକ ଅଟେ।

**AFFIDAVIT**

By Virtue Of an Affidavit no. 665 dtd. 23.6.2025 the Executive Magistrate Gania, I Bhabani Sankar Panda S/o- Ananda Chandra Panda At- Nuapada, Po- karadapada, Ps - Gania, Dist- Nayagarh have changed my son's name Subhranshu Sankar Panda to Subhransu Sankar Panda. Henceforth He will be known as Subhransu Sankar Panda for all purposes.

**S/d- Bhabani Sankar Panda**

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dated- 30/06/2025. I **Anjali Panda,** W/o- Manoj Kumar Panda, resident of Village- Goptira, Po- Chandannagar, P.S.- Pattamundai Rural, Dist. Kendrapada, Odisha, My former name is **Anjali Rout** and after marriage my assumed name is **Anjali Panda**. I declare that my self **Anjali Panda** and **Anjali Rout** is one and same person for all purposes.

**Anjali Panda**

**AFFIDAVIT**

By virtue of an affidavit no. 664 dtd. 23.6.35 The Executive Magistrate, Gania. I, Sibashankar panda At- Nuapada, Po- Karadapada, Ps- Gania, Dist- Nayagarh have changed my name from Sib Sankar panda to Sibashankar panda . Henceforth I shall be known as **Sibashankar panda** for all purposes .

## ବିଜେଡି ନେତ୍ରୀ ଲେଖାଶ୍ରୀଙ୍କୁ ନୀଳଗିରି ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ

# ବିଜୁ ମହିଳା ଜନତା ଦଳର ବିକ୍ଷୋଭ



**ବାଲେଶ୍ୱର/ନୀଳଗିରି,୩।୭(ସମିସ):** ବିଜେଡିର ବାଲେଶ୍ୱର ସାଂସଦ ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅତି ଆପତ୍ତିଜନକ ମନ୍ତବ୍ୟ ଦେବା ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ଆଜି ବିକ୍ଷୋଭ ପ୍ରଦର୍ଶନ କରିଛି। ବହୁସଂଖ୍ୟାରେ ଦଳୀୟ ମହିଳା କର୍ମୀ ଆଜି ସନ୍ଧ୍ୟାରେ ଫାଣ୍ଡିଛକଠାରେ ଏକଜୁଟ୍ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହ ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କାଉନସିଲର୍ ସନ୍ଧ୍ୟାରାଣୀ ଜେନା ସହଦେବଖୁଣ୍ଟା ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି।

ଅଭିଯୋଗ ଅନୁସାରେ, ନୀଳଗିରିର ବିଜେପି ବିଧାୟକ ଶ୍ରୀ ଖଟୁଆ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାରଙ୍କ ପ୍ରତି ଆପତ୍ତିଜନକ ଓ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ଜଣେ ବିଧାୟକ ଗଣମାଧ୍ୟମରେ ଜଣେ ମହିଳାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେବା ନିହାତି ଲଜ୍ଜାଜନକ। ଏହା ଖାଲି ଡ. ସାମନ୍ତସିଂହାରଙ୍କୁ ଅପମାନ ନୁହେଁ, ବରଂ ସମଗ୍ର ନାରୀଜାତିକୁ ଅପମାନ ବୋଲି ବିଜେଡି ମହିଳା କର୍ମୀମାନେ ଅଭିଯୋଗ କରିଥିଲେ। ନାରୀସମାଜ ପ୍ରତି ଡବଲ ଇଞ୍ଜିନ ସରକାରର ଏହା କି' ପ୍ରକାର ସମ୍ମାନ ବୋଲି ସେମାନେ ପ୍ରଶ୍ନ କରିଥିଲେ। ତେଣୁ, ସଂପୃକ୍ତ ବିଧାୟକଙ୍କ ବିରୋଧରେ ଆଇନଗତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଏହି ସମୟରେ ୨୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳଙ୍କ ସମେତ ଅନ୍ୟ କାଉନସିଲର ମୀନା ମହାନ୍ତି, ଶଶିରେଖା ମହାନ୍ତି, ସବିତାରାଣୀ ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଶୋଭା ମହାପାତ୍ର, ମୀରାଜ ବାନୋ, ରାଜଲକ୍ଷ୍ମୀ ଚାଟାର୍ଜୀ, ମିତା ପଟ୍ଟନାୟକ, କବିତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

### ଥାନାରେ ଏତଲା ଦେଲେ କାଉନସିଲର୍

ସେହିପରି ଗୁରୁବାର ସନ୍ଧ୍ୟାରେ ବିଜେଡିର ପ୍ରାୟ୧୦୦ରୁ ଅଧିକ ମହିଳା କର୍ମୀ ନୀଳଗିରି ଥାନା ଆଇଆଇସିଙ୍କୁ ଭେଟି ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବିଧାୟକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂରା ନାରୀସମାଜ ପାଖରେ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ନାରୀନେତ୍ରୀ ଆଶୋକାସିନୀ ନାୟକ, ଶାନ୍ତିଲତା ବିଶ୍ୱାଳ ଏବଂ ସୋମବାରୀ ସିଂ ଚେତାବନୀ ଦେଇଛନ୍ତି।

## ପୁଣି ଉଜ୍ଜୀବିତ ହେଲା ଚିଟ୍‌ଫଣ୍ଡ ତାତି

# ଗ୍ରୀନ୍ ଇଣ୍ଡିଆ ଗଞ୍ଜାମ ଜିଲ୍ଲା ମୁଖ୍ୟ ଗିରଫ

**ଜଗନ୍ନାଥପ୍ରସାଦ, ୩।୭(ସମିସ):** ଜଗନ୍ନାଥପ୍ରସାଦ ଅଞ୍ଚଳରେ ଗ୍ରୀନ୍ ଇଣ୍ଡିଆ ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା କାର୍ଯ୍ୟାଳୟ ଖୋଲି ସ୍ଥାନୀୟ ଅନେକ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରି ରାତାରାତି କାର୍ଯ୍ୟାଳୟ ବନ୍ଦ କରି ଲୁଚି ପଳେଇଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ବ୍ୟକ୍ତିଙ୍କୁ ୫ବର୍ଷ ପୂର୍ବେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଗ୍ରୀନ୍ ଇଣ୍ଡିଆ ସଂସ୍ଥାର ବଡ଼ମୁଣ୍ଡ ଅର୍ଥାତ ଗଞ୍ଜାମ ଜିଲ୍ଲା ଡାଇରେକ୍ଟର୍/ଜେନେରାଲ ମେନେଜର ରଞ୍ଜନ ପରିଡ଼ାଙ୍କ ନାମରେ ୧୦କୋଟି ଠକେଇର ଅଭିଯୋଗ ହୋଇଥିଲା। ସେ ୨୦୧୪ ମସିହାରୁ ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିଲେ। ଅଭିଯୋଗ ହେବା ପରଠୁ ହିଞ୍ଜିଳି ଥାନା ଅନ୍ତର୍ଗତ ରାଲବ ଗ୍ରାମର ବିପ୍ର ପରିଡାଙ୍କ ପୁଅ ମୁଖ୍ୟ ଆସାମୀ ରଞ୍ଜନ ପରିଡାଙ୍କ ଘରେ ପୁଲିସ ଅନେକ ବାର ଚଢ଼ାଉ କରିଥିଲେ ବି ଧରିବାରେ ସଫଳ ହୋଇପାରି ନ ଥିଲା। ବାରମ୍ବାର ମୋବାଇଲ ସିମ ବଦଳାଇ ଅନେକ ରାଜ୍ୟ ବୁଲୁଥିବା ବେଳେ ଏବେ କିଛି ଦିନ ହେବ ବ୍ରହ୍ମପୁରରେ ରହୁଥିବା ପୁଲିସ ଜାଣିବାକୁ ପାଇଥିଲା। ତେଣୁ ଜଗନ୍ନାଥ ପ୍ରସାଦ ପୁଲିସ ବ୍ରହ୍ମପୁରସ୍ଥିତ ସୁରଜ ବିହାର ୬ଷ୍ଠ ଲାଇନରେ ଥିବା ତାଙ୍କର ଆଲିସାନ ବଙ୍ଗଳା ପାଖାପାଖି ଚକ୍କର କାଟୁଥିଲା। ଏହାରି ଭିତରେ ବ୍ରହ୍ମପୁର ଟାଉନ ଥାନାର ସହଯୋଗରେ ତାର ଗ୍ୟାସ କନେକ୍ସନ, ଟିଭି ଲାଇନ, ମୋବାଇଲ ରିଚାର୍ଜ ଭଳି ଅନେକ ସୂତ୍ରରୁ ତାର ଗତିବିଧି ଓ ରହଣି ସ୍ଥାନ ନେଇ ଖବର ସଂଗ୍ରହ କରିଥିଲା। ଗତ ୨ତାରିଖ ଦିନ ଘରେ ଥିବା ଜାଣିପାରି ଅତର୍କିତ ଚଢ଼ଉ କରି ଧରିବାରେ ସଫଳ ହୋଇଥିଲା। ସେଠାରୁ ଅଭିଯୁକ୍ତଙ୍କୁ ଧରି ଜଗନ୍ନାଥପ୍ରସାଦ ଥାନାକୁ ଅଣାଯାଇ ୨୦୧୪ ମସିହାରେ ରୁଜୁ ହୋଇଥିବା ମାମଲା ୬୨/୨୦୧୪ ପ୍ରକାରେ ଠକେଇ ମାମଲା ଧାରା ୪୨୦/୩୪ ଯୋଗେ ଗିରଫ କରି କରାଯାଇଥିବା ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି। ଚଢ଼ଉରେ ଥାନା ଏଏସଆଇ ପ୍ରିୟରଞ୍ଜନ ମିଶ୍ର, ହାବିଲଦାର ଦିଲ୍ଲୀପ କୁମାର ରଣା, ମହେଶ୍ୱର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିବାରୁ ପୋଲିସର ଏହି ମିଶନ ସଫଳ ହୋଇଥିବା ଥାନାଧିକାରୀ ଶ୍ରୀ ଲେଙ୍କା ପ୍ରକାଶ କରିଛନ୍ତି।



# ଭିଜିଲାନ୍ସ ଜାଲରେ ତାଳଚେର ଥାନା ଏଏସଆଇ

**ତାଳଚେର ସହର/ତାଳଚେର ସଦର, ୩।୭ (ସମିସ):** ଜଣେ ଚୋରାମଦ ବ୍ୟବସାୟୀଙ୍କୁ ଥାନାରୁ ୪୧ ସିଆର୍‌ପିସିରେ ଜାମିନ କରାଇଦେବା ପାଇଁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ତାଳଚେର ଥାନା ଏଏସଆଇ ଧରଣୀଧର ନାଥ। ତାଙ୍କଠାରୁ ରାସାୟନିକ ପ୍ରଲେପ ବୋଳା ଲାଞ୍ଚ ଟଙ୍କା ଜବତ କରାଯାଇଛି। ତାଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଛି। ଏଥିସହ ଧରଣୀଧରଙ୍କ ପୈତୃକ ଘର ଚେଣ୍ଡିପଦା ବ୍ଲକ ଖାମର ଗ୍ରାମ ଓ ତାଳଚେର ହାଣ୍ଡିଧୂଆଁସ୍ଥିତ ଭଡ଼ାଘରେ ଖାନତଲାସି ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ଜନ୍ଦାବାହାଲ ଗ୍ରାମର ପ୍ରୀତିରଞ୍ଜନ ଭୁକ୍ତା ଚୋରାମଦ କାରବାର କରୁଥିବା ବେଳେ ଗତ ଏପ୍ରିଲ ମାସରେ ପୁଲିସ ଚଢ଼ଉ କରି ତାଙ୍କ ପାଖରୁ ୪୦୦୦ ଲିଟର ବିଦେଶୀ ମଦ ଜବତ କରିଥିଲା। ଏହି ମାମଲାରେ ଥାନାରୁ ୪୧ ସିଆର୍‌ପିସିରେ ଜାମିନ କରାଇଦେବା ପାଇଁ ଧରଣୀଧର ପ୍ରୀତିରଞ୍ଜନଙ୍କୁ ୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପ୍ରୀତିରଞ୍ଜନ ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଧରଣୀଧରଙ୍କୁ ଧରିବା ପାଇଁ ଭିଜିଲାନ୍ସ ଯୋଜନା କରିଥିଲା। ଯୋଜନା ମୁତାବକ ଗୁରୁବାର ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ରାସାୟନିକ ପ୍ରଲେପ ବୋଳା ଟଙ୍କା ପ୍ରୀତିରଞ୍ଜନଙ୍କ ମାଧ୍ୟମରେ ଧରଣୀଧରଙ୍କୁ ଦିଆଯାଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଭିଜିଲାନ୍ସ ଅଧିକାରୀମାନେ ଚଢ଼ଉ କରି ଧରଣୀଧରଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରିଥିଲେ। ଭିଜିଲାନ୍ସ ବିଭାଗର ଜଣେ ଡିଏସପି ଓ ତିନିଜଣ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ଉରେ କଟକ ଏବଂ ଅନୁଗୋଳ ଭିଜିଲାନ୍ସ ବିଭାଗର ୧୧ ଜଣିଆ ଟିମ୍ ସାମିଲ ହୋଇଛନ୍ତି।

## ପୁଅ ପଚାରିଲାନି; ଋଣ ବୋଝ ଚିନ୍ତା ଘାରିଲା

# ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା

**ନୂଆପଡା,୩।୭(ସମିସ):** ଗୋଟିଏ ବୋଲି ପୁଅ। ବୃଦ୍ଧାବସ୍ଥାରେ ମୁହଁରେ ପାଣି ବୁନ୍ଦାଏ ଦେବେ ବୋଲି ଆଶା କରିଥିଲେ। ହେଲେ ସେ ବାପା-ମାଆଙ୍କୁ ଖାଇବା ପିଇବାକୁ ଦେଇ ଅନ୍ୟତ୍ର ଠେଲିଦେବା। ଅନ୍ୟପକ୍ଷେ ପୁଅ ଝିଅଙ୍କ ବିବାହ କରି ଘର ବସାଇବାକୁ ସାହୁକାରଙ୍କ ଠାରୁ ଋଣଗ୍ରସ୍ତ ହେବାପରେ ବୃଦ୍ଧ ଦମ୍ପତି ଚଳନ୍ତା ଟ୍ରେନ ଆଗକୁ ଡେଇଁ ପରିଣତ ବୟସରେ ଜୀବନ ହାରିବା ଭଳି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ସ୍ଥାନୀୟ ନୂଆପଡ଼ା ଜିଲ୍ଲା ସଦର ଥାନା ଅନ୍ତର୍ଗତ ସିଲଦା ଗାଁରେ। ଗାଁର ଯଦୁରାମ ପାଣ୍ଡେ(୫୮) ଏବଂ ତାଙ୍କ ପତ୍ନୀ ଜାମବାଇ ପାଣ୍ଡେ (୫୫)କଲ୍ୟାଣପୁର ଗାଁ ନିକଟରେ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଯଦୁରାମଙ୍କ ଗୋଟିଏ ପୁଅ ନରେଶ(୩୨) ଏବଂ ତିନି ଝିଅ। ସମସ୍ତଙ୍କୁ ବିବାହ କରିସାରିଛନ୍ତି। ପୁଅ ଝିଅଙ୍କ ବିବାହ ବ୍ରତ କରିବା ନାଁରେ ଜମି ବିକ୍ରି କରି ସାହୁକାରଙ୍କଠାରୁ ଋଣ ଆଣିଥିଲେ। ପରବର୍ତି ସମୟରେ ପୁଅ ନରେଶଙ୍କ ସହ ମନୋମାଳିନ୍ୟ ହେବାରୁ ଅନ୍ୟ ଏକ କୋଠରୀରେ ରହୁଥିଲେ। ବୁଧବାର ଦିନ ସକାଳେ ନରେଶ ନିଜ ସ୍ତ୍ରୀଙ୍କ ସହ ମିଶି କ୍ଷେତକୁ ଚାଲିଗଲେ।ମଧ୍ୟାହ୍ନରେ ନରେଶ ଆସି ଦେଖିବାବେଳକୁ ଦୁହେଁ ଘରେ ନଥିଲେ। ପରବର୍ତ୍ତୀ ସମୟରେ ସଂଧ୍ୟାରେ କଲ୍ୟାଣପୁର ଗାଁ ଲେଭେଲ କ୍ରସିଂ ନିକଟରେ ମୃତଦେହ ପଡ଼ିଥିବା ଖବର ପ୍ରଚାରିତ ହୋଇଥିଲା। କଣ୍ଟାବାଞ୍ଜି ରେଳବାଇ ପୁଲିସ ଘଟଣାସ୍ଥଳରେ ଆସି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଗୁରୁବାର ଦିନ ନୂଆପଡା ଥାନା ପୁଲିସ ମଧ ଗାଁକୁ ଯାଇ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ମୃତକ ଯଦୁରାମଙ୍କ ନାଁରେ ଥିବା ଅଢେଇ ଏକର ଜମିରୁ ଏକରେ ବିକ୍ରି କରିଦେଇଥିଲେ। ବାକି ତକ ନରେଶ ଚାଷ କରୁଥିଲା। ହେଲେ ଯଦୁରାମ ଯାହା କିଛି ଋଣ ନେଇଥିଲେ ତାହା କ୍ରମେ ବଢ଼ି ବଢ଼ି ଚାଲିଥିଲା। ଗୋଟିଏ ପଟେ ପୁଅଙ୍କୁ ଦୂରେଇ ରହୁଥିବା ଯନ୍ତ୍ରଣା ଅନ୍ୟପଟେ ଋଣ ଚାପ ଯୋଗୁଁ ଏଭଳି ପଦକ୍ଷେପ ନେଇଥିବା ଗ୍ରାମବାସୀ ଆଲୋଚନା କରୁଛନ୍ତି। ଏକ ଗରିବ ପରିବାର। ନରେଶ ବର୍ଷର ଅଧା ସମୟ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବାବେଳେ ଏପଟେ କମ ଜମି ହେତୁ ପରିବାର ପୋଷିବା କଷ୍ଟକର ହୋଇଥାଏ। ଗରିବ ଅବସ୍ଥା ସହ ରୁଣ ବୋଝରୁ ଏଭଳି ହୋଇଥିବା ସମିତି ସଭ୍ୟ ଚୂରନ ସିଂ ମାଝୀ କହିଛନ୍ତି।

# ଅଶୌଚ ଲାଗିଥିଲା; ଶ୍ରୀମନ୍ଦିରରେ ପଶିଲେ ବିଧାୟକ

**ପୁରୀ, ୩।୭ (ସମିସ):** ଅଶୌଚ ଲାଗିଥିଲା; ହେଲେ ଏହାକୁ ଭୁଲିଗଲେ ବିଧାୟକ। ଦଳୀୟ ନେତା-ମନ୍ତ୍ରୀଙ୍କ ସହ ଶ୍ରୀମନ୍ଦିରକୁ ପ୍ରବେଶ କଲେ। କେବଳ ମନ୍ଦିର ଯେ ଯାଇଛନ୍ତି, ତାହା ନୁହେଁ, ରଥଯାତ୍ରାରେ ଭିଆଇପିଙ୍କ ପାଇଁ ହୋଇଥିବା ସବୁ ବ୍ୟବସ୍ଥାରେ ସାମିଲ ମଧ ହୋଇଛନ୍ତି। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କର ଏହି ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଅନେକ ତାଙ୍କୁ କଟାକ୍ଷ କରିଛନ୍ତି। ହିନ୍ଦୁତ୍ୱର କଥା କହୁଥିବା ଏବଂ ଧର୍ମକୁ ନେଇ ସବୁବେଳେ ରାଜନୀତି କରି ଆସୁଥିବା ବିଜେପିର ଜଣେ ବିଧାୟକ କିପରି ପ୍ରଥା-ପରମ୍ପରା ଭୁଲିଗଲେ; ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଆପ୍‌ର ସମୀର ସାମନ୍ତରାୟଙ୍କଠାରୁ ଆରମ୍ଭ କରି ଅନେକ ବ୍ୟକ୍ତି।

### ସୋସିଆଲ ମିଡିଆରେ ବିଧାୟକଙ୍କୁ କଟାକ୍ଷ

ଘଟଣା ଥିଲା ଏମିତି; ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ଜୁନ୍ ୨୨ ତାରିଖରେ ତାଙ୍କ ଫେସ୍‌ବୁକ ପେଜ୍‌ରେ ଏକ ପୋଷ୍ଟ କରିଥିଲେ। ସେ ଲେଖିଥିଲେ, 'ବଡ଼ଭାଇନା ଗୌତମ ମିଶ୍ରଙ୍କର ପରମପୂଜ୍ୟ ପିତୃଦେବ ମୋର ଦଦେଇ ଦେବବ୍ରତ ମିଶ୍ରଙ୍କ ଆକସ୍ମିକ ବିୟୋଗ ଘଟିଥିବାରୁ ମୁଁ ଗଭୀର ଶୋକ ପ୍ରକାଶ କରିବା ସହ ବ୍ୟକ୍ତିଗତ ଭାବେ ଦୁଃଖିତ ଓ ମର୍ମାହତ'। ଅନ୍ୟପକ୍ଷରେ ବିଧାୟକ ଶ୍ରୀ ମିଶ୍ର ଗତ ୨୭ତାରିଖରେ ପୁରୀ ରଥଯାତ୍ରାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଜେପିର ଅନ୍ୟ ନେତା-ମନ୍ତ୍ରୀଙ୍କ ସହ ଉଦ୍ଦିଷ୍ଟ ମଞ୍ଚରେ ବସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ଅତିଥିଙ୍କ ସହିତ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ମନ୍ଦିରକୁ ପ୍ରବେଶ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ପୁରୀ ଜିଲ୍ଲା ଆପ୍‌ର ସମୀର ସାମନ୍ତରାୟ ଏହି ଭିଡିଓକୁ ପୋଷ୍ଟ କରି କହିଛନ୍ତି, ଯଦି ବିଧାୟକ ଦଦେଇଙ୍କର ଜୁନ୍ ୨୨ରେ ପରଲୋକ ହେଲା, ତେବେ ତାଙ୍କର ଶୁଦ୍ଧିକର୍ମ ସରି ନଥିବା ବେଳେ ଅର୍ଥାତ୍ ଜୁନ୍ ୨୭ ତାରିଖରେ ସେ କିପରି ଶ୍ରୀମନ୍ଦିରକୁ ଭିତରକୁ ପ୍ରବେଶ କଲେ? ହିନ୍ଦୁ ପରମ୍ପରା ଅନୁସାରେ ଅଶୌଚ ପରେ ଶୁଦ୍ଧି ନ ହେବା ପର୍ଯ୍ୟନ୍ତ କୌଣସି ମନ୍ଦିରକୁ ଯିବାର ବିଧି ନାହିଁ। ସାଧାରଣତଃ ଆମ ପରମ୍ପରାରେ ୧୨ଦିନ ପର୍ଯ୍ୟନ୍ତ ଅଶୌଚ ଲାଗିଥାଏ। ହେଲେ ବିଧାୟକ କିପରି ଏହାକୁ ଭୁଲିଗଲେ ବୋଲି ସାଧାରଣରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅବଶିଷ୍ଟାଂଶ

### ଦେଶରେ ଓଡ଼ିଶା...

ଏକାଧିକ ରିପୋର୍ଟରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରି ଆସିଛି। ସଦ୍ୟ ପ୍ରକାଶିତ 'ପରଖ' ରିପୋର୍ଟରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଥିବାବେଳେ ପିଜିଆଇ ର୍ୟାଙ୍କିଂ ଆଗକୁ ଉତ୍ତମ ପ୍ରଦର୍ଶନ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ରାଜ୍ୟର ସଫଳତାକୁ ନେଇ ନବୀନ ପଟ୍ଟନାୟକ କହିଛନ୍ତି ଯେ ପିଜିଆଇ ର୍ୟାଙ୍କିଂରେ ୨୦୧୪ ମସିହାରେ ୧୪ତମ ସ୍ଥାନରେ ଥିଲା ଓଡ଼ିଶା। ମାତ୍ର ଶିକ୍ଷା କ୍ଷେତ୍ରରେ ସଂସ୍କାର ଓ ଶୈକ୍ଷିକ ବାତାବରଣ ସୃଷ୍ଟି କ୍ଷେତ୍ରରେ ପ୍ରଗାଢ଼ ଉଦ୍ୟମ ଯୋଗୁଁ ୨୦୨୩-୨୪ ଶିକ୍ଷାବର୍ଷରେ ପଞ୍ଚମ ସ୍ଥାନ ହାସଲ କରିଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚାକାଂକ୍ଷା ଏବଂ ନୂତନତ୍ୱ ଆଣିବାକୁ ୫-ଟି ଅଧୀନରେ ବିଦ୍ୟାଳୟର ରୂପାନ୍ତରଣ ସଫଳତା ପାଇଛି। ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବଢ଼ାଇ ନୂତନ ଓଡ଼ିଶା ଗଠନ କରିବାରେ ସେ ବିଶ୍ୱାସ କରନ୍ତି। ଏଣୁ ତାଙ୍କ ସରକାର ସମୟରେ ରାଜ୍ୟରେ ପ୍ରାୟ ୭ହଜାର ବିଦ୍ୟାଳୟର ରୂପାନ୍ତରଣ କରାଯାଇଛି। ସରକାରୀ ବିଦ୍ୟାଳୟ ଶିକ୍ଷାର ଭିତ୍ତିଭୂମି ଦୃଢ଼ ହୋଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷ ହାସଲ କରିବାରେ ସାହାଯ୍ୟ କରୁଛି। ଏହି ବିଶାଳ ପରିବର୍ତ୍ତନ ପାଇଁ ସମସ୍ତ ଶିକ୍ଷକ, ଅଭିଭାବକ, ପ୍ରଶାସକ ଏବଂ ସହଯୋଗ କରିଥିବା ସମସ୍ତ କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

### ଓଏଏସ୍ ଆନ୍ଦୋଳନ...

ବ୍ଲକ୍ ଓ ଜିଲ୍ଲାସ୍ତରରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ବେଳେ ବିଭିନ୍ନ ଆର୍‌ଥିକ କାର୍ଯ୍ୟ ମଧ୍ୟ ଗୁରୁତର ପ୍ରଭାବିତ ହୋଇଥିଲା। ସରକାର ବାରମ୍ବାର ଆଲୋଚନା ଓ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଓଏଏସ୍ ସଂଘ ନିଜ ଜିଦ୍‌ରେ ଅଡ଼ି ବସିଥିଲା। ଏହିକ୍ରମରେ ଗୁରୁବାର ପୁଣି ଥରେ ଓଏଏସ୍ ସଂଘ ନିଜର ଦାବିକୁ ଦୋହରାଇବା ସରକାରଙ୍କ ଚିନ୍ତା ବଢ଼ାଇଥିଲା।

ରାଜ୍ୟ ସରକାର ଓଏଏସ୍ ସଂଘକୁ ବୁଝା ଶୁଝା କରି କାମ ମେଣ୍ଟାଇବାକୁ ଉଦ୍ୟମ କରୁଥିବା ବେଳେ ଏହି ସ୍ଥିତିରେ ଗୁରୁବାର ବିଜେପି ପାର୍ଟି ଅଫିସ୍‌ରେ ପହଞ୍ଚି ଦଳର ସଭାପତି ଓ ଅନ୍ୟ ନେତାଙ୍କ ସହ ଆଲୋଚନା କରିଥିଲେ। ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଓଏଏସ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଗୁରୁବାର ସନ୍ଧ୍ୟାରେ ଜଗନ୍ନାଥ ପ୍ରଧାନ ନିଜ ସମର୍ଥକଙ୍କ ସହ ଡ଼ିସିପି ଅଫିସରେ ପହଞ୍ଚି ଆତ୍ମ ସମର୍ପଣ କରିବା ପରେ ତାଙ୍କୁ ପୁଲିସ ଗିରଫ କରିଥିଲା।

**KALYANPUR DEGREE COLLEGE**

KALYANPUR, DELANG, PURI-752015

Email: degreecollegekalyanpur@gmail.com, contact No. 8895300485

Invited sealed quotation from interested firms having OEM Authorization for upgrading IT infrastructure of the college by supplying Desktop Computers, UPS, MFM Printer, 65 inch LED TV, AC & Wireless Mice & Camera for Virtual Meeting. The tender must be received by the undersigned within 07 days from the date of publication. For details go through the website - www.kalyanpur.in

**Sd/- Principal**

## ବୁଡିଲା ଭଦ୍ରକ ଓ ତିହିଡ଼ି; ଆଗକୁ ପରିସ୍ଥିତି ଅଣାୟତ୍ତ ହେବ

# ହଦଗଡ଼ର ପାଣି ଛାଡ଼ିବା ପରେ ଭଦ୍ରକରେ କୃତ୍ରିମ ବନ୍ୟା






ଭଦ୍ରକ,୩।୭(ସମିସ)

ଲଘୁଚାପ ଜନିତ ଲଗାଣ ବର୍ଷାରେ ବୁଡିଲାଣି ଭଦ୍ରକ ଓ ତିହିଡି ବ୍ଲକ। ଆଗକୁ ଏପରି ବର୍ଷା ଲାଗିରହିଲେ ପରିସ୍ଥିତି ଅଣାୟତ୍ତ ହେବା ନିଶ୍ଚିତ। ମଙ୍ଗଳବାର ରାତିରେ ହଦଗଡ ଜଳଭଣ୍ଡାରରୁ ପାଣି ଛାଡିବା ପରେ ସାଳନ୍ଦୀ ନଦୀରେ ଅପ୍ରତ୍ୟାଶିତଭାବେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀବନ୍ଧ ବୁଡି ପାଣି ଚାଲିବା ଯୋଗୁ ଭଦ୍ରକ ବ୍ଲକର ଖଣ୍ଡତଡା, ବେନ୍ତାଳ, ଗୁଜିଦରଡା ଆଦି ପଞ୍ଚାୟତରେ ଜଳ ପ୍ରବେଶ କରିଛି। ସେହିଭଳି ଅନ୍ନପାଳ, ବିଷ୍ଣୁପୁର ଆଦି ପଞ୍ଚାୟତକୁ ମଧ୍ୟ ପାଣି ମାଡିଚାଲିଛି। ବିସ୍ତୃତ ଚାଷଜମି ଜଳାର୍ଣ୍ଣବ ହୋଇଥିବାବେଳେ ଲୋକଙ୍କ ଘର ଏବଂ ବାଡିରେ ମଧ୍ୟ ବର୍ଷାଜଳ ପଶିଛି। ସେହିପରି ସହରାଞ୍ଚଳର ୨୮, ୨୯ ଓ ୩୦ନଂ. ୱାର୍ଡରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସହରର ତଳିଆ ଅଞ୍ଚଳରେ ବସବାସ କରୁଥିବା ନଦୀକୂଳିଆବାସୀଙ୍କ ଘରେ ମଧ୍ୟ ପାଣି ପଶିଛି। ତେବେ ଏହା ଏକ କୃତ୍ରିମ ବନ୍ୟା ବୋଲି ଅଭିଯୋଗ ହୋଇଛି। ସାଳନ୍ଦୀ ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ଓ ବିଦ୍ୟାଧରପୁର ବ୍ୟାରେଜ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ଅଭାବରୁ ଏଭଳି ପରିସ୍ଥିତ ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ହଦଗଡ ଜଳଭଣ୍ଡାରର ୩ଟି ରେଡିଆଲ ଫାଟକ ଖୋଲିଥିଲା। ଏହି ଫାଟକ ଦେଇ ସର୍ବାଧିକ ୨୫୦୦ କ୍ୟୁସେକ ଜଳ ଛଡା ଯାଇଥିଲା। ନିଷ୍କାସିତ ଜଳ ଜଳଭଣ୍ଡାରରୁ ବାହାରି ବିଦ୍ୟାଧରପୁର ବ୍ୟାରେଜ ଦ୍ୱାରା ନିୟନ୍ତ୍ରିତ ହୋଇ ସାଳନ୍ଦୀ ନଦୀରେ ନଦୀରେ ଭଦ୍ରକ ପହଞ୍ଚିବା ପରେ ତଳିଆ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଗତକାଲି ରାତିରେ ସାଳନ୍ଦୀ ନଦୀଜଳ ବନ୍ଧ ପାରିହୋଇ ଗାଁ ଗଣ୍ଡାକୁ ପ୍ରବେଶ କରିବା ପରେ ଲୋକେ ଛାନିଆ ହୋଇଯାଇଛନ୍ତି। ସାଳନ୍ଦୀ କେନାଲ ଡିଭିଜନର ଅଧିକାରୀ ଗତକାଲି ବେନ୍ତାଳ, ଖଣ୍ଡତଡା, ଗୁଜିଦରଡା ଆଦି ପଞ୍ଚାୟତକୁ ସ୍ଥିତି ଅନୁଧ୍ୟାନରେ ଯାଇଥିବା ବେଳେ ସେଠାରେ ବିପନ୍ନମାନେ ଏହା ମନୁଷ୍ୟକୃତ ବନ୍ୟା ଓ ଏଥିପାଇଁ ବିଭାଗ ଦାୟୀ ବୋଲି କହି ଅଧିକାରୀଙ୍କୁ ଘେରିଥିଲେ। ତେବେ ରାତିରେ ଏତେ ପାଣି ଛଡାଯିବ ବୋଲି ଆମେ କଳନା କରିନଥିଲୁ କହି ସାଳନ୍ଦୀ କେନାଲ ଡିଭିଜନ ଅଧିକାରୀ ଲୋକଙ୍କୁ ବୁଝାସୁଝା କରିଥିଲେ। ସରକାରୀ ଭାବେ ଭଦ୍ରକ ବ୍ଲକର ଖଣ୍ଡତଡା ପଂଚାୟତର ୧୬ରୁ ଅଧିକ ପରିବାରର ୮୦ ଜଣ ପାଣିଘେରରେ ରହିଥିବା ବେଳେ ଗୁଜିଦରଡା ପଞ୍ଚାୟତର ୨୦୦ ପରିବାର ପ୍ରଭାବିତ ହୋଇଛନ୍ତି। ସେହିଭଳି ବେନ୍ତାଳ ପଞ୍ଚାୟତର ୮୦ରୁ ଅଧିକ ପରିବାର ପ୍ରଭାବିତ ହୋଇଛନ୍ତି। ମଧ୍ୟାହ୍ନରେ ଭଦ୍ରକ ବିଧାୟକ ସୀତାଂଶୁ ମହାପାତ୍ର ପ୍ରଭାବିତ ପଞ୍ଚାୟତ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଳବନ୍ଦୀ ପରିବାରକୁ ଶୁଖିଲା ଖାଦ୍ୟ ଏବଂ ଗୃହପାଳିତ ପଶୁଧନଙ୍କ ଲାଗି ଖାଦ୍ୟ ବ୍ୟବସ୍ଥା କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ବନ୍ୟାଞ୍ଚଳ ଗସ୍ତ କରିବା ସହ ପ୍ରଭାବିତଙ୍କ ଅବସ୍ଥା ବୁଝିଛନ୍ତି। ସେମାନଙ୍କୁ ଶୁଖିଲା ଖାଦ୍ୟ ବିତରଣର ବ୍ୟବସ୍ଥା କରିଥିଲେ। ଏପଟେ ଗତକାଲି ହଦଗଡ ଜଳଭଣ୍ଡାରରେ ୨୫୦୦ କ୍ୟୁସେକ ଜଳ ୩ଟି ଫାଟକ ଦେଇ ନିଷ୍କାସିତ ହୋଇଥିବା ବେଳେ ପରିସ୍ଥିତି ଦେଖି ସମସ୍ତ ଫାଟକକୁ ବନ୍ଦ କରି ଦିଆଯାଇଛି। ଏବେ କେବଳ ଅଣ୍ଡର ସ୍ଲୁଇସ ଦେଇ ୧୨୦୦ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଏହି କାରଣରୁ ସାଳନ୍ଦୀ ନଦୀରେ ଜଳସ୍ତର ଖସିବାରେ ଲାଗିଛି। ଆଜି ରାତିରେ ଯଦି ବର୍ଷା ଜାରି ରହେ ତେବେ ସାଳନ୍ଦୀ ନଦୀରେ ପାଣି ଆସି ଅଧିକ ଭାବେ ପ୍ରଭାବିତ କରିବ ବୋଲି କୁହାଯାଉଛି। ଅପରପକ୍ଷେ କୃତ୍ରିମ ବନ୍ୟାର ଅଭିଯୋଗ ସମ୍ପର୍କରେ ସାଳନ୍ଦୀ କେନାଲ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଲାଇକେନ ବିସ୍ୱାଙ୍କୁ ପଚାରିବାରୁ ଜଳଭଣ୍ଡାର ଜଳ ଛାଡିବା ପରେ କେତେକ ସ୍ଥାନରେ ବନ୍ଧ ବୁଡି ପାଣି ଚାଲିବ ବୋଲି ଆକଳନ କରିପାରି ନ ଥିଲୁ। ଯେଉଁଠାରେ ନଦୀବନ୍ଧ ବୁଡିଥିଲା ସେହିସବୁ ସ୍ଥାନରେ ବାଲିବସ୍ତା ପକାଯାଇଥିବା କହିଛନ୍ତି। ସେହିପରି ତିହିଡ଼ି ବ୍ଲକର ତଳଗୋବବିନ୍ଧା ଓ ବୋଡକ ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଜିଲ୍ଲା ତଥା ବ୍ଲକ ପ୍ରଶାସନିକ ଅଧିକାରୀ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି।

- ଭଦ୍ରକର ୫ ପଞ୍ଚାୟତ, ୩ଟି ୱାର୍ଡ ଓ ତିହିଡି ବ୍ଲକର ୨ଟି ପଞ୍ଚାୟତରେ ପଶିଲା ବର୍ଷାଜଳ
- ପୂର୍ବାନୁମାନରେ ସାଳନ୍ଦୀ ଡିଭିଜନ କର୍ତ୍ତୃପକ୍ଷ ଫେଲ
- ମନୁଷ୍ୟକୃତ ବନ୍ୟା ପାଇଁ ବିଭାଗକୁ ଦାୟୀକଲେ ଲୋକେ



## ଭଦ୍ରକ ରୋଟାରୀ କ୍ଲବ୍ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ




ଭଦ୍ରକ,୩।୭(ସମିସ): ରୋଟାରୀ ବର୍ଷର ପ୍ରଥମ ଦିବସରେ ରୋଟାରୀ କ୍ଲବ୍ ଭଦ୍ରକର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ରୋ. ନାସିର ବକ୍ସ ଓ ସମ୍ପାଦକ ରୋ. ବାଦଲ କିଶୋର ମହାପାତ୍ରଙ୍କ ନେତୃତ୍ୱ ଏବଂ ଚେୟାରମ୍ୟାନ ରୋ. ପ୍ରମୋଦ କୁମାର ଜେନାଙ୍କ ଆୟୋଜନ କ୍ରମେ ସର୍ବ ପ୍ରଥମେ ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ରାଖାଲ ଦାସ ଓ ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଚେୟାରମେନ ରୋ ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କ ଆୟୋଜନରେ କ୍ଲବ ଗୃହ ସମ୍ମୁଖ ରାସ୍ତା କଡ଼ରେ ଓ ରାମକୃଷ୍ଣ ଆଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ଚେୟାରମ୍ୟାନ ରୋ ବସନ୍ତ କୁମାର ପାଣିଗ୍ରାହୀଙ୍କ ଆୟୋଜନ କ୍ରମେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୨୫ ୟୁନିଟ ସଂଗ୍ରହ କରାଯାଇଥିଲା। ଚତୁର୍ଥ ପର୍ଯ୍ୟାୟରେ ଚେୟାରମ୍ୟାନ ତଥା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ରୋ ସୁଧୀରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଉଭୟ ରୋଟାରୀ କ୍ଲବ୍, ଆଇଏମ୍ଏ ଓ ଭଦ୍ରକ ଜିଲ୍ଲା ଓଡ଼ିଶା ମେଡିକାଲ ଆସୋସିଏସନର ମିଳିତ ସହଯୋଗରେ "ଆନ୍ତର୍ଜାତୀୟ ଡକ୍ଟରସଙ୍କ ଦିବସ' ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ସଭା ଆୟୋଜିତ ହୋଇ କୃତୀ ଚିକିତ୍ସକ ଓ ସେବକ ଏବଂ ସେବିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଞ୍ଚମ ପର୍ଯ୍ୟାୟରେ ଚେୟାରମ୍ୟାନ ରୋ. ବୈରାଗୀ ଚରଣ ଧଳଙ୍କ ଆୟୋଜନରେ ଅନ୍ନପୂର୍ଣ୍ଣା ଦିବସ ପାଳନ ମିଶନ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଶ୍ରମଜୀବୀ ପରିବାରକୁ ରନ୍ଧା ଖାଦ୍ୟ ଓ ଛତା ବଣ୍ଟନ କରାଯାଇଥିଲା। ନବ ନିର୍ବାଚିତ ପ୍ରାନ୍ତପାଳ ରୋ. ଇନ୍ଦ୍ରଜିତ ସାହୁ ତଥା ମିଶନ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ସମସ୍ତ ବ୍ୟବସ୍ଥା ଯୋଗାଇଥିଲେ। ଅନ୍ତିମ ଦିବସରେ ଚେୟାରମ୍ୟାନ ରୋ. ବିଚିତ୍ରାନନ୍ଦ ଦାସଙ୍କ ସଂଯୋଜନାରେ କ୍ଲବ ସମ୍ମିଳନୀ ଗୃହରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଡେ ପାଳନ କରାଯାଇଥିଲା। ଆୟୋଜିତ ସଭାରେ ଦିବସର ଗୁରୁତ୍ୱ ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ଚାରିଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ରୋଟାରୀ କ୍ଲବ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବସ ବ୍ୟାପୀ ସମସ୍ତ କାର୍ଯ୍ୟରେ ରୋ. ଉମାକାନ୍ତ ଜେନା, ରୋ ପ୍ରଣବ କୁମାର ସାହୁ, ପୂର୍ବ ବର୍ଷ ସଭାପତି ରୋ ସନ୍ତୋଷ କୁମାର ନାୟକ, ସମ୍ପାଦିକା ରୋ ସାୟାନ୍ତା ସୌରମାଳିନି ସାହୁ, ରୋ ବୈରାଗୀ ଧଳ, ରୋ ଅଭିଜିତ ନାୟକ, ରୋ ମାଙ୍ଗିଲାଲ୍ ବଳଦେୱା, ରୋ ସୈଳେନ୍ଦ୍ର ପାଢ଼ୀ, ରୋ ପୂର୍ଣ୍ଣଚନ୍ଦ୍ର ସାହୁ ଓ ରୋ ବିଶ୍ୱପ୍ରକାଶ ଭଟ୍ଟାଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ବିନା ବେତନରେ କାମ କରୁଛନ୍ତି ୫୭ ବିଷୟବସ୍ତୁ ବିଶେଷଜ୍ଞ



ଭଦ୍ରକ,୩।୭(ସମିସ): ରାଜ୍ୟର ୩୦ ଜିଲ୍ଲାରେ ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞ (ସବଜେକ୍ଟ ମେଟର ଏକ୍ସପର୍ଟସ୍, ଏସଏମଇଏଓ), ଏପ୍ରିଲ୍‌ରୁ ବେତନ ବିହୀନ, ମୁଖ୍ୟମନ୍ତ୍ରୀଙ୍କ ଅଧୀନ ଥିବା ବିଭାଗର ଉପେକ୍ଷା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାର ୨୬ ଜିଲ୍ଲାରେ କାର୍ଯ୍ୟରତ ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞ, ଯେଉଁମାନେ ଡିଷ୍ଟ୍ରିକ୍ଟ ପ୍ଲାନିଂ ଏଣ୍ଡ ମନିଟରିଂ ୟୁନିଟ୍ (ଡିପିଏମୟୁଏସ୍)ରେ ପ୍ଲାନିଂ ଏବଂ କନଭର୍ଜେନ୍ସ ବିଭାଗ ଅଧୀନରେ ଦୀର୍ଘ ସମୟ ଧରି କାର୍ଯ୍ୟ କରୁଛନ୍ତି, ସେମାନେ ୩୧ ମାର୍ଚ୍ଚ ୨୦୨୫ ପରେ ବେତନ ବିହୀନ ଅବସ୍ଥାରେ ଅଛନ୍ତି। ତାଙ୍କର ଅନୁବନ୍ଧ ଶେଷ ହୋଇଥିବା ସତ୍ତ୍ୱେ, ସେମାନେ ଏପ୍ରିଲ୍ ୨୦୨୫ରୁ ଲାଗି ସେବା ଦେଇ ଚାଲିଛନ୍ତି, ଯାହା ଆଜି ୩ ମାସ ବେତନ ବିନା କାର୍ଯ୍ୟ କରିବା ପରିସ୍ଥିତିକୁ ନେଇଯାଇଛି। ୨୮ ଜଣ ବରିଷ୍ଠ ବିଶେଷଜ୍ଞଙ୍କର ୧୧ ବର୍ଷ ଓ ୨୯ ଜଣଙ୍କର ୮ ବର୍ଷରୁ ଅଧିକ ଅଭିଜ୍ଞତା ଅଛି। ସେମାନେ ଏକାଧିକ ମହତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯଥା ଏମ୍‌ପି ଲ୍ୟାଡ, ଏମଏଲଏ ଲ୍ୟାଡ୍, ସିଏମ୍ ସ୍ପେଶାଲ ଆସିଷ୍ଟାନସ୍ ଏଆଦି ଏକାଧିକ ଗୁରୁତ୍ୱପୂର୍ଣ୍ଣ ଯୋଜନାର ସଫଳ କାର୍ଯ୍ୟାନ୍ୱୟନରେ ପ୍ରମୁଖ ଭୂମିକା ନିଭାଇଛନ୍ତି। ଏହା ବ୍ୟତୀତ, ସେମାନେ ଇକୋନୋମିକ ସେନ୍ସସ, ଏଗ୍ରିକଲଚରାଲ ସେନସସ୍ ଓ ମାଇନର ଇରିଗେସନ ସେନସସ୍‌ରେ ମଧ୍ୟ ସଂଗଠନାତ୍ମକ ଦକ୍ଷତା ଦେଖାଇଛନ୍ତି। ଉଲ୍ଲେଖନୀୟ ଯେ, ଏହି ବିଭାଗ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ରହିଥିବା ସତ୍ତ୍ୱେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସମସ୍ୟାକୁ ଉନ୍ନୟନ କମିଶନର ତଥା ବିଭାଗର ବରିଷ୍ଠ ଅଧିକାରୀଙ୍କ ନିକଟକୁ ଆଣିବା ପାଇଁ ଅନେକ ପ୍ରବର୍ତ୍ତନ କରିବା ସତ୍ତ୍ୱେ ଏହି ସମସ୍ୟାର କୌଣସି ସମାଧାନ ଏପର୍ଯ୍ୟନ୍ତ ହୋଇପାରିନାହିଁ। ଏ ସମସ୍ୟାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବି ଲିଖିତ ଆକାରରେ ଦିଆଯାଇଛି। ସେମାନଙ୍କର ଅଭିଯୋଗ ଅନୁଯାୟୀ, ସଂସ୍ଥାଗତ ଧାରାବାହିକତା ଓ ତଦନୁକୁଳ ପୁନଃନିଯୁକ୍ତି ପ୍ରକ୍ରିୟା ଅସ୍ପଷ୍ଟ ଓ ଅନୁଷ୍ଠିତ ହୋଇନଥିବା ପରିଣତି ହେଉଛି ଏହି ସଂକଟ। ଏହି ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସମ୍ପୂର୍ଣ୍ଣ ଏସଏମଇ ଦଳ ଓଡ଼ିଶା ସରକାର, ବିଶେଷତଃ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିୟନ୍ତ୍ରିତ ବିଭାଗ ପ୍ରତି ମାନବିକ ଏବଂ ପେଶାଦାର ଆଧାରରେ ତ୍ୱରିତ ନିଷ୍ପତ୍ତି ନେବାକୁ ଅନୁରୋଧ କରିଛନ୍ତି।

### ବଢୁଛି ବିଜେପି କର୍ମୀଙ୍କ ଗୁଣ୍ଡାରାଜ

## କାର୍ଯ୍ୟାନୁଷ୍ଠାନ, ସୁରକ୍ଷା ଦାବିରେ ଏସ୍‌ପିଙ୍କୁ ଭେଟିଲେ ସାମ୍ବାଦିକ

ଭଦ୍ରକ, ୩।୭(ସମିସ): ଗତମାସ ୨୫ ତାରିଖରେ ସାମ୍ବାଦିକଙ୍କୁ ୩ ଜଣ ବିଜେପି କର୍ମୀ ଗାଳିଗୁଲଜ କରି ଆକ୍ରମଣ କରିବା ଘଟଣାରେ ଗୁରୁବାର କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଭଦ୍ରକ ଓ ଚାନ୍ଦବାଲି ବ୍ଲକର କାର୍ଯ୍ୟରତ ସାମ୍ବାଦିକମାନେ ସେମାନଙ୍କ ସୁରକ୍ଷା ତଥା ଉକ୍ତ ଘଟଣାରେ କାର୍ଯ୍ୟାନୁଷ୍ଠାନ ଲାଗି ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏସ୍‌ପି ଶ୍ରୀ ରାଉତ ଖୁବଶୀଘ୍ର ଦୋଷୀଙ୍କୁ ଧରିବା ସହ ନ୍ୟାୟ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ସାମ୍ବାଦିକଙ୍କୁ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଦିନକୁ ଦିନ ବଢି ଚାଲିଛି ବିଜେପି କର୍ମୀଙ୍କ ଗୁଣ୍ଡାରାଜ। ଚିଙ୍ଗୁଡ଼ି ଗାଡ଼ି ଅଟକାଇ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରୁଛନ୍ତି ତ କେତେବେଳେ ଚାନ୍ଦା ନ ଦେଲେ ଗାଡି ଅପହରଣ କରି ବାହାରେ ବିକ୍ରି କରି ଦେଉଛନ୍ତି। ଆଉ ଯଦି ବିଜେପି ନେତା ଓ କର୍ମୀଙ୍କ ବିରୋଧରେ କେହି କେହି ସାମ୍ବାଦିକ ଖବର ପ୍ରସାରଣ କରୁଛନ୍ତି ତାକୁ କୌଣସି ନା କୌଣସି ବାଟରେ ହଇରାଣ କରୁଛନ୍ତି। ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହି ଘଟଣା ପରେ ଚାନ୍ଦବାଲି ଥାନାଧିକାରୀ ୨୪୬/୨୫ରେ ମାମଲା ରୁଜୁ କରିଥିଲେ ଅଭିଯୁକ୍ତମାନେ ଖୋଲା ବୁଲୁଛନ୍ତି। ଫଳରେ ଗୁରୁବାର ଜିଲ୍ଲା



ଗତ ଜୁନ ମାସ ୨୪ ତାରିଖ ଦିନ ଦ୍ୱିପ୍ରହରେ ଚାନ୍ଦବାଲି ଥାନା ସମ୍ମୁଖରେ ଜଣେ ନିର୍ଦ୍ଦିଷ୍ଟ ଚ୍ୟାନେଲର ସାମ୍ବାଦିକଙ୍କୁ ବିଜେପିର ୩ ଜଣ କର୍ମୀ ରୂପକ ରଞ୍ଜନ ବଳ, ଗଣେଶ ଦାସ ଓ ମଳୟ ନାୟକ ମିଶି ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କଲେ। ଯାହାର ପୁଲିସ ଏସ୍‌ପିଙ୍କୁ ବରିଷ୍ଠ ସାମ୍ବାଦିକ ଅଭୟ ପତି, ଉମାକଲ୍ୟାଣ ମହାପାତ୍ର, ପ୍ରିୟଦର୍ଶନ ବୋଇତି, ଶିବାନନ୍ଦ ଦାସ, ନସିମ ଅକ୍ତର, ସୁବ୍ରତ ପାଲ, କମଳଲୋଚନ ପଣ୍ଡା, ଶୁଭଦୀପ, ସେକ ଫିତର, ଶରତ ପଣ୍ଡା, ସଂଜୀବ ସେନାପତି ପ୍ରମୁଖ ଭେଟି ସୁରକ୍ଷା ଦାବି କରିଥିଲେ।

### ନଦୀବନ୍ଧ ମରାମତି ଦେଖିଲେ ମନ୍ତ୍ରୀ ଓ ବିଜେଡି ପ୍ରତିନିଧି

## ନିମ୍ନମାନର କାମ ହୋଇଥିବାରୁ ଧସିଲା ବନ୍ଧ




ଦୋବଲ,୩।୭(ସମିସ): ବୈତରଣୀର ଶାଖା କୋଚିଳାର ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ଧସିଥିବା ସ୍ଥାନ ଦୋବଲ ଜୋନ ଅନ୍ତର୍ଗତ ପଧାନି ପଞ୍ଚାୟତ ସଇଲୋରେ ପହଞ୍ଚି ମରାମତି କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଜେଡିର ଏକ ପ୍ରତିନିଧି ଦଳ। ଖବର ପାଇ ବୁଧବାର ରାତି ୧୦ଟା ବେଳେ ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏଥିସହ ଜଳ ସଂପଦ ବିଭାଗର ଅଧିକାରୀଙ୍କୁ ଡାକି ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ସମୟ ହୋଇଥିବାରୁ ଯୁଦ୍ଧକାଳୀନ ଭିତିରେ ଏହାକୁ ମରାମତି କରିବାକୁ କହିଥିଲେ। ତା ସହ ବନ୍ୟା ପରେ ଏ ସ୍ଥାନର ସ୍ଥାୟୀ ସମାଧାନ କିପରି କରାଯାଇପାରିବ, ତାହାର ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରି ଦେବାକୁ ପରାମର୍ଶ ଦେଇଥିଲେ। ଏହାପରେ ପ୍ରାଶାସନିକ ଅନୁମୋଦନ କରାଇ ସ୍ଥାୟୀ ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଧାମନଗରବାସୀ ଆଗକୁ ଯେପରି ବନ୍ୟା ଯନ୍ତ୍ରଣା ନ ଭୋଗିବେ, ସେଥିଲାଗି ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ ଜୋର୍ ଦେଇଛନ୍ତି। ମନ୍ତ୍ରୀଙ୍କ ଗସ୍ତ ପରେ ପରେ ଗୁରୁବାର ସକାଳୁ ବିଜେଡିର ଏକ ପ୍ରତିନିଧି ଦଳ ମଧ୍ୟ ସଇଲୋରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଧାନସଭା ପ୍ରାର୍ଥୀ ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଶାରଦା ପ୍ରସନ୍ନ ସାହୁ, ଧାମନଗର ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ ଗୁରୁବାର ବନ୍ଧ ଧସିଥିବା ସ୍ଥାନ ବୁଲି ଦେଖିଛନ୍ତି। ଏହାସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ବିଜେଡି ପ୍ରତିନିଧି ଦଳର ଅଭିଯୋଗ ଯେ, କିଛି ମାସ ପୂର୍ବରୁ ୨୬ ଲକ୍ଷ ଟଙ୍କା ବ୍ୟୟରେ ବନ୍ଧ ମରାମତି ହୋଇଥିଲା। ନିମ୍ନମାନର କାମ ଓ ଅଫିସରଙ୍କ ଆତ୍ମସାତ ମନୋବୃତ୍ତି ଯୋଗୁଁ ବନ୍ଧ ଧସିଲା ବୋଲି ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ କହିଛନ୍ତି। ଏହାସହ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ମଧ୍ୟ ସେ ଦାବି କରିଛନ୍ତି। ସେପଟେ ସ୍ଥାନୀୟ ଲୋକ ମଧ୍ୟ ବନ୍ଧ ଧସିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ନଦୀର ଭୌଗୋଳିକ ସ୍ଥିତି ଯୋଗୁଁ ପ୍ରତିବର୍ଷ ଏଠାରେ ଅତଡ଼ା ଖସୁଛି। ବନ୍ଧ ଓ ଜନବସତି ବହୁ ଉପରେ ଥିବାବେଳେ ନଦୀର ଗଭୀରତା ଏଠାରେ ଖୁବ୍ ଅଧିକ। ବୈତରଣୀରୁ ଯେଉଁ ବନ୍ୟା ଜଳ କୋଚିଳା ମୁହଁରେ ପ୍ରବେଶ କରୁଛି, ତାହା କୋଚିଳାକୁ ଗଭୀର କରି କରି ଆସୁଛି। ତା ସହିତ ସଇଲୋଠାରେ ନଦୀ ଗାଁ ଆଡ଼କୁ ମୋଡ଼ି ହୋଇ ଆସିଛି। ଯୋହା ଫଳରେ ବନ୍ଧ ପାଖରେ ଆଉ ପଠା ନାହିଁ। ଏଣୁ ଏ ସ୍ଥାନରେ ନଦୀ ଗର୍ଭରେ ପ୍ରଥମେ କଂକ୍ରିଟ ବେସ୍ କରି ତା ଉପରେ ପଥର ପିଚିଂ କରାଗଲେ କିମ୍ବା କଂକ୍ରିଟ କାନ୍ଥ କରି ସୁରକ୍ଷା ଦେଲେ ବନ୍ଧ ଧସନ୍ତା ନାହିଁ ବୋଲି ଗାଁ ଲୋକେ କହିଛନ୍ତି। ୨ଦିନ ତଳେ ବନ୍ୟା ଆସିବାରୁ କୋଚିଳା ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ପ୍ରାୟ ୫୦ ଫୁଟ ଧସି ଯାଇଥିଲା। ଏହାପରେ ସ୍ଥାନୀୟ ସରପଞ୍ଚ ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଜଳ ସଂପଦ ବିଭାଗ ଏସଡିଓ କିଶୋର ଦାସ ପହଂଚି ଗାଁ ଲୋକଙ୍କ ସହାୟତାରେ ବାଉଁଶ ଓ ବାଲିବସ୍ତା ମାଧ୍ୟମରେ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଅପରାହ୍ନରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ରାତି ଯାଏ ଚାଲିଥିଲା। ମନ୍ତ୍ରୀ ପହଞ୍ଚିବାରୁ ମରାମତି କାର୍ଯ୍ୟ ଜୋର ଧରିଥିଲା। ତେବେ କୋଚିଳାରେ ବନ୍ୟା ହ୍ରାସ ପାଇଥିବାରୁ ବିପଦ ଟଳିଥିବା କୁହାଯାଇଛି।

### ପୋକରା ଚାଉଳରେ ଏମ୍‌ଡିଏମ୍ ରୋଷେଇ ଘଟଣା

# ତଦନ୍ତ କଲେ ଏଡିଇଓ

ଭଦ୍ରକ, ୩।୭ (ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବୁଧବାର ପୋକରା ଚାଉଳ ରୋଷେଇ କରାଯାଉଥିବା ଘଟଣା ନେଇ "ସକାଳ"ରେ "ପୋକରା ଚାଉଳକୁ ବିରୋଧ କରିବାରୁ ତୁମୁଳକାଣ୍ଡ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଉପରେ ତଦନ୍ତ ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ତୃପ୍ତିମୟୀ ମହାପାତ୍ର ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପହଞ୍ଚି ତଦନ୍ତ କରିଥିଲେ। ପ୍ରଧାନଶିକ୍ଷକ ରତିକାନ୍ତ ବେହେରାଙ୍କ ପ୍ରକୋଷ୍ଠରେ ଶ୍ରୀମତୀ ମହାପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ପୋକରା ଚାଉଳ ବ୍ୟବହାର ସମ୍ପର୍କରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକାଙ୍କ ଉତ୍ତର ଲୋଡ଼ିଥିଲେ। ଗ୍ରୀଷ୍ମଛୁଟି ପରେ ବିଦ୍ୟାଳୟରେ ସ୍ୱଚ୍ଛତା ଓ ଉପଯୁକ୍ତ ମାନର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବା ପାଇଁ ବିଭାଗୀୟ ସଚିବଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୋକରା ଚାଉଳ ବ୍ୟବହାର କରାଯିବା ଦୁର୍ଭାଗ୍ୟଜନକ ବୋଲି ପ୍ରଧାନଶିକ୍ଷକ ଦର୍ଶାଇଥିଲେ। ଏହାର ତଦାରଖ ଦାଇତ୍ୱ ପ୍ରଧାନଶିକ୍ଷକଙ୍କୁ ଦଣ୍ଡିତ କରାଯାଉଥିବାରୁ ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱଦିଆଯାଇଛି। ପିଲାମାନଙ୍କଠାରୁ ଅଭିଯୋଗ ମିଳିବା ପରେ ବୁଧବାର ପ୍ରଧାନଶିକ୍ଷକ ଶ୍ରୀ ବେହେରା ତଦାରଖ କରି ପୋକରା ଚାଉଳ ରୋଷେଇକୁ ବାରଣ କରିଥିଲେ। ତଦନ୍ତ ସମୟରେ ପୋକରା ଚାଉଳ ରୋଷେଇ ପାଇଁ ଅଣାଯାଇଥିବା ଦାଇତ୍ୱରେ ଥିବା ସମ୍ପାଦିକା ସ୍ୱୀକାର କରିଥିଲେ। ଏହି ତଦନ୍ତ ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ତଦନ୍ତକାରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ତୃପ୍ତିମୟୀ ମହାପାତ୍ର ସୂଚନା ଦେଇଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ ଗତ ବୁଧବାର ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ ରୋଷେଇ କରାଯିବା ସମୟରେ ପ୍ରଧାନଶିକ୍ଷକ ବାରଣ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟରେ ବଚସା କରିଥିଲେ। ଏ ସମ୍ପର୍କୀୟ ଖବର "ସକାଳ"ରେ ପ୍ରକାଶିତ ହେବା ପରେ ଆଜି ତଦନ୍ତ ହୋଇଥିଲା।



'ସକାଳ' ପ୍ରଭାବ

# ନାଳିଆ ନଦୀରେ ସୁରକ୍ଷା ପାଚେରି ନିର୍ମାଣରେ ଅନିୟମିତତା

ଭଦ୍ରକ/ଅସୁରାଳି, ୩।୭ (ସମିସ)

ଭଦ୍ରକ ବ୍ଲକ ଅଧୀନ ଅନ୍ନପାଳ ପଞ୍ଚାୟତସ୍ଥିତ ବିଷ୍ଣୁପୁର ଗ୍ରାମକୁ ସୁରକ୍ଷା ଦେବା ଲାଗି ନାଳିଆ ନଦୀରେ ସୁରକ୍ଷା ପାଚେରି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହା ଅର୍ଣ୍ଣପାଳ ଭି.ଆର ସେତୁରୁ ରାଜୁଆଲି ବିନ୍ଧା ପର୍ଯ୍ୟନ୍ତ ୫.୩୦ କିଲୋମିଟରରୁ ୧୧.୫୦ କିଲୋମିଟର (କାର୍ଯ୍ୟକ୍ଷମ ୫.୩୦ କିଲୋମିଟରରୁ ୯.୯୧ କିଲୋମିଟର) ପର୍ଯ୍ୟନ୍ତ ରହିଛି। ବିନା ସୂଚନା ଫଳକରେ ଏହି କାର୍ଯ୍ୟ ୩୦ ପ୍ରତିଶତ ସରି ନଥିଲେ ବି ଠିକାଦାର ୭୦ ପ୍ରତିଶତ ବିଲ୍ କରି ଅର୍ଥ ଉଠାଇ ନେଇଛନ୍ତି। ଏପଟେ ପ୍ରଥମ ଥର ପାଇଁ ଏହି ନଦୀରେ ବନ୍ୟା ଆସିଥିବାରୁ ସୁରକ୍ଷା ବନ୍ଧ ବୁଡ଼ି ଗାଁ ବନ୍ଧରେ ଆଣ୍ଠୁଏ ପାଣି ଜମିବା ଆରମ୍ଭ କଲାଣି। ଗାଁ ରାସ୍ତା ବୁଡିବା ଯୋଗୁଁ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁସାରେ, ସୁରକ୍ଷା ପାଚେରି ପାଇଁ ୪ କୋଟି ୪୩ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି। ଅଦ୍ୟାବଧି ସୂଚନା ଫଳକ ନଲାଗିବା, ବର୍ଷାଦିନ ପୂର୍ବରୁ ନିର୍ମାଣ କାର୍ଯ୍ୟ ନସରିବା, ବିଭାଗୀୟ ସର୍ବୋଚ୍ଚ ଅଧିକାରୀ ଏସ.ଇ.ଙ୍କ ପାଖରେ କେତେ କୋଟି ଟଙ୍କାର କାର୍ଯ୍ୟ ଚାଲିଛି ତାହା ସେ ଜାଣି ନପାରିବା, କମ୍ କାମ କରି ଅଧିକ ବିଲ୍ ପାସ୍ ହେବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ନଦୀଜଳ ଗାଁରେ ଥିବା ଚାଷଜମିରେ ପ୍ରତିବର୍ଷ ପ୍ରବେଶ କରି ଫସଲ ନଷ୍ଟ କରୁଥିବାରୁ ଏହି ସୁରକ୍ଷା ପାଚେରି ନିର୍ମିତ ହେଉଥିଲା। ବିଭାଗୀୟ ଅଧିକାରୀ, ଠିକାଦାର ଓ ଶାସକ ଦଳର ବୁଝାମଣାରେ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ଓ ଲକ୍ଷଲକ୍ଷ ଟଙ୍କା ବାଟ ମାରଣା ହୋଇଛି ବୋଲି ଜିଲ୍ଲା ମାନବ ସେବା ସଂଗଠନ ସଭାପତି ସୁଶାନ୍ତ ନାୟକ, ସମ୍ପାଦକ ଅନ୍ତର୍ଯ୍ୟାମୀ ଦାସ, ଉପଦେଷ୍ଟା ପଣ୍ଡିତ ଫଚାନନ ମିଶ୍ର, ଉପଦେଷ୍ଟା ଦୀପ୍ତିରଞ୍ଜନ ନାୟକ, ସନ୍ତୋଷ ଦାସ, ରତିକାନ୍ତ ନାୟକ, ନାରୀନେତ୍ରୀ ବିମଳା ନାଥ ପ୍ରମୁଖ ଅଭିଯୋଗ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏତଦବ୍ୟତିତ ଅର୍ଥ ବାଟମାରଣାରେ ଯେଉଁ ଅଧିକାରୀ ମାନେ ସାମିଲ ଅଛନ୍ତି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ମଧ୍ୟ ଦାବି କରିଛନ୍ତି। ଏ ସମ୍ପର୍କରେ ଆସନ୍ତା ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାଳନ୍ଦୀ କେନାଲ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ହିତେଶ ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ ସେ ନୂଆକରି ଆସିଛନ୍ତି। ଯଦି ସୂଚନାଫଳକ ଲାଗି ନାହିଁ, ଠିକାଦାରଙ୍କୁ କହି ଲଗାଇଦେବା। ତେବେ, ନିର୍ମାଣ କାର୍ଯ୍ୟ ବାବଦରେ ୩ କୋଟି ୩୦ ଲକ୍ଷ ବ୍ୟୟ ବରାଦ କରାଯାଇଥିବା ସୂଚନା ଦେଇଛନ୍ତି।



- ଭିଜିଲାନ୍ସ ତଦନ୍ତ ଦାବି କଲା ଜିଲ୍ଲା ମାନବ ସେବା ସଂଗଠନ
- ୪ କୋଟି ୪୩ ଲକ୍ଷ ୩୩ ହଜାର ଅନୁଦାନ ବାଟମାରଣା ଅଭିଯୋଗ

## ବିଦ୍ୟାଳୟ ଅର୍ଥ ବାଟମାରଣା ଅଭିଯୋଗ



ବାରିକପୁର, ୩।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ମୋବାରକପୁର ଉଚ୍ଚ ବିଦ୍ୟାଳୟ ନାମରେ କିଛି ଚାଷ ଜମି ରହିଛି। ସେଥିରୁ ବାର୍ଷିକ ପ୍ରାୟ ୮୦ହଜାର ଟଙ୍କା ଆୟ ହୋଇଥିଲେ ସୁଦ୍ଧା ବିଦ୍ୟାଳୟ ଜମାଖାତାକୁ ତାହା ଆସୁନାହିଁ। ବିଦ୍ୟାଳୟ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ ଏହି ଆୟକୁ ବାଟ ମାରଣା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଏନେଇ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ଧାରଣା ମଧ୍ୟ ଦେଇଥିଲେ। ଏବେ ରବୀନ୍ଦ୍ର ସାହୁ ଓ ଧରଣୀଧର ଜେନା ପ୍ରମୁଖ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଜଣାଇଛନ୍ତି। ତେଣୁ ଏ ଦିଗରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦୃଢ଼ ଦାବି ମଧ୍ୟ ଜଣାଇଛନ୍ତି।

## ନିଃଶୁଳ୍କ ସେବାଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଅସୁରାଳି, ୩।୭ (ସମିସ): ମାୟା ନିଦ୍ରା ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସେବା ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଭଦ୍ରକ ବ୍ଲକ ଅନ୍ତର୍ଗତ ଅନ୍ନପାଳସ୍ଥିତ ମଧୁସୂଦନପୁରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ୟାମ୍ପ ଦିନ ୯ ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ପରିପ୍ରେକ୍ଷୀରେ ପ୍ରାୟ ୧୫୦ ରୋଗୀ ଔଷଧ ନେବା ସହ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଫାଉଣ୍ଡେସନ ପ୍ରତିଷ୍ଠାତା ଡ. ଶ୍ରୀକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ପରିଚାଳନା କରିଥିଲେ ଡ. ନିର୍ମଳ ପଣ୍ଡା। ପରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୂର୍ବତନ ପୁଲିସ ଡିଜି ତଥା ମାନବାଧିକାର କମିଶନର ଡ. ଗୋପବନ୍ଧୁ ମଲ୍ଲିକ, ଜେହୋଭା ଗ୍ରୁପ ସମ୍ପାଦକ ନୃସିଂହ ନାଥ ନନ୍ଦ, ପୂର୍ବତନ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଡାକ୍ତର ସୁଦର୍ଶନ ବାରିକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ନିରଞ୍ଜନ ବାରିକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପୂର୍ବତନ ପରିଚାଳକ ବସନ୍ତ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାଦଲ ମହାପାତ୍ର, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ସାମଲ, ଧୁସୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ସମାଜସେବୀ ରାଜେନ୍ଦ୍ର ପରିଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ, ସମାଜସେବୀ ସରିତ ନାୟକ, ନିର୍ମଳା ବାରିକ, ତପସ୍ୱିନୀ ବାରିକ ଓ ବସନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## କେଉଁଠି ଯୋଗଦେବେ ସବଇନ୍‌ସପେକ୍ଟର ଇଭାରାଣୀ ପରିଡ଼ା?

ଭଣ୍ଡାରିପୋଖରୀ, ୩।୭ (ସମିସ): ଭଣ୍ଡାରିପୋଖରୀ ଥାନାରେ ୪ ବର୍ଷ ପୂରଣ କରିସାରିଥିବା ସବଇନସପେକ୍ଟର ଇଭାରାଣୀ ପରିଡ଼ାଙ୍କୁ ଦ୍ୱିତୀୟ ଥର ପାଇଁ ବଦଳି କରାଯାଇଛି। ଗତ ଜୁନ ୧୯ ତାରିଖରେ ଡି.ଓ. ସଂଖ୍ୟା ୮୬୯ ଅନୁଯାଇ ଏସ.ଆଇ. ପରିଡାଙ୍କୁ ଆଗରପଡା ଥାନାକୁ ଓ ସହକାରୀ ସବଇନସପେକ୍ଟର ସବିତା ଧଳଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ବଦଳି କରାଯାଇଛି। ହେଲେ ଏହି ଆଦେଶକୁ ୧୫ ଦିନ ବିତିଯାଇଥିଲେ ବି ସେମାନଙ୍କୁ ଥାନାରୁ ରିଲିଭ କରାଯାଇ ନାହିଁ। ଏଥିପୂର୍ବରୁ ୨୦୨୪ ମସିହା ଜାନୁୟାରୀ ୩୦ ତାରିଖରେ ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଦେଶ ସଂଖ୍ୟା ୧୮୯ ଅନୁଯାୟୀ ଏସ.ଆଇ. ପରିଡାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ସେହି ପୁରୁଣା ଆଦେଶକୁ ବାତିଲ କିମ୍ବା ବଦଳା ଯାଇ ନଥିଲା। ଏବେ ୨୦୨୪ର ବଦଳି ଆଦେଶ ନା ୨୦୨୫ର ବଦଳି ଆଦେଶକୁ ଗ୍ରହଣ କରିବେ ତାଙ୍କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ନାନା ଆଳ ଦେଖାଇ ପ୍ରଥମ ବଦଳି ଭଳି ଦ୍ୱିତୀୟ ବଦଳିକୁ ଟାଳି ଦେବା ଭଳି ସାମର୍ଥ୍ୟ ତାଙ୍କର ରହିଥିବାରୁ ପୂର୍ବଭଳି ଭଣ୍ଡାରିପୋଖରୀ ଥାନାରେ ନିଜ ଇଚ୍ଛାମତେ କାର୍ଯ୍ୟ କରିବେ ବୋଲି ଖୋଦ ପୁଲିସ କର୍ମଚାରୀମାନେ ଆଲୋଚନା କରୁଛନ୍ତି। ଉପରୁ ନିର୍ଦ୍ଦେଶ ମିଳିଲେ ବଦଳି ହୋଇଥିବା କର୍ମଚାରୀଙ୍କୁ ରିଲିଭ କରାଯିବ ବୋଲି ଥାନାଧିକାରୀ କମଳାକାନ୍ତ ଦାସ ସୂଚନା ଦେଇଛନ୍ତି।

## ପବିତ୍ର ମହରମ୍ ପର୍ବ ପାଳନ ପାଇଁ ଶାନ୍ତି କମିଟି ବୈଠକ



ଧାମନଗର, ୩।୭ (ସମିସ): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଚଳିତ ମାସ ୬ ତାରିଖରେ ପାଳନ ହେବାକୁ ଥିବା ପବିତ୍ର ମହରମ ପର୍ବ କିପରି ଶାନ୍ତିଶୃଙ୍ଖଳା ସହ ପାଳନ ହେବ ସେନେଇ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ଧାମନଗର ବ୍ଲକ ସେଣ୍ଟ୍ରାଲ ସଭାଗୃହରେ ଶାନ୍ତି କମିଟିର ଆବାହକ ତଥା ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଆହ୍ୱାନକ୍ରମେ ଏସଡିପି ଓ ତ୍ରିଲୋଚନ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଂସଦ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ଆଇଆଇସି ଗୋପାଳ କୃଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ବିରେନ୍ଦ୍ର କୁମାର ଜେନା, କୃଷ୍ଣଚନ୍ଦ୍ର ଜେନା, ସୟଦ ମୁସ୍ତଫା ରଜା, ଏମଡି ହବିବୁର ରହେମାନ, ପ୍ରତାପ ସାମଲ, ସୁଶାନ୍ତ କୁମାର ରାଉତ, ସେକ ଅଜଗର (ତାରବାବୁ), ଏସଆଇ ପ୍ରଦୀପ କୁମାର ନାୟକ, ବିଦ୍ୟୁତ ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ଶାସ୍ୱତ ନନ୍ଦୀ, ପିଏଚଡି ବିଭାଗ ପକ୍ଷରୁ ମନଟୁ ଜେନା, ଏନଏସି କାର୍ଯ୍ୟାଳୟ ପକ୍ଷରୁ ନାୟକ ବାବୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଖାନକା ଓ ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ସେକ ଗୋଲାମ ଅଲ୍ଲୀ ଏବଂ ସେକ ଜାଫର ଅଲ୍ଲୀ ମହରମ୍ ମାସକୁ ଇସଲାମିକ୍ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ସହ ପୀରବାବାଙ୍କ ଜନ୍ମ ଓ ମହରମ୍ ପର୍ବ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ୪ ତାରିଖରେ ମୁସଲମାନ ସମ୍ପ୍ରଦାୟର ପ୍ରଖ୍ୟାତ ଧର୍ମଗୁରୁ ତଥା ପୀରବାବା ହୋଜୁର ମୁଜାହିଦ୍-ଏ- ମିଲ୍ଲତଙ୍କ ୧୨୪ତମ ଜନ୍ମ ବାର୍ଷିକ ଉତ୍ସବ ପାଳନ ଅବସରରେ ଶୁକ୍ରବାର ସକାଳ ୭ଟା ସମୟରେ ମତଲୁବ ଅଲ୍ଲୀ ବାବାଙ୍କ ସୟଦ ଗୋଲମ ମହମ୍ମଦ ହବିବିଙ୍କ କରକମଳରେ ଗୋସଲ ସରିଫ୍ ତଥା (ସ୍ନାନ) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ ଖାନକା ରେ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅପରାହ୍ନ ୩ଟାଠାରୁ ବିଭିନ୍ନ ସାହି ବସ୍ତିରୁ ଚାଦର ଶୋଭାଯାତ୍ରା ବାହାରି ସନ୍ଧ୍ୟା ୭ଟା ସୁଧା ଖାନକା ସରିଫ୍‌ରେ ପହଞ୍ଚିବ। ଏହି ପରିପ୍ରେକ୍ଷୀରେ କାଜି ମହଲାଠାରେ ରାତି ପ୍ରାୟ ୯ଟାରୁ ଜଲସା ଆରମ୍ଭ ହୋଇ ବିଳମ୍ବିତ ରାତ୍ରରେ ସରିବ ବୋଲି ସୂଚନା ଦିଆଯାଇଛି। ଚାଦର ଶୋଭାଯାତ୍ରା ଓ ମହରମ ପର୍ବ ଉପଲକ୍ଷେ ବାଡ଼ିଖେଳ ଏବଂ ପାଞ୍ଚ ତାରିଖ ଦିନ ବାହୁଡା ଯାତ୍ରା ପାଇଁ ରାସ୍ତାର ଦୁଇ ପାର୍ଶ୍ୱରେ ଟ୍ରାଫିକ ସମସ୍ୟା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆଲୋଚନା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ଡି.ଜେ ସମ୍ପୂର୍ଣ୍ଣ ବନ୍ଦ, ବାଡ଼ିଖେଳ ବେଳେ ମଦ୍ୟପାନ ନକରିବା ପାଇଁ ପୋଲିସ ପକ୍ଷରୁ ତାଗିଦ କରାଯାଇଛି। ପରମ୍ପରା ଅନୁଯାୟୀ ଉକ୍ତ ଦିନ ୪ଟା ସମୟରେ ଧାମନଗର ସ୍ଥିତ କରବଲା ମଇଦାନ ଠାରେ ବିଭିନ୍ନ ସାହିବସ୍ତିରୁ ୧୬ଟା ଆଖାଡା ଦଳ ମଧ୍ୟରେ ବାଡ଼ିଖେଳ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସନ୍ଧ୍ୟା ବେଳେ ଏସଡିପିଓ କାର୍ଯ୍ୟାଳୟରେ ଅତିରିକ୍ତ ଅଂଶୁମାନ ଦ୍ୱିବେଦୀଙ୍କ ଅଧକ୍ଷତାରେ ଏସଡିପିଓ ଆଇଆଇସିଙ୍କ ଉପସ୍ଥିତରେ ଏନଏସିର ସମସ୍ତ ସରଦାର ଏବଂ ଆଖାଡା କମିଟିର ଖଲିଫାଙ୍କୁ ସରକାରୀ ନିୟମକୁ ସମ୍ମାନ ଜଣାଇବା ପାଇଁ ସମସ୍ତଙ୍କୁ ସୂଚନା ଦେଇଥିଲେ।

## ଗୋବିନ୍ଦପୁରର ଗୌରବ ଅର୍ପିତା



ଅସୁରାଳି, ୩।୭ (ସମିସ): ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୋରୁଆ ଶାସନ ଗ୍ରାମର ଅର୍ପିତା ପଣ୍ଡା ଆଣିଛନ୍ତି ଗାଁ ପାଇଁ ଗୌରବ। ସର୍ବଭାରତୀୟ ନିଟ୍ ପ୍ରବେଶିକା ପରୀକ୍ଷାରେ ୫୬୦ ମାର୍କ ସହ ୮୩୬୪ ରାଙ୍କ୍ ରଖିଛନ୍ତି। ଅର୍ପିତା ମନୋରଞ୍ଜନ ପଣ୍ଡା ଓ ସସ୍ମିତା ପଣ୍ଡାଙ୍କ କନ୍ୟା। ରାଧାମୋହନ ପଣ୍ଡାଙ୍କ ନାତୁଣୀ। ଦୈନିକ ୮ ଘଣ୍ଟା ପାଠପଢ଼ା କରୁଥିଲେ। ଛୋଟ ବେଳୁ ଡାକ୍ତର ହେବା ତାଙ୍କର ଥିଲା ଲକ୍ଷ୍ୟ। ଏଥିପାଇଁ ସେ କଠିନ ଅଧ୍ୟବସାୟ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବନ୍ଧୁବାନ୍ଧବ ସହ ସମସ୍ତ ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି। ସେ ତାଙ୍କର ସଫଳତାର ଶ୍ରେୟ ତାଙ୍କ ପରିବାର ବର୍ଗଙ୍କୁ ଦେଇଛନ୍ତି। ଆଗାମୀ ଜୀବନରେ ଜଣେ ଭଲ ଡାକ୍ତର ଭାବେ ନିଃସ୍ୱାର୍ଥପର ସେବାରେ ନିଜକୁ ଉପଯୋଗ କରିବେ ବୋଲି ମତ ବ୍ୟକ୍ତ କରିଥିଲେ।

## ରୋଗୀଙ୍କ ଶଯ୍ୟାରେ ହେଉଛି ଘରୋଇ ଇସିଜି

ଭଣ୍ଡାରିପୋଖରୀ ସିଏଚ୍‌ସି



ଭଣ୍ଡାରିପୋଖରୀ, ୩।୭ (ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ଦ୍ଦିଷ୍ଟ ଘରୋଇ ଇସିଜି ପରୀକ୍ଷକ ଅନ୍ତଃବିଭାଗର ରୋଗୀଶଯ୍ୟା ନିକଟରେ ଅର୍ଥ ନେଇ ପରୀକ୍ଷା କରୁଛନ୍ତି। ଏଥିପାଇଁ ରୋଗୀ ପିଛା ୪-୫ ଶହ ଟଙ୍କା ନିଆଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ନାହାନ୍ତି। ମାତ୍ର ରୋଗୀମାନଙ୍କ ହୃଦ ପରୀକ୍ଷା ଆବଶ୍ୟକ ଥିବା ନେଇ ଡାକ୍ତରମାନେ ପରାମର୍ଶ ଦେଉଥିବାରୁ ରୋଗୀମାନେ ବାଧ ହୋଇ ଇସିଜି ପରୀକ୍ଷା କରୁଛନ୍ତି। ଦୈନିକ ଏଭଳି ୩୦-୩୫ ଇସିଜି ପରୀକ୍ଷା କରାଯାଉଥିବା ଜଣାଯାଇଛି। ସଂପୃକ୍ତ ଇସିଜି ପରୀକ୍ଷକଙ୍କ ଯୋଗ୍ୟତା ଓ ଦକ୍ଷତା ସମ୍ପର୍କରେ ଅଜ୍ଞ ଥିବା ଡାକ୍ତରମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଓ ରୋଗୀ ଶଯ୍ୟା ନିକଟରେ ଇ.ସି.ଜି. ପରୀକ୍ଷା କରିବା ଅନୁମତି ଦେଉଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଦ୍ୱାରା ବ୍ୟବସାୟିକ ଲକ୍ଷ୍ୟରେ ରୋଗୀମାନଙ୍କୁ ଶୋଷଣ କରାଯାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଯେ କୌଣସି ଡାକ୍ତର ଇ.ସି.ଜି. ପରୀକ୍ଷା ପାଇଁ ପରାମର୍ଶ ଦେଇପାରିବେ ଓ ରିପୋର୍ଟ ଅନୁଧ୍ୟାନ କରିପାରିବେ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁ ମତ ଦେଇଛନ୍ତି।

### ଆଗରପଡ଼ା-ବରପଦା ପୂର୍ତ୍ତ ବିଭାଗ ରାସ୍ତା

## ମରାମତି ସରୁସରୁ ମାଗିଲାଣି ମରାମତି



ବନ୍ତ / ଆଗରପଡ଼ା, ୩।୭ (ସମିସ): ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିବା ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବିଭାଗ ପକ୍ଷରୁ ଆଗରପଡ଼ା-ବରପଦା ପୂର୍ତ୍ତବିଭାଗ ରାସ୍ତାର ସ୍ଥାୟୀ ମରାମତି କରାଯିବା ପରିବର୍ତ୍ତେ ଗତ ମାସ ଆରମ୍ଭରେ ତାଳିପକା କାମ ଆରମ୍ଭ ହୋଇଥିଲା। ବରପଦାରୁ ଆଗରପଡ଼ା ମଧ୍ୟରେ ବିଭିନ୍ନ ସ୍ଥାନରେ ଏହାର ମରାମତି ହୋଇଥିଲା। ଖାଲଖମାରେ ପରିପୂର୍ଣ୍ଣ ଥିବା ରାସ୍ତାକୁ ମେସିନରେ ତାଡ଼ି ତା ମଧ୍ୟରେ ମେଟାଲ ଭର୍ତ୍ତି କରାଯାଇ ଉପରେ ଡଷ୍ଟ ବିଛେଇ ଦେଇ କାମ ସାରି ଦିଆଯାଇଥିଲା। ନା ରାସ୍ତାକୁ ସମତୁଲ କରାଯାଇଥିଲା ନା ତା'ଉପରେ ପାଣି ସିଞ୍ଚନ ହୋଇଥିଲା। ଏହିପରି କିଛି କରାଯାଇ ନଥିବାରୁ କାମ ସରୁସରୁ ବିଛା ଯାଇଥିବା ମେଟାଲଗୁଡ଼ିକ ଗାଡ଼ି ଚଳାଚଳ କରୁଥିବାରୁ ରାସ୍ତା ସାରା ଖେଳେଇ ହୋଇଯାଉଛି। ଫଳରେ ଗମନାଗମନରେ ବ୍ୟାଘାତ ସୃଷ୍ଟି ହେବା ସହ ଲୋକଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। କହିବାକୁ ଗଲେ ମରାମତି ପୂର୍ବରୁ ଗମନାଗମନରେ ଯେତିକି ବିପଦ ଅନୁଭବ ହେଉ ନଥିଲା ମରାମତି ପରେ କରାଯାଇଥିବା କାମ ବେଶି ବିପଦ ସୃଷ୍ଟି କରୁଛି। ଦିନ ଅପେକ୍ଷା ରାତିରେ ଉକ୍ତ ରାସ୍ତା ଉପରେ ଗମନାଗମନ କରିବା ମାନେ ବିପଦକୁ ଆମନ୍ତ୍ରଣ କରିବା ସଦୃଶ ହୋଇଛି। ମରାମତିକୁ ମାସେ ନ ପୂରୁଣୁ ଉକ୍ତ ରାସ୍ତା ପୁଣି ମରାମତି ମାଗିଲାଣି। ଆଗରପଡ଼ା-କୁପାରୀ ରାସ୍ତାର ହରିଗଙ୍ଗା ପୋଲ ଓ କାଣ୍ଡବା ପୋଲର ଉଭୟ ପାଶ୍ୱର୍ରେ ବିଛା ଯାଇଥିବା ମେଟାଲଗୁଡ଼ିକ ସଂପୂର୍ଣ୍ଣ ଉଠିଯାଇ ବଡବଡ ଗର୍ତ୍ତ ସବୁ ସୃଷ୍ଟି ହେବା ଦ୍ୱାରା ବର୍ତ୍ତମାନ ବର୍ଷା ଜଳ ଉକ୍ତ ଗର୍ତ୍ତ ରେ ଜମି ରହି ଗମନାଗମନରେ ବିପଦ ସୃଷ୍ଟି କରୁଛି।

## କେନାଲ ସଫେଇ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ



ବାରିକପୁର, ୩।୭ (ସମିସ): ବର୍ଷା ଦିନ ଆସିଲେ ଜଳସମ୍ପଦ ବିଭାଗର କେନାଲ ସଫେଇ କାର୍ଯ୍ୟ ପାଇଁ ଟେଣ୍ଡର ଜରିଆରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନାମକୁମାତ୍ର ସଫେଇ କରାଯାଉଥିବା ନଜିର ରହିଛି। ବାସ୍ତବରେ କେନାଲ ଅବସ୍ଥା କିନ୍ତୁ ଯଥା ପୂର୍ବଂ ତଥା ପରଂ ହୋଇ ରହିଥାଏ। ସୂଚନା ମୁତାବକ, ୪ନମ୍ବର କେନାଲ ଚେକୋସାନ୍ତାଣି ପୀଠ ନିକଟରୁ ଭଣ୍ଡାରିପୋଖରୀ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଯାଏଁ ଏବେ କେନାଲ ସଫା କାର୍ଯ୍ୟ ହେଉଛି। ଅନୁରୂପ ଭାବେ ପର୍ବତୀଘାଟଠାରୁ ଚନ୍ଦ୍ରଭାନୁପୁର ଯାଏଁ ହାଇଲେବୁଲ କେନାଲ ଗର୍ଭରୁ କଳମ, ଘାସ, ଗୁଳ୍ମଲତା କଟାଯାଉଛି। ମୋଟାମୋଟି ଭାବେ ସମ୍ପୂର୍ଣ୍ଣ ହାଇଲେବୁଲ କେନାଲକୁ ଚାରି ଜଣ କନିଷ୍ଠ ଯନ୍ତ୍ରୀଙ୍କ ଜରିଆରେ ଆଖୁଆପଦା ଜଳସମ୍ପଦ ବିଭାଗ ସଫେଇ କରୁଥିବା ଜଣାପଡିଛି। ଟେଣ୍ଡର ଜରିଆରେ କାମ ନେଇଥିବା ଜଣେ ଠିକାଦାର କେତେକ ସ୍ଥାନରେ ଶ୍ରମିକଙ୍କ ଜରିଆରେ କେନାଲରୁ ଗଛ ଲତା କାଟି ସେହି କେନାଲରେ ଭସେଇ ଦେଉଛନ୍ତି। କେନାଲ ଭିତରୁ କୌଣସି ଗୁଳ୍ମଲତାକୁ ସ୍ଥାନାନ୍ତରିତ କରାଯାଉନାହିଁ। ଯାହାଫଳରେ ଅମରୀ ଓ ଅନ୍ୟାନ୍ୟ ଲତା ଜାତୀୟ ଗୁଳ୍ମ କିଛି ଦିନ ପରେ କାୟା ବିସ୍ତାର କରିବେ ଏଥିରେ ସନ୍ଦେହ ନାହିଁ। ଏହାଛଡା କେନାଲ ବନ୍ଧ ପାର୍ଶ୍ୱରେ ଥିବା କ୍ଷୁଦ୍ର ବଣ ବୁଦା ସଫା ନାଁରେ କେବଳ ଜେସିବି ଜରିଆରେ ଛୋଟ ଛୋଟ କଟା ବୃକ୍ଷ ଗୁଡ଼ିକୁ ଅଧା କାଟି ଛାଡି ଦିଆଯାଉଛି। ଗମନାଗମନ ପଥକୁ ଲାଗି ଏକ ଗାର ସଦୃଶ ସଫେଇ ଚିହ୍ନ ଯାହା ଦେଖିବାକୁ ମିଳୁଛି। ଏଥିପାଇଁ ତଦାରଖ ବିହୀନ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପ୍ରମୁଖ ଦାୟୀ ବୋଲି ମତପ୍ରକାଶ ପାଇଛି।

### ବଡ଼ହାଟ ତ୍ରିଲୋଚନପୁର ପଞ୍ଚାୟତ

## ଅଧିକାରୀଙ୍କ ମନମାନିରେ ଚାଲିଛି 'ବସୁଧା' ଜଳଯୋଗାଣ



ବନ୍ତ/ଆଗରପଡ଼ା, ୩।୭ (ସମିସ): ଅଭିଯୋଗ ହେଉଛି କିନ୍ତୁ ଅଧିକାରୀଙ୍କ ଉଚ୍ଛାଶକ୍ତିର ଅଭାବଯୋଗୁଁ ବିଶୁଦ୍ଧ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି ପଞ୍ଚାୟତବାସୀ। ବନ୍ତ ବ୍ଲକ ବଡ଼ହାଟ ତ୍ରିଲୋଚନପୁର ପଞ୍ଚାୟତରେ ଏନେଇ ଅଧିକାରୀଙ୍କ ମନମାନି ଚାଲଇଛି। ସୂଚନା ଅନୁଯାୟୀ, ଆରଡ଼ବ୍ଲ୍ୟୁଏସଏସ ମାଧ୍ୟମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଅଧୀନରେ ବସୁଧା ଯୋଜନାରେ ବିଟିପୁର ପଞ୍ଚାୟତରେ ବିଟିପୁର, ରାଉତରାପୁର ଓ ବରହମପୁର ଗ୍ରାମରେ ପ୍ରକଳ୍ପ ନିର୍ମାଣ ହୋଇଛି। କିଛି ଦିନ ହେବ ବରହମପୁର ଗ୍ରାମରେ ନିର୍ମାଣ ହୋଇଥିବା ପ୍ରକଳ୍ପରେ ନିମ୍ନମାନର ପାଇପ୍ ବିଛା ଯାଇଥିବାରୁ ଏହା ବିଭିନ୍ନ ସ୍ଥାନରେ ଫାଟିଯିବା ଯୋଗୁଁ ବିଶୁଦ୍ଧ ଜଳ ପାଇବାରୁ ଲୋକେ ବଞ୍ଚିତ ହୋଇ ଆସୁଥିଲେ। ଅପରପକ୍ଷରେ, ଉକ୍ତ ଫଟା ପାଇପରେ ବାହାର ପାଣି ମିଶି ଡ଼ାଇରିଆ ପରି ବିଭିନ୍ନ ରୋଗର ଆଶଙ୍କା କରି ଲୋକେ ଏହାର ମରାମତି ପାଇଁ ଅଭିଯୋଗ ଆଣିଥିଲେ। ଅଭିଯୋଗ ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗଯୋଗ କରାଯାଇଥିଲା। ସେ ଏହାର ମରାମତି ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଇତିମଧ୍ୟରେ ଏକ ସପ୍ତାହ ବିତି ଯାଇଥିଲେ ସୁଦ୍ଧା ଏହାର କୌଣସି ସ୍ଥାୟୀ ସମାଧାନ ହୋଇ ନପାରିବା ବିଭାଗୀୟ ଅଧିକାରଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସଂପୂର୍ଣ୍ଣ ଅଞ୍ଚଳକୁ ପାଣି ଯୋଗାଣ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ସେହିପରି ବିଟିପୁର ଗ୍ରାମବାସୀ ମଧ୍ୟ ଠିକ୍ ଭାବେ ପାଣି ପାଇ ପାରୁ ନାହାନ୍ତି। ରାଉତରାପୁର ଗ୍ରାମରେ ନିର୍ମାଣ ହୋଇଥିବା ଟାଙ୍କି ଉପରେ ନିର୍ଭର କରୁଥିବା ବିଭିନ୍ନ ଗ୍ରାମକୁ ମଧ୍ୟ ଜଳଯୋଗାଣ ଠିକ୍ ଭାବେ ହୋଇପାରୁନାହିଁ।

## ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲରେ ପଦାଭିଷେକ ଉତ୍ସବ

ଭଦ୍ରକ, ୩।୭ (ସମିସ): ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ନୂତନ ପଦାଭିଷେକ ଉତ୍ସବ ପାଳିତ ହୋଇଯାଇଛି। ଦ୍ୱାଦଶ ଶ୍ରେଣୀ ଛାତ୍ର କ୍ରାନ୍ତି ରୋଶନ ମହାନ୍ତି ଓ ଛାତ୍ରୀ ପ୍ରଦୀପ୍ତି ଷଡଙ୍ଗୀଙ୍କୁ ମୁଖ୍ୟବାଳକ ଓ ମୁଖ୍ୟବାଳିକା ଭାବେ ଘୋଷଣା କରାଯାଇଛି। ୮ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସଙ୍ଗୀତା ପାତ୍ର, ଅଭିଲିପ୍ସା ବିଶ୍ୱାଳ, ଅନିମେଶ ପରିଡ଼ା ଓ ସୁଶ୍ରୀ ସଙ୍ଗୀତା ନାୟକଙ୍କୁ ପ୍ରାର୍ଥନା ସଭା ସଚିବ, ସାହିତ୍ୟ ସଚିବ, କ୍ରୀଡ଼ା ସଚିବ ଓ ସାଂସ୍କୃତିକ ସଚିବ ଭାବେ ଚୟନ କରାଯାଇଛି। ଗଙ୍ଗା ହାଉସ୍, ଯମୁନା ହାଉସ୍, କାବେରୀ ହାଉସ୍ ଓ ମହାନଦୀ ହାଉସ୍‌ର କ୍ୟାପଟେନ୍, ଭାଇସ୍ କ୍ୟାପଟେନ ଓ ପ୍ରିଫେକ୍ଟମାନେ ମଧ୍ୟ ଚୟନ ହୋଇଛନ୍ତି। ଅଭିଷେକ ପାତ୍ର, ସ୍ନେହାଞ୍ଜଳି ନାୟକ, ଶୁଭଙ୍କର ମାଇତି ଲଓ ଆଦିତ୍ୟ ଗିରିଙ୍କୁ ଗଙ୍ଗା, ଯମୁନା, କାବେରୀ ଓ ମହାନଦୀ ହାଉସ୍‌ର କ୍ୟାପ୍ଟେନ ଭାବେ ଚୟନ କରାଯାଇଛି। ସାନୁଜ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରି ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସୁଦର୍ଶନ ପତି, ଏସ୍‌ଆର୍ ମୌନିକା ଓ ତସନିମ୍ କୌଶର କାର୍ଯ୍ୟକ୍ରମ ବ୍ୟବସ୍ଥାପନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ଅଧକ୍ଷା କୃଷ୍ଣପ୍ରିୟା ଷଡଙ୍ଗୀ ନୂତନ ଗଠିତ ଛାତ୍ର ନେତୃତ୍ୱ ପରିଷଦର ନେତୃବୃନ୍ଦଙ୍କୁ ଶାସ୍ (ରିବନ୍) ଓ ବାଜ୍ ପିନ୍ଧାଇ ସମ୍ମାନିତ କରି ଅଭିନନ୍ଦନ ଜଣାଇଥିଲେ। ସେମାନେ ଏହି ପରିଷଦରେ ସତ୍ୟ ଓ ନିଷ୍ଠାର ସହିତ କାମ କରିବା ନିମନ୍ତେ ଶପଥ ନେଇଥିଲେ। ଏସ୍.ଆର୍ ମୌନିକା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟି ଜାତୀୟସଙ୍ଗୀତ ସହ ଶେଷ ହୋଇଥିଲା।




# ଜାପାନ: ୧୪ ଦିନରେ ଏକ ହଜାର ଭୂକମ୍ପ



ଟୋକିଓ, ୩।୭ (ଏଜେନ୍ସି): ଜାପାନର ଟୋକାରା ଦ୍ୱୀପ ଓ ତାର ଆଖପାଖ ଅଞ୍ଚଳରେ ଗତ ଦୁଇ ସପ୍ତାହରେ ୧୦୦୦ରୁ ଊର୍ଦ୍ଧ୍ୱ ଭୂକମ୍ପ ହୋଇଛି। ଜୁନ୍ ୨୧ରୁ ଆରମ୍ଭ ହୋଇଥିବା ଏହି ଭୂକମ୍ପର ପ୍ରକ୍ରିୟା ଏପର୍ଯ୍ୟନ୍ତ ଜାରି ରହିଛି। ବୁଧବାର ରାତି ୩ଟାରେ ୫.୫ ତୀବ୍ରତାରେ ଭୂକମ୍ପ ଆସିଥିଲା। ଆଗକୁ ଆହୁରି ଭୂକମ୍ପର ଝଟ୍‌କା ଆସିବ ବୋଲି ଚେତାବନୀ ଦିଆଯାଇଛି। ଲୋକଙ୍କୁ ସୁରକ୍ଷିତ ଜାଗାକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ଦ୍ୱୀପରେ ଏତେ ସଂଖ୍ୟାରେ ଭୂକମ୍ପ କାହିଁକି ଆସିଛି ତାହା ଜଣାପଡ଼ିନାହିଁ। ଭୂକମ୍ପରେ କେହି ମୃତାହତ ହୋଇ ନାହାନ୍ତି ବୋଲି କୁହାଯାଇଛି। ଜାପାନ ବିଶ୍ୱର ସବୁଠାରୁ ଭୂକମ୍ପ ପ୍ରଭାବିତ ଦେଶ ଭାବେ ପରିଚିତ। ଏହି ଦ୍ୱୀପ ୪ଟି ଟେକ୍ଟୋନିକ୍ ପ୍ଲେଟ୍ ଉପରେ ଅବସ୍ଥିତ ଓ ଏହା ପ୍ରଶାନ୍ତ ମହାସାଗରର 'ରିଙ୍ଗ ଅଫ୍ ଫାୟାର'ର ଅଂଶବିଶେଷ। ପ୍ରତିବର୍ଷ ଏଠାରେ ୧୫୦୦ ଭୂକମ୍ପ ଆସିଥାଏ। ଅବଶ୍ୟ ଏଥିମଧ୍ୟରୁ ଅଧିକାଂଶ ହାଲକା ଭାବେ ଅନୁଭୂତ ହୋଇଥାଏ। ଟୋକାରାରେ ଜୁନ୍ ୨୧ରୁ ୩୦ ପର୍ଯ୍ୟନ୍ତ ୭୪୦ଟି ଭୂକମ୍ପ ଦେଖିବାକୁ ମିଳିଥିଲା। ଏଥିରୁ ଅଧିକାଂଶ ୫ କିମ୍ବା ତା'ଠାରୁ ଅଧିକ ତୀବ୍ର ଥିଲା। ଟୋକାରା ୧୨ଟି ଦୀପରୁ ୭ଟିରେ ମୋଟ୍ ଉପରେ ୭୦୦ ଲୋକ ରହିଥାନ୍ତି। କେବଳ ଜୁନ୍ ୨୩ରେ ୧୮୩ଟି ଭୂକମ୍ପ ଆସିଥିଲା। ଗୋଟିଏ ଦିନରେ ଏହା ସର୍ବାଧିକ ଭୂକମ୍ପର ରେକର୍ଡ କରିଛି। ଆଗାମୀ ୩୦ ବର୍ଷ ଅର୍ଥାତ ୩ ଦଶନ୍ଧି ମଧ୍ୟରେ ୨ ଲକ୍ଷ ୯୮ ହଜାର ଲୋକ ଭୂକମ୍ପରେ ପ୍ରାଣ ହରାଇବେ ବୋଲି ଆଶଙ୍କା କରାଯାଉଛି। ଉଲ୍ଲେଖଥାଉ କି, ୨୦୧୧ରେ ୯.୦ ତୀବ୍ରତାର ଭୂକମ୍ପ ଆସିବା ପରେ ସୁନାମୀରେ ୧୮ ହଜାର ଲୋକ ପ୍ରାଣ ହରାଇଥିଲେ। ଆଗାମୀ ୩୦ ବର୍ଷରେ ୭୫ରୁ ୮୨ ପ୍ରତିଶତ ଭୂକମ୍ପ ତୀବ୍ର ହେବ ବୋଲି ଜାପାନ ସରକାର ଚେତାବନୀ ଦେଇଛନ୍ତି।

# ଉତ୍ତରାଧିକାରୀ ନିଷ୍ପତ୍ତି ଦଲାଇଲାମା ହିଁ ନେବେ: ଭାରତ

ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ବୌଦ୍ଧ ଧର୍ମର ଧର୍ମଗୁରୁ ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟା ଏବେ ନୂଆ ମୋଡ ନେଇଛି। ଏ ନେଇ ଭାରତ ଓ ଚୀନ୍ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ନିଷ୍ପତ୍ତି ଚୀନ୍ ନେବ ବୋଲି କହୁଥିବା ବେଳେ ଭାରତ ଏହାକୁ ବିରୋଧ କରିଛି। ଏ ସଂକ୍ରାନ୍ତରେ କେବଳ ଦଲାଇଲାମା ହିଁ ନିଷ୍ପତ୍ତି ନେବେ ବୋଲି ଭାରତ ସ୍ପଷ୍ଟ କରିଛି। ନିଜ ଜୀବନକାଳ ମଧ୍ୟରେ ପରବର୍ତ୍ତୀ ଦଲାଇଲାମା ଘୋଷଣା କରାଯିବ ବୋଲି ୧୪ତମ ତିବତ ଧର୍ମଗୁରୁ ତଥା ଏବେକାର ଦଲାଇଲାମା ଘୋଷଣା କରିବା ପରେ ଏଭଳି ସ୍ଥିତି ଉପୁଜିଛି। ଏ ସଂକ୍ରାନ୍ତରେ କେବଳ ଦଲାଇଲାମା ହିଁ ନିଷ୍ପତ୍ତି ନେବେ। ଆଉ କାହାର ଏ ନେଇ ଅଧିକାର ନାହିଁ ବୋଲି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଦଲାଇଲାମା ପଦ ସବୁଠାର ମହତ୍ତ୍ୱପୂର୍ଣ୍ଣ। କେବଳ ତିବତୀୟଙ୍କର ନୁହଁ ସବୁ ଧର୍ମ ଉପାସକଙ୍କ ପାଇଁ ସେ ସର୍ବୋପରି ବୋଲି ରିଜିଜୁ କହିଛନ୍ତି। ଉଲ୍ଲେଖଥାଉ କି, କିଛି ଦିନତଳେ ଦଲାଇଲାମା ତାଙ୍କର ୯୦ତମ ଜନ୍ମ ଦିବସ ପାଳନ କରିଥିଲେ। ୧୯୫୯ରେ ତିବତକୁ ଅଧିକାର କରିବା ପରେ ଦଲାଇଲାମା ଭାରତରେ ଆଶ୍ରୟ ନେଇଛନ୍ତି ଓ ସେ ଧର୍ମଶାଳାରେ ରହୁଛନ୍ତି। ରିଜିଜୁ ଓ ଜନତା ଦଳ ୟୁନାଇଟେଡ ନେତା ଲଲନ ସିଂ ଦଲାଇଲାମାଙ୍କ ୯୦ତମ ଜନ୍ମ ଦିବସ ପାଳନ ଉତ୍ସବରେ ଯୋଗ ଦେବାକୁ ଧର୍ମଶାଳା ଯାଇଥିଲେ ଓ ଏହା ଏକ ସମ୍ପୂର୍ଣ୍ଣ ଧାର୍ମିକ ଗସ୍ତ ଥିଲା ବୋଲି କୁହାଯାଇଥିଲା। ଦଲାଇଲାମା ଇତିମଧ୍ୟରେ ନିଜ ଉତ୍ତରାଧିକାରୀ ଚୟନର ଦାୟିତ୍ୱ ଗୋଦେନ ଫୋଡରଙ୍ଗ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି। ଏହି ଟ୍ରଷ୍ଟ ହିଁ ପରବର୍ତ୍ତୀ ଦଲାଇଲାମା ଚିହ୍ନଟ ଓ ମାନ୍ୟତା ପ୍ରକ୍ରିୟାର ସଞ୍ଚାଳନ କରିବ ବୋଲି ସେ ସ୍ପଷ୍ଟ କରିଥିଲେ।



# ବ୍ରିଟେନ ବିମାନକୁ ନେଇ ସସ୍‌ପେନ୍ସ



ନୂଆଦିଲ୍ଲୀ, ୩।୭ (ଏଜେନ୍ସି): କେରଳର ଥିରୁବନନ୍ତପୁରମ ଆନ୍ତର୍ଜାତିକ ବିମାନବନ୍ଦରରେ ଗତ ୨୦ ଦିନ ଧରି ଅଟକି ରହିଥିବା ବ୍ରିଟିଶ ରୟାଲ ନେଭିର ଏଫ୍-୩୫ ଲଢ଼ୁଆ ବିମାନକୁ ନେଇ ସସପେନ୍ସ ବଢ଼ି ଚାଲିଛି। ଏହି ବିମାନକୁ ହାଙ୍ଗର ଭିତରକୁ ନନେବା ଏବଂ ଏହାକୁ ସ୍ପର୍ଶ କରିବା ଲାଗି କୌଣସି ଭାରତୀୟଙ୍କୁ ଅନୁମତି ନଦେବା ଭଳି ଘଟଣା ଯୋଗୁଁ ସନ୍ଦେହ ହେବା ସ୍ୱାଭାବିକ। ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଲଢ଼ୁଆ ବିମାନ କୁହାଯାଉଥିବା ଏଫ୍-୩୫ରେ ଏଭଳି ଜ୍ଞାନକୌଶଳ ଖଞ୍ଜି ହୋଇରହିଛି, ଯାହାକି ଏବେ ବି ଚୀନ ଓ ରୁଷର ପହଞ୍ଚ ବାହାରେ। ଭାରତୀୟ ଇଞ୍ଜିନିୟର ଏଥିରେ ପ୍ରବେଶ କଲେ କାଳେ ଏହି ଟେକନୋଲୋଜି ଲିକ୍ ହୋଇଯିବ, ସେହି ଭୟରେ ଏଥିରେ ବାହାର ଲୋକଙ୍କୁ ହାତ ମାରିବାକୁ ଦିଆଯାଉ ନାହିଁ।

ଗତମାସ ୧୪ ତାରିଖରେ ଆରବ ସାଗରରେ ଭାରତ ଓ ବ୍ରିଟେନର ମିଳିତ ସମରାଭ୍ୟାସ ସମୟରେ ଭାରତୀୟ ଉପକୂଳରୁ ୧୦୦ ମାଇଲ ଦୂର ବ୍ରିଟେନର ଜାହାଜରୁ ଏହି ଏଫ୍-୩୫ ଲଢ଼ୁଆ ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହା ଥିରୁବନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। କୁହାଯାଉଛି ଯେ ଏହାର ହାଇଡ୍ରୋଲିକ ବ୍ୟବସ୍ଥା ଖରାପ ହୋଇଯାଇଛି। ଏଭଳି ପରିସ୍ଥିତିରେ ବିମାନର ଉଡ଼ାଣ ଏବଂ ଅବତରଣରେ ଅସୁବିଧା ହୋଇପାରେ। ସେହିଦିନ ଠାରୁ ଏହା ବିମାନବନ୍ଦରରେ ଅଟକି ରହିଛି। ଏହାର ମରାମତି ଲାଗି କେତେକ ବ୍ରିଟିଶ ଇଞ୍ଜିନିୟର ଆସିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ମରାମତିରେ ସହାୟତା ପାଇଁ ଭାରତୀୟ ବାୟୁସେନା ପ୍ରସ୍ତାବ ଦେଇଥିଲେ ମଧ୍ୟ ବ୍ରିଟେନ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ତେବେ ଶୁଣାଯାଉଛି ଯେ ବ୍ରିଟେନରୁ ଏକ ୪୦ ଜଣିଆ ବିଶେଷଜ୍ଞ ଟିମ୍ ଆସୁଛନ୍ତି। ସେମାନେ ମରାମତି ପାଇଁ ଉଦ୍ୟମ କରିବେ। ବିଫଳ ହେଲେ ଏହି ଜେଟ୍ ବିମାନକୁ ପରିବହନ ବିମାନରେ ଫେରାଇନେବେ।

ତେବେ ପ୍ରଶ୍ନ ଉଠୁଛି ଏହି ବିମାନରେ ଏମିତି କଣ ଅଛି ଯେ ଭାରତରେ ଏହାକୁ କାହାକୁ ସ୍ପର୍ଶ କରିବାକୁ ଦିଆଯାଉ ନାହିଁ। ଆମେରିକାର ଏକ କଂପାନୀ ଦ୍ୱାରା ନିର୍ମିତ ଏହି ବିମାନର ମୂଲ୍ୟ ହେଉଛି ଏକ ହଜାର କୋଟି ଟଙ୍କା। ଏହା ହେଉଛି ସବୁଠାରୁ ଅତ୍ୟାଧୁନିକ ଲଢ଼ୁଆ ବିମାନ। ଏଥିରେ ଏମିତି ଜ୍ଞାନକୌଶଳ ଖଞ୍ଜାଯାଇଛି ଯେ ଶତ୍ରୁ ପକ୍ଷ ଏହାର ଟେର୍ ବି ପାଇବେ ନାହିଁ। ଶତ୍ରୁ ଦେଶର ଆକାଶ ସୀମାରେ ଥିଲେ ମଧ୍ୟ ଏହାର କେହି କ୍ଷତି କରିପାରିବେ ନାହିଁ। ରଡାରରେ ଏହାକୁ ଠାବ କରିବା କ୍ଷଣି ସେହି ସୀମାରୁ ଏହା ଉଭାନ ହୋଇଯିବ। ବ୍ରିଟେନ ନୌସେନା ଏହାର ବ୍ୟବହାର କରୁଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଏବଂ ମରାମତି ଦାୟିତ୍ୱ ଆମେରିକା କଂପାନୀ ହାତରେ ରହିଛି। ତେଣୁ ଆମେରିକା ଛଡ଼ା ଅନ୍ୟ କୌଣସି ଦେଶର ଇଞ୍ଜିନିୟରମାନଙ୍କୁ ହାତ ମାରିବାକୁ ଦିଆଯାଉ ନାହିଁ। ଦୀର୍ଘ ଦିନ ଧରି ବିମାନଟି ବାହାରେ ପ୍ରବଳ ବର୍ଷାରେ ଠିଆ ହୋଇଥିଲେ ମଧ୍ୟ ହାଙ୍ଗର ମଧ୍ୟକୁ ନେବାଲାଗି ବ୍ରିଟେନ ଅନୁମତି ଦେଉନଥିଲା। ତେବେ ବ୍ରିଟେନ ନୌସେନାର କେତେକ ବିଶେଷଜ୍ଞ ଆସିବା ପରେ ସେମାନଙ୍କ ଉପସ୍ଥିତିରେ ଏହାକୁ ହାଙ୍ଗର ଭିତରକୁ ନିଆଯାଇଛି।

ଆଉ ଏକ ସୂତ୍ରରୁ ପ୍ରକାଶ ଯେ ଏହି ଏଫ୍-୩୫ ବିମାନ ଜରିଆରେ ବ୍ରିଟେନ ଗୁଇନ୍ଦା ତଥ୍ୟ ହାସଲ କରିପାରିବ। ଏହି ବିମାନକୁ ଠାବ କରିବାରେ ଶତ୍ରୁ ପକ୍ଷର ରଡାର ସମର୍ଥ କି ନୁହେଁ, ଠାବ କରିବା ପରେ କେତେ ସମୟ ମଧ୍ୟରେ ଶତ୍ରୁ ପକ୍ଷ କ୍ଷେପଣାସ୍ତ୍ର ମାଡ଼ କରିପାରିବ ଏବଂ ଏହି ବିମାନର ସଫଟୱେୟାର ଜାମ୍ କରିବା ଲାଗି ଶତ୍ରୁ ପାଖରେ ଇଲେକଟ୍ରୋନିକ୍ ୱାରଫେୟାର ଅଛି କି ନାହିଁ? ଭାରତୀୟ ବାୟୁ ସେନାର ଏଭଳି ଦକ୍ଷତାକୁ ମାପିବା ଲାଗି ଏଫ୍-୩୫ ନିୟୋଜିତ ହୋଇଥାଇପାରେ ବୋଲି କୁହାଯାଉଛି। ତେବେ ସରକାରୀ ଭାବେ କେହି କିଛି କହୁନାହାନ୍ତି। ଏହା ହିଁ ସମଗ୍ର ଘଟଣାକୁ ରହସ୍ୟମୟ କରି ରଖିଛି।

# ଆମେରିକା ଶରଣରେ ପାକିସ୍ତାନ

## ଅପରେସନ ସିନ୍ଦୂରରେ ଚାଇନା ଅସ୍ତ୍ର ଫ୍ଲପ୍

## ମୁନିରଙ୍କ ପରେ ପାକ୍ ବାୟୁସେନା ମୁଖ୍ୟ ଆମେରିକାରେ



ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ଅପରେସନ ସିନ୍ଦୂର ପ୍ରହାରରେ ଶୋଚନୀୟ ଭାବେ ପରାସ୍ତ ହୋଇଥିବା ପାକିସ୍ତାନ ଏବେ ଆମେରିକାର ଦ୍ୱାରସ୍ଥ ହୋଇଛି। ଭାରତ ସହିତ ଏହି ୪ ଦିନର ଯୁଦ୍ଧରେ ଚୀନ୍ ନିର୍ମିତ ଅସ୍ତ୍ରଶସ୍ତ୍ର ପାକିସ୍ତାନ ବ୍ୟବହାର କରିଥିଲା। କିନ୍ତୁ ଏଥିରୁ ଅଧିକାଂଶ ଫ୍ଲପ୍ ଅର୍ଥାତ ବିଫଳ ହୋଇଥିଲା। ଏଥିରେ ପାକିସ୍ତାନର ଚିନ୍ତା ବଢ଼ିଯାଇଛି। ଫଳରେ ପାକିସ୍ତାନ ସେନାଧ୍ୟକ୍ଷ ଅସିମ ମୁନିରଙ୍କ ପରେ ବାୟୁସେନା ମୁଖ୍ୟ ଜାହିର ଅହମ୍ମଦ ବାବର ସିଦ୍ଧୁ ଆମେରିକା ଯାତ୍ରା କରିଛନ୍ତି। ଆମେରିକା ସହ ଦ୍ୱିପାକ୍ଷିକ ରକ୍ଷା ସହଯୋଗ ପାଇଁ ପାକିସ୍ତାନ ପ୍ରୟାସ ଆରମ୍ଭ କରିଛି। ଦୀର୍ଘ ଏକ ଦଶନ୍ଧି ପରେ କୌଣସି ପାକ୍ ବାୟୁସେନା ମୁଖ୍ୟ ଆମେରିକା ଯାତ୍ରା କରିଛନ୍ତି। କିଛି ଦିନ ତଳେ ମୁନିର ମଧ୍ୟ ଆମେରିକା ଯାତ୍ରା କରି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସହ ଲଞ୍ଚ କରି ଚର୍ଚ୍ଚା ସୃଷ୍ଟି କରିଥିଲେ। ଚୀନ୍ ଅସ୍ତ୍ରଶସ୍ତ୍ରର ବିଶ୍ୱସନୀୟତା ନେଇ ପାକିସ୍ତାନ ଚିନ୍ତିତ ରହିଛି। ପାକିସ୍ତାନ ଏବେ ତା'ର ବାୟୁସେନାକୁ ଆହୁରି ଦୃଢ଼ କରିବାକୁ ଆମେରିକା ସହ ଆଲୋଚନା କରିବ। ଫଳରେ ପାକିସ୍ତାନ ଏଫ୍-୧୬ ବିମାନ ସମେତ ବ୍ଲାକ ୭୦ ଲଢ଼ୁଆ ଜେଟ୍ ଓ ଏୟାର ଡିଫେନ୍ସ ସିଷ୍ଟମ ଓ ଅନ୍ୟ କେତେକ ଉପକରଣ ପାଇବାକୁ ଆମେରିକା ସହ ଅଲୋଚନା କରିବ ବୋଲି ଅନୁମାନ କରାଯାଉଛି। ଭାରତ ସହ ଯୁଦ୍ଧ ପରେ ଚୀନ୍ ଉପରେ ପାକିସ୍ତାନ ଆଉ ଭରସା କରିବାକୁ ଚାହୁଁନାହିଁ।

# ପାକିସ୍ତାନରେ ଆତଙ୍କ ସୃଷ୍ଟି କରିଥିଲା ବ୍ରହ୍ମୋସ

ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ରାଜଧାନୀ ଇସଲାମାବାଦ୍ ନିକଟସ୍ଥ ନୁର ଖାନ୍ ଏୟାରବେଶ୍ ଉପରେ ବ୍ରହ୍ମୋସ ମିସାଇଲ ମାଡ଼ ନେଇ ପୁଣିଥରେ ଜଣେ ପାକିସ୍ତାନର ନେତା ମୁହଁ ଖୋଲିଛନ୍ତି। ଏହି ମିସାଇଲ ମାଡ଼ ଭୟଙ୍କର ଥିଲା ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ୍‌ଙ୍କ ସ୍ୱତନ୍ତ୍ର ଉପଦେଷ୍ଟା ରାଣା ସନାଉଲ୍ଲା କହିଛନ୍ତି। ଯେତେବେଳେ ମିସାଇଲ ଆସିଥିଲା ସମସ୍ତେ ଡରିଯାଇଥିଲେ। ଏଥିରେ ପରମାଣୁ ଅସ୍ତ୍ର ଥିଲା କି ନା ସେ ନେଇ କେହି ଅବଗତ ନଥିଲେ। ମିସାଇଲରେ ପରମାଣୁ ଅସ୍ତ୍ର ଅଛି କି ନା ସେ ନେଇ ନିଶ୍ଚିତ ହେବାକୁ ପାକିସ୍ତାନ ପାଖରେ ମାତ୍ର ୩୦ରୁ ୪୫ ସେକେଣ୍ଡ ସମୟ ଥିଲା। ଏତେ କମ ସମୟରେ ନିଷ୍ପତ୍ତି ନେବା ନିଶ୍ଚିତ ଭାବେ ଭୟଙ୍କର ଥିଲା। ଯଦି ପାକିସ୍ତାନ ଭୁଲ୍‌ରେ ଭାରତ ପରମାଣୁ ଅସ୍ତ୍ର ମାଡ କରିଛି ବୋଲି ଭାବିନେଇଥାନ୍ତା, ତାହେଲେ ଏହା ଏକ ଭୟଙ୍କର ପରମାଣୁ ଯୁଦ୍ଧରେ ପରିଣତ ହୋଇଥାନ୍ତା। ଏଥିରେ ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳିଥାନ୍ତା ବୋଲି ସେ କହିଛନ୍ତି। ତେବେ ଏହି ଛୋଟିଆ ଯୁଦ୍ଧକୁ ରୋକିବା ପାଇଁ ଘୋଷିତ ଅସ୍ତ୍ରବିରତିର ଶ୍ରେୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସେ ଦେଇଛନ୍ତି।

# ଦିଲ୍ଲୀ ସରକାରଙ୍କ ୟୁଟର୍ଣ୍ଣ, ଚାଲିବ ପୁରୁଣା ଗାଡ଼ି

■ ଉଠିଲା ତେଲ କଟକଣା

■ ନୂଆ ଗାଇଡଲାଇନ୍ସ ଆଣିବେ ସରକାର

ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ପୁରୁଣା ଗାଡିଗୁଡ଼ିକ ଉପରେ ଫୁଏଲ ବ୍ୟାନ ଜାରି କରିଥିବା ଦିଲ୍ଲୀ ସରକାର ଶେଷରେ ୟୁଟର୍ଣ୍ଣ ନେଇଛନ୍ତି। ଜନସାଧାରଣଙ୍କ ଆସନ୍ତୋଷ ଆଗରେ ସରକାର ଶେଷରେ ମୁଣ୍ଡ ନୁଆଁଇଛନ୍ତି। ପୂର୍ବରୁ ୧୦ ବର୍ଷ ପୁରୁଣା ଡିଜେଲ ଗାଡି ଓ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡିକୁ ଇନ୍ଧନ ଅର୍ଥାତ ଫୁଏଲ ଦେବାକୁ ସରକାର ବାରଣ କରିଥିଲେ। କିନ୍ତୁ ସରକାର ଏବେ ତାଙ୍କ ମତ ବଦଳାଇଛନ୍ତି। ଏହି ବ୍ୟାନକୁ ଲାଗୁ କରିବାର ସମୟ ଆସିନାହିଁ ବୋଲି ସରକାର କହିଛନ୍ତି। ଲାଗୁ ହୋଇଥିବା ବ୍ୟାନ୍‌କୁ ତୁରନ୍ତ ହଟାଇବା ପାଇଁ ସରକାର ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଥିବା କେତୋଟି ଟେକନିକାଲ ଚ୍ୟାଲେଞ୍ଜ କାରଣରୁ ଏବେ ଏହି ନିୟମକୁ ଲାଗୁ କରିବା ଠିକ ହେବ ନାହିଁ ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂ ସିରସା କହିଛନ୍ତି। ବ୍ୟାନକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଇଥିଲା। ଜୁଲାଇ ୧ରୁ ଏହି ନିୟମ ଲାଗୁ ହେବାର ଥିଲା। ଗତ ମାର୍ଚ୍ଚରେ ସରକାର ଫୁଏଲ ବ୍ୟାନ ନେଇ ନୂଆ ନିୟମର ଘୋଷଣା କରିଥିଲେ।



# ଗୌହାଟୀରେ ଘରେ ପଶି ବୃଦ୍ଧାଙ୍କୁ ହତ୍ୟା

ଗୌହାଟୀ, ୩।୭ (ଏଜେନ୍ସି): ଜଣେ ୭୧ ବର୍ଷୀୟ ମହିଳା ଏକା ଘରେ ରହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଛି। ଘରର କେୟାର ଟେକ୍‌ର ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ପୁଲିସ କହିଛି। କେୟାର ଟେକର ଓ ତାଙ୍କ ପତ୍ନୀଙ୍କୁ ଗିରଫ କରାଯାଇଛି। ବୃଦ୍ଧାଙ୍କୁ ଛୁରୀରେ ହତ୍ୟା କରିବା କଥା ଦୁହେଁ ସ୍ୱୀକାର କରିଛନ୍ତି। ବୁଧବାର ଗୌହାଟୀର ଘରଘୁଲି ହିଲ୍ସ ଅଞ୍ଚଳରେ ଏହି ଘଟଣା ଘଟିଛି। ସକାଳ ୬ଟାରେ ସୂଚନା ପାଇବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମହିଳା ଜଣଙ୍କ ତାଙ୍କ ବିଛଣାରେ ପଡ଼ିଥିଲେ ଓ ତାଙ୍କ ବେକରେ ଆଘାତ ଲାଗିଥିଲା। କେୟାର ଟେକର ରତୁଲ ଦାସ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରାଯାଇଛି ବୋଲି କେନ୍ଦ୍ରୀୟ ଏଡିସିପି କହିଛନ୍ତି। ବୃଦ୍ଧା ଜଣକ ଘରେ ଏକା ରହୁଥିଲେ ଓ ୨୦୦୧ରେ ତାଙ୍କ ସ୍ୱାମୀ ମୃତ୍ୟୁ ବରଣ କରିଥିଲେ। ପୁଲିସର ଫରେନସିକ୍ ସାଇଣ୍ଟିଫିକ୍ ଟିମ୍, ସିଆଇଡି ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବୁଧବାର ରାତିରେ ଶୋଇଥିବା ବେଳେ ବୃଦ୍ଧାଙ୍କ ଗଳା କାଟି ହତ୍ୟା କରିଥିବା କଥା ରତୁଲ ସ୍ୱୀକାର କରିଛି। ଏହା ପରେ ସେ ଛୁରୀକୁ ନିକଟସ୍ଥ ଡ୍ରେନ୍‌ରେ ଫୋପାଡି ଦେଇଥିଲା। ସମ୍ପତ୍ତି ବିବାଦ ପାଇଁ ସେ ଏପରି କାଣ୍ଡ ଘଟାଇଛି ବୋଲି ପୁଲିସ ଅନୁମାନ କରିଛି।

# ବିହାରରେ ଏକାକୀ ନିର୍ବାଚନ ଲଢିବ ଆପ୍: କେଜ୍ରିୱାଲ୍

ଅହମଦାବାଦ୍, ୩।୭ (ଏଜେନ୍ସି): ଆଗାମୀ ବିହାର ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍) ଏକାକୀ ନିର୍ବାଚନ ଲଢିବ। ପାର୍ଟି ମୁଖିଆ ଅରବିନ୍ଦ କେଜ୍ରିୱାଲ୍ ଗୁରୁବାର ଅହମଦାବାଦ୍‌ରେ ଗୁରୁବାର ଘୋଷଣା କରିଛନ୍ତି। କେବଳ ଲୋକସଭା ନିର୍ବାଚନ ପାଇଁ ଇଣ୍ଡିଆ ଗଠବନ୍ଧନ ସହ ଆପ୍ ମିଶିଥିଲା। ଏବେ ଆପ୍ କୌଣସି ପାର୍ଟି ସହ ଗଠବନ୍ଧନ କରିବ ନାହିଁ ବୋଲି କେଜ୍ରିୱାଲ କହିଛନ୍ତି। କେଜ୍ରିୱାଲ ଗୁଜରାଟକୁ ଦୁଇ ଦିନିଆ ଗସ୍ତ କରି ଅହମଦାବାଦରେ ପହଞ୍ଚିଛନ୍ତି। ସେଠାରେ ସେ ପାର୍ଟିର ସଦସ୍ୟତା ନେଇ ଅଭିଯାନ ଆରମ୍ଭ କରିଛନ୍ତି। ଗୁଜରାଟର ବିସାବଦର ଉପନିର୍ବାଚନରେ ଆମେ କଂଗ୍ରେସଠାରୁ ଅଲଗା ହୋଇ ନିର୍ବାଚନ ଲଢିଥିଲୁ ଓ ୩ ଗୁଣା ଅଧିକ ଭୋଟ ହାସଲ କରିଥିଲୁ। ଏବେ ଦେଶରେ ଆପ୍ ବିକଳ୍ପ ପାର୍ଟି ଭାବେ ଉଭା ହୋଇଛି ବୋଲି ଏହି ଉପ- ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ଆଗକୁ ଆମେ ଗୁଜରାଟ୍‌ରେ ମଧ୍ୟ ନିର୍ବାଚନ ଲଢିବୁ ଓ ବିଜୟ ହସଲ କରିବୁ। ଦିଲ୍ଲୀ ପରାଜୟରେ ଦଳକୁ ଝଟ୍‌କା ଲାଗିଛି ବୋଲି ସେ ସ୍ୱୀକାର କରିଛନ୍ତି। ତେବେ ଏହା ନିର୍ବାଚନର ଅଂଶବିଶେଷ। ଦଳ ଏବେ ପଞ୍ଜାବରେ ଦ୍ୱିତୀୟଥର ପାଇଁ ସରକାର ଗଠନ କରିବ। ୩୦ ବର୍ଷ କଂଗ୍ରେସ ଓ ୩୦ ବର୍ଷ ବିଜେପି ଶାସନ କରିଛି। ଏବେ ସମୟ ଚକ୍ର ପୂରା ଘୁରିଛି। ତେଣୁ ଏବେ ବିଜେପି ଯିବାର ସମୟ ଆସି ଉପନୀତ ହୋଇଛି ବୋଲି ସେ କହିଛନ୍ତି। ଏବେ ଆପ୍‌କୁ ଲୋକେ ବିକଳ୍ପ ଭାବେ ଦେଖୁଛନ୍ତି। ତେଣୁ ଆଗାମୀ ନିର୍ବାଚନ ଗୁଡିକରେ ଆପ୍ ପୂରା ଶକ୍ତି ଓ ସାମର୍ଥ୍ୟ ସହ ନିର୍ବାଚନରେ ଅବତୀର୍ଣ୍ଣ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।



# ଅମରନାଥ ଯାତ୍ରାରେ ପ୍ରଥମ ଆଳତୀ

ପହଲଗାମ୍, ୩।୭ (ଏଜେନ୍ସି): ଗୁରୁବାରଠାରୁ ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ସକାଳେ ଅମରନାଥଙ୍କ ପ୍ରଥମ ଆଳତୀ ହୋଇଛି। ଯାତ୍ରୀମାନଙ୍କୁ ନେଇ ପ୍ରଥମ ବସ୍ ଅମରନାଥ ଯାତ୍ରା କରିଛି। ଶ୍ରଦ୍ଧାଳୁ ତଥା ଭକ୍ତମାନେ 'ହର ହର ମହାଦେବ' ଓ 'ବମ୍ ବମ୍ ଭୋଲେ' ବୋଲି ଜୟକାର କରୁଥିବାର ଦେଖାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଯାତ୍ରୀଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ସାମିଲ ଅଛନ୍ତି। କଡ଼ା ସୁରକ୍ଷା ବଳୟ ଭିତରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୫, ୮୯୨ ଯାତ୍ରୀ ସାମିଲ ରହିଛନ୍ତି। ସେହିପରି ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ୫,୨୦୦ ଯାତ୍ରୀ ଜମ୍ମୁର ବେସ୍ କ୍ୟାମ୍ପରୁ ଯାତ୍ରା ଆରମ୍ଭ କରିଛନ୍ତି। ଉପ- ରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁର ଭଗବଦୀ ନଗର ଶିବିରରୁ ଯାତ୍ରା ଆରମ୍ଭ କରିଛନ୍ତି। ୩୮ ଦିନଧରି ଚାଲିବାକୁ ଥିବା ଅମରନାଥ ଯାତ୍ରା ପହଲଗାମ୍ ଓ ବାଲଟାଲ ଦୁଇଟି ପଥ ଦେଇ ଚାଲୁ ରହିବ। ଅଗଷ୍ଟ ୯ରେ ରକ୍ଷାବନ୍ଧନ ଦିନ ଯାତ୍ରା ଶେଷ ହେବ। ଗତବର୍ଷ ୫୨ ଦିନ ଧରି ଯାତ୍ରା ଚାଲୁ ରହିଥିଲା ଓ ମୋଟ୍ ୫ ଲକ୍ଷ ଶ୍ରଦ୍ଧାଳୁ ଏହି ପବିତ୍ର ଗୁମ୍ଫାର ଦର୍ଶନ କରିଥିଲେ।

# ପୁଣେରେ ମହିଳା ଇଞ୍ଜିନିୟରଙ୍କୁ ଦୁଷ୍କର୍ମ

ପୁଣେ, ୩।୭ (ଏଜେନ୍ସି): ପୁଣେରେ ଜଣେ ୨୨ ବର୍ଷୀୟ ମହିଳା ଇଞ୍ଜିନିୟରଙ୍କୁ ଘରେ ପଶି ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ଅଭିଯୁକ୍ତ କୋରିୟର ବଏ ଭାବେ ଆସି ଏହି କାଣ୍ଡ ଘଟାଇଥିଲା। ବୁଧବାର ସନ୍ଧ୍ୟା ସାଢେ ୭ଟାରେ କୋଢବା ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତ ବ୍ୟାଙ୍କ ଲଫାପା ଦେବା ବାହାନାରେ ଫ୍ଲାଟ୍‌ରେ ପସିଥିଲା। କୋରିଅର ନେବା ପାଇଁ ଯେତେବେଳେ ମହିଳା ଜଣକ ଘର ଭିତରକୁ ଗଲେ ଅଭିଯୁକ୍ତ କବାଟ ବନ୍ଦ କରି ତାଙ୍କୁ ଦୁଷ୍କର୍ମ କରିଥିଲା। ମହିଳା ଜଣକ ବେହୋସ ହୋଇଥିଲେ ଓ କେତେଘଣ୍ଟା ଧରି ତାଙ୍କର ଚେତା ଫେରି ନଥିଲା। ଅଭିଯୁକ୍ତ ତାଙ୍କ ଉପରେ କିଛି କେମିକାଲ ସ୍ପ୍ରେ କରିଥିଲେ କି ନା ସେ ନେଇ ପୁଲିସ ତଦନ୍ତ କରୁଛି। ଅଭିଯୁକ୍ତକୁ ଧରିବା ପାଇଁ ପୁଣେ ପୁଲିସ ୧୦ଟି ଟିମ୍ ଗଠନ କରିଥିଲା। ଏଥିରେ ୫ଟି କ୍ରାଇମ୍ ବ୍ରାଞ୍ଚ୍ ଓ ୫ଟି ସ୍ଥାନୀୟ ପୁଲିସର ଟିମ୍ ଥିଲା।

# ବାଲି ଦୀପରେ ଜାହାଜ ବୁଡ଼ିଲା: ୫ ମୃତ, ୩୧ ନିଖୋଜ

ଜାକର୍ତ୍ତା, ୩।୭ (ଏଜେନ୍ସି): ଇଣ୍ଡୋନେସିଆର ବାଲି ରିସୋର୍ଟ ଦୀପ ନିକଟରେ ଏକ ବଡ଼ ଅଘଟଣା ଘଟିଛି। ୬୫ ଜଣ ଲୋକଙ୍କୁ ନେଇ ଯାଉଥିବା ଏକ ଜାହାଜ ସମୁଦ୍ରରେ ବୁଡିଯାଇଛି। ଫଳରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୧ ଜଣ ଲୋକ ନିଖୋଜ ହୋଇଛନ୍ତି ବୋଲି କୁହାଯାଇଛି। କେଏମ୍‌ପି ଟୁନୁ ପ୍ରତାମା ନାମକ ଏହି ଜାହାଜ ପୂର୍ବ ଜାଭାର କୋତାପାଙ୍ଗ ବନ୍ଦରରୁ ୫୦ କିମି ଦୂରରେ ଥିବା ବାଲିର ଗିଲିମାନୁକ ବନ୍ଦରକୁ ଯାଉଥିଲା। ଯାତ୍ରା ଆରମ୍ଭ କରିବାର ମାତ୍ର ୩୦ ମିନିଟ୍ ପରେ ହିଁ ଜାହାଜ ବୁଡି ଯାଇଥିଲା। ଏଥିରେ ୫୩ ଜଣ ଯାତ୍ରୀ ଓ ୧୨ ଚାଳକ ରହିଥିଲେ। ଜାହାଜରେ ୨୨ଟି ବାହନ ଥିଲା ଓ ଏଗୁଡିକ ମଧ୍ୟରୁ କେତୋଟି ଟ୍ରକ୍ ମଧ୍ୟ ଥିଲା।

# ଥାଇଲାଣ୍ଡରେ ଦୁଇ ଦିନରେ ଦୁଇ ପ୍ରଧାନମନ୍ତ୍ରୀ

ବ୍ୟାଙ୍କକ୍, ୩।୭ (ଏଜେନ୍ସି): ଗତ ଦୁଇଦିନ ମଧ୍ୟରେ ଥାଇଲାଣ୍ଡରେ ଦୁଇଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିବାକୁ ମିଳିଛି। ଗୃହମନ୍ତ୍ରୀ ଫୁମ୍‌ଥମ ବେଚାୟାଚାଇ ଗୁରୁବାର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି। ଏହାପୂର୍ବରୁ ସୂର୍ଯ୍ୟା ଜୁଙ୍ଗରୁଙ୍ଗ୍‌ରେଙ୍ଗକିଟ୍ ୨୪ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଥିଲେ। ସୂର୍ଯ୍ୟାଙ୍କୁ ବୁଧବାର କାର୍ଯ୍ୟବାହକ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ୭୦ ବର୍ଷୀୟ ସୂର୍ଯ୍ୟା ନିଲମ୍ବିତ ପ୍ରଧାନମନ୍ତ୍ରୀ ପାଇତୋଙ୍ଗତାର୍ଣ୍ଣ ଶିନାୱାତ୍ରାଙ୍କ ସ୍ଥାନରେ ଦାୟିତ୍ୱ ସମ୍ଭାଳିଥିଲେ। ଶିନାୱାତ୍ରାଙ୍କୁ ଜୁନ୍ ୧ରେ ପଦରୁ ବହିଷ୍କାର କରାଯାଇଥିଲା। ପଡୋଶୀ କାମ୍ବୋଡିଆର ଜଣେ ବଡ଼ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ହୁନ ସେନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ଶିନାୱାତ୍ରା। ଏହି ଫୋନ୍ କଲ୍ ଲିକ୍ ହୋଇଥିଲା। ଏଥିରେ ଶନାୱାତ୍ରା ତାଙ୍କୁ ଅଙ୍କଲ ବୋଲି କହି ସମ୍ବୋଧନ କରିଥିଲେ ଓ ନିଜ ଦେଶର ସେନାଧ୍ୟକ୍ଷଙ୍କୁ ସମାଲୋଚନା କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ଅଯଥା ଖର୍ଚ୍ଚ କରନ୍ତୁନି। କଳା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟ ବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିପାରେ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। ନିବେଶ ପାଇଁ ଭଲ ସମୟ। ଅଫିସ୍ କାମ ପାଇଁ ପ୍ରଶଂସିତ ହେବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୯୪୬- ଦୀର୍ଘ ୩୮୧ ବର୍ଷର ଔପନିବେଶିକ ଶାସନ ପରେ ଫିଲିପାଇନ୍ସକୁ ଆମେରିକାର ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ।
- ୧୯୦୨- ସ୍ୱାମୀ ବିବେକାନନ୍ଦଙ୍କ ଦେହାନ୍ତ।
- ୧୯୪୬- ଫିଲିପାଇନ୍ସ ଆମେରିକା ଠାରୁ ସ୍ୱାଧୀନ ହେଲା।
- ୧୯୬୩- ଜାତୀୟ ପତାକାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ପରଲୋକ।
- ୧୯୯୭- ନାସାର ମହାକାଶ ଯାନ 'ପାଥ୍‌ଫାଇଣ୍ଡର' ମଙ୍ଗଳ ପୃଷ୍ଠରେ ଅବତରଣ।

## ଆଜି ବାହୁଡ଼ିଥିଲେ
# ସ୍ୱାମୀ ବିବେକାନନ୍ଦ



ସାରା ବିଶ୍ୱରେ ଯେଉଁ କେତେଜଣ ପ୍ରସିଦ୍ଧ ସନ୍ୟାସୀଙ୍କ କଥା ସଦା ସର୍ବଦା ଆଲୋଚିତ ହୋଇଥାଏ ସେହି ମନୀଷୀମାନଙ୍କ ମଧ୍ୟରେ ଭାରତୀୟ ସନ୍ୟାସୀ ସ୍ୱାମୀ ବିବେକାନନ୍ଦ ଥିଲେ ଅନ୍ୟତମ। ସେ ଥିଲେ ଏକାଧାରରେ ଜଣେ ଆଧ୍ୟାତ୍ମିକ ଗୁରୁ, ସଂସ୍କାରକ,ଦାର୍ଶନିକ ଓ ଶିକ୍ଷାବିତ୍। ସନାତନ ଧର୍ମକୁ ବିଶ୍ୱସ୍ତରରେ ପରିଚିତ କରାଇଥିବା ବିବେକାନନ୍ଦ ତ୍ୟାଗ, ତେଜ ଓ ନିର୍ଭୀକତାର ପ୍ରତୀକ ଥିଲେ। ଯୁବସମାଜ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ସହ ଶାରୀରିକ ଶକ୍ତିର ବିକାଶକୁ ସେ ଗୁରୁତ୍ୱ ଦେଉଥିଲେ। ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦାନ୍ତ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇଥିଲେ। ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କ ଭୂମିକାକୁ ନେଇ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ମତରେ ଧର୍ମ କେବଳ ତତ୍ତ୍ୱ ନୁହେଁ ବରଂ ଜୀବନ ପ୍ରଣାଳୀ ପାଇଁ ଏକ ଦର୍ଶନ। ଏହା ମଣିଷକୁ ବର୍ବରତାରୁ ମନୁଷ୍ୟତାକୁ ନେଇଯାଇଥାଏ। ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦ କଲିକତାର ସିମିଳାପଲ୍ଲୀରେ ଏକ ରୂଢ଼ିବାଦୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ।। ତାଙ୍କ ମା' ଭୁବେନଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ। ପିଲାବେଳେ ସେ ନରେନ୍ଦ୍ର ଦତ୍ତ ନାଁରେ ପରିଚିତ ଥିଲେ। ପିଲାଟି ବେଳୁ ତାଙ୍କର ଦର୍ଶନ, ଧର୍ମ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା। ତାଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର ଥିଲା । ସେ ଗୋଟିଏ ଗୋଟିଏ ମୋଟା ବହିକୁ ଗୋଟିଏ ଦିନରେ ହିଁ ପଢ଼ି ଶେଷ କରିଦେଉଥିଲେ । ତାଙ୍କର ଧୀଶକ୍ତି ଏତେ ତୀକ୍ଷ୍ଣ ଥିଲା ଯେ, ସେ ବହିରେ ଥିବା ପ୍ରତ୍ୟେକ ପୃଷ୍ଠାର ପ୍ରତିଟି ଲାଇନ୍‌କୁ ମଧ୍ୟ ମନେ ରଖି ପାରୁଥିଲେ । ଗୁରୁ ରାମକୃଷ୍ଣ ପରମହଂସଙ୍କ ସଂସ୍ପର୍ଶରେ ଆସି ସେ ଆଧ୍ୟାତ୍ମିକ ଦିଗରେ ଅନୁପ୍ରାଣିତ ହୋଇଥିଲେ। ୧୮୯୩ ମସିହା ସେପ୍ଟେମ୍ବର ୧୧ ରେ ଆମେରିକାର ଚିକାଗୋ ସହରରେ ଆୟୋଜିତ ଧର୍ମମହାସଭାରେ ସଭାକୁ ସମ୍ବୋଧନ କରି ସେ "ପ୍ରିୟ ଆମେରିକାବାସୀ ଭାଇ ଓ ଭଉଣୀମାନେ" କହି ତାଙ୍କର ଓଜସ୍ୱିନୀ ବକ୍ତୃତାର ଆରମ୍ଭ କରିଥଲେ । ଏହି ସମ୍ବୋଧନ ଏବଂ ଭାରତୀୟ ସଂସ୍କୃତି ଉପରେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବାସହ ଭାରତୀୟ ମୂଲ୍ୟବୋଧକୁ ମଧ୍ୟ ବିଶ୍ୱ ଦରବାରରେ ପରିଚିତ କରାଇଲା । ଏହାପରେ ସେ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ ହେଲେ । ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଅଗଣିତ ଯୁବ ସମାଜର ମାର୍ଗ ପ୍ରବର୍ତ୍ତକ। ବିଶ୍ୱର ସମସ୍ତ ଅଧିବାସୀଙ୍କୁ ସେ ଏକ ପରିବାର ମନେ କରି ବିଶ୍ୱ ଭାତୃତ୍ୱର ବାର୍ତ୍ତା ପ୍ରଦାନ କରୁଥିଲେ। ଏହି ମନୀଷୀଙ୍କର ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା।

# ସୁପରହିରୋ ଭୂମିକାରେ ଜନ୍



ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍, ଅଭିଷେକ ଶର୍ମାଙ୍କ ଫିଲ୍ମ 'ମଙ୍କିମ୍ୟାନ୍'ରେ ସୁପରହିରୋ ଭୂମିକାରେ ନଜର ଆସିବେ। ଏହାପୂର୍ବରୁ ଜନ୍ 'ପରମାଣୁ'ରେ ଅଭିଷେକଙ୍କ ସହ କାମ କରିଥିଲେ। ତେବେ ପୂର୍ବରୁ ବଲିଉଡ୍‌ରେ 'ମଙ୍କିମ୍ୟାନ୍' ଭଳି ଫିଲ୍ମ ନିର୍ମାଣ ହୋଇ ନ ଥିବାରୁ ଜନ୍ ଏହାକୁ ନେଇ ବେଶ୍ ଉତ୍ସାହିତ ଥିବା କୁହାଯାଉଛି। ଏହା ଏକ ବିଗ୍ ବଜେଟ୍‌ର ଫିଲ୍ମ ହେବ । ଏହାର କାହାଣୀ 'ମଙ୍କିମ୍ୟାନ୍' ପୁସ୍ତକ ଉପରେ ଆଧାରିତ। ଏହି ବହିକୁ ମଧ୍ୟ ଅଭିଷେକ ଶର୍ମା ଲେଖିଥିଲେ। ୨୦୦୧ରେ ଦିଲ୍ଲୀରେ ମଙ୍କିମ୍ୟାନ୍ ଆତଙ୍କ ଖେଳାଉଥିଲା ବୋଲି ଗୁଜବ ଉଠିଥିଲା ତାକୁ ନେଇ ଅଭିଷେକ ଏହି ବହି ଲେଖିଥିଲେ। ମହାବୀର ଜୈନ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ୨୦୨୬ ଆରମ୍ଭରେ ଏହା ରିଲିଜ୍ ହୋଇପାରେ। ଜନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଏବେ ରୋହିତ୍ ସେଟ୍ଟିଙ୍କ ଏକ ବାୟୋପିକ୍ ଫିଲ୍ମରେ ରାକେଶ ମାରିଆ (ମୁମ୍ବାଇର ପୂର୍ବତନ ପୁଲିସ୍ କମିଶନର)ଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହା ସହ ସେ 'ଗରମ ମସଲା'ର ସିକ୍ୱେଲରେ ମଧ୍ୟ ନଜର ଆସିବେ। ଜନ୍ ଶେଷ ଥର ପାଇଁ 'ଦ ଡିପ୍ଲୋମାଟ୍' ଫିଲ୍ମରେ ନଜର ଆସିଥିଲେ।

# ୧୧ ଦିନ ଉଜାଗର ରହି ରେକର୍ଡ



୧୯୬୩ ମସିହାରେ ଆମେରିକାର ୧୭ ବର୍ଷୀୟ ର୍ୟାଣ୍ଡି ଗାର୍ଡନର ଏମିତି ଏକ କାରନାମା କରି ଦେଖାଇଥିଲେ ଯାହାକି ସେ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। ସେ ୨୬୪ ଘଣ୍ଟା ଅର୍ଥାତ୍ ୧୧ ଦିନ ନ ଶୋଇ ରେକର୍ଡ କରିଥିଲେ। ତେବେ ସେ ତାଙ୍କର ଦୁଇ ସାଙ୍ଗ ବ୍ରୁସ୍ ମ୍ୟାକଏଲେଷ୍ଟର ଏବଂ ଜୋ ମାର୍କିୟାନୋ ଜୁନିୟରଙ୍କ ସହ ମିଶି ଏହି ରେକର୍ଡ କରିବା ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଏହି ରେକର୍ଡ ହୋନୋଲୁଲୁର ଡିଜେ ଟମ୍ ରାଉଣ୍ଡସ୍‌ଙ୍କ ନାମରେ ଥିଲା। ଟମ୍ ୨୬୦ ଘଣ୍ଟା ଅନିଦ୍ରା ରହି ଏହି ରେକର୍ଡ କରିଥିଲେ। ର୍ୟାଣ୍ଡିଙ୍କ ଦୁଇ ସାଙ୍ଗ ପ୍ରୟାସ କଲେ ତାଙ୍କୁ ଲଗାତାର ଜାଗ୍ରତ ରଖିବେ ଏବଂ ପ୍ରତି ଛଅ ଘଣ୍ଟାରେ ତାଙ୍କ ମାନସିକ ସ୍ଥିତିକୁ ପରୀକ୍ଷା କରିବେ। ସେହିପରି ଦିନ ଯେମିତି ଗଡ଼ିଲା, ର୍ୟାଣ୍ଡିଙ୍କ ମାନସିକ ସ୍ଥିତି ବିଗିଡ଼ିବାରେ ଲାଗିଲା। ତିନିଦିନ ବିତିବା ପରେ ର୍ୟାଣ୍ଡିଙ୍କର ଛୋଟ ଛୋଟ କଥା ମନେ ରହିଲା ନାହିଁ। ତେବେ ଚତୁର୍ଥ ଓ ପଞ୍ଚମ ଦିନରେ ଏହା ଅତ୍ୟନ୍ତ କଷ୍ଟକର କାମ ବୋଲି ସେ ଅନୁଭବ କଲେ। ସେହିପରି ଏହି ଖବର ଗଣମାଧ୍ୟମକୁ ଆସିଯିବାରୁ ସେ ଏଥିରୁ ଓହରିଲେ ନାହିଁ। ଅନ୍ୟପକ୍ଷରେ ଏହି ଘଟଣାର ଗମ୍ଭୀରତାକୁ ଦେଖି ଷ୍ଟେନଫର୍ଡ ୟୁନିର୍ଭସିଟିର ନିଦ ବିଶେଷଜ୍ଞ ଡା. ୱିଲିୟମ୍ ଡମେଣ୍ଟ ର୍ୟାଣ୍ଡିଙ୍କ ସହ ସାମିଲ ହେଲେ। ତାଙ୍କୁ ଉଜାଗର ରଖିବା ପାଇଁ ସେ ଅନେକ ଉପାୟ ଆପଣାଇଲେ। ତାଙ୍କ ସାମ୍ନାରେ ଜୋର୍ ଶବ୍ଦରେ ରେଡିଓ ବଜାଇବା, କାର୍‌ରେ ବୁଲିବା ଏବଂ ପିନ୍‌ବଲ ଖେଳିବା ଚ୍ୟାଲେଞ୍ଜ ରଖିଲେ। ର୍ୟାଣ୍ଡି ୧୦ ଦିନ ଯାଏଁ ନ ଶୋଇ ମଧ୍ୟ ପିନ୍‌ବଲ ଖେଳି ଜିତିଯାଇଥିଲେ। ୧୧ ଦିନ ପର୍ଯ୍ୟନ୍ତ ଶୋଇ ନ ଥିବାରୁ ର୍ୟାଣ୍ଡିଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କଠାରେ ଏକାଗ୍ରତା ହ୍ରାସ ପାଇବା, ସ୍ମୃତିଶକ୍ତିରେ ସମସ୍ୟା, ଭୟ, ଭ୍ରମ ଏବଂ ପ୍ରତ୍ୟେକ ଜିନିଷରେ ଚିଡ଼ଚିଡ଼ାପଣ ସମସ୍ୟା ଦେଖାଯାଇଥିଲା। ରେକର୍ଡ ପରେ ତାଙ୍କୁ ଡାକ୍ତରୀ ଟିମ୍ ୧୫ ଘଣ୍ଟା ଶୋଇବାକୁ ଦେଇଥିଲେ। ଏହି ସମୟରେ ତାଙ୍କର ମସ୍ତିଷ୍କ, ହୃଦୟ, ରକ୍ତଚାପ ଆଦିର ମନିଟର କରାଯାଇଥିଲା। ଧୀରେ ଧୀରେ ସେ ସାଧାରଣ ନିଦ୍ରାଭ୍ୟାସକୁ ଫେରିଥିଲେ ବି ତାଙ୍କଠାରେ ଅନିଦ୍ରା ସମସ୍ୟା ଦେଖା ଦେଇଥିଲା। ଅନ୍ୟପକ୍ଷରେ ୧୯୯୭ରେ ଗିନିଜ୍ ବିଶ୍ୱ ରେକର୍ଡ ଏଭଳି ପ୍ରୟାସକୁ ସ୍ୱୀକାର କରିବା ବନ୍ଦ କରିଥିଲା। କାରଣ ଏଭଳି ପ୍ରୟାସ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ।





# ଅନିୟନ୍ତ୍ରିତ ପରିସ୍ରା

ଅନିୟନ୍ତ୍ରିତ ପରିସ୍ରା ବା ପରିସ୍ରା ଅସଂଯମ ( urine incontinence) ସମସ୍ୟା ସାଧାରଣତଃ ମହିଳାମାନଙ୍କଠାରେ ଦେଖାଦେଇଥାଏ। ବିଶେଷକରି ବୟସ୍ୟାଧିକ, ହରମୋନ୍ ଅସନ୍ତୁଳନ, ତଳିପେଟର ମାଂସପେଶୀ ଦୁର୍ବଳ ବା ଢିଲା ହୋଇଗଲେ, ପରିସ୍ରାନଳୀ ସଂକ୍ରମଣ ଏହି ରୋଗର କାରଣ। ସମଗ୍ର ଭାରତରେ ପ୍ରାୟ ୨୭.୧% ମହିଳା ୟୁଆଇ ସହିତ ଜୀବନଯାପନ କରୁଛନ୍ତି। ନିଃସନ୍ତାନ(ନଲିପାରୋସ) ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ। ସାଧାରଣ ଭାବେ ଏମାନେ ପରିସ୍ରାକୁ ନିଜ ଇଚ୍ଛା ଅନୁସାରେ ଚାପି ରଖି ପାରନ୍ତି ନାହିଁ।

କାଶିଲେ, ଛିଙ୍କଲେ, ହାଇ ମାରିଲେ, ଟିକେ ଜୋର୍ ଦଉଡ଼ି ଚାଲିଲେ କିମ୍ବା ବସି ପଡ଼ିଲେ, ଆପଣ ଛାଏଁ ପରିସ୍ରା ହୋଇଯାଏ। ଫଳରେ ମହିଳାମାନେ ଏକ ଅସ୍ୱାଭାବିକ ପରିସ୍ଥିତିର ସାମନା କରନ୍ତି। ଗ୍ରାମାଞ୍ଚଳର ମହିଳା ଏହି ସମସ୍ୟାରେ ଅଧିକ ପୀଡ଼ିତ। କର୍ମଜୀବୀ ମହିଳାମାନେ ଏଥିପାଇଁ ଅନେକ ସମୟରେ ଅପଦସ୍ତ ହୋଇଥାନ୍ତି।



ଡାକ୍ତର ଜ୍ୟୋତି ମୋହନ ତୋଷ

ଏଭଳି ବିଲକ୍ଷଣର ଶିକାର ହୋଇଥିବା ମହିଳାମାନେ ମୁହଁ ଖୋଲି ଏ କଥା କାହା ଆଗରେ କହି ପାରନ୍ତି ନାହିଁ। ଏଭଳିକି ନିଜ ପରିବାର ଲୋକଙ୍କୁ ମଧ୍ୟ ଲୁଚାଇ ଥାଆନ୍ତି। ଡାକ୍ତରଙ୍କ ପରାମର୍ଶ ନେବାକୁ ବି ସଙ୍କୋଚ ପ୍ରକାଶ କରନ୍ତି। ଏହା କେବଳ ସେମାନଙ୍କ ଶାରୀରିକ ସୁସ୍ଥତା ଉପରେ ନୁହେଁ; ସାମଗ୍ରିକ ଭାବେ ସାମାଜିକ ସୁସ୍ଥତା ଉପରେ ମଧ୍ୟ ପ୍ରଭାବ ପକାଇଥାଏ।

ଏହାକୁ ମହିଳାମାନେ ଅନାରୋଗ୍ୟ ବୋଲି ଧରି ନେଇଥାନ୍ତି। ଖୁସିର ଖବର ଏହା ଚିକିତ୍ସାଯୋଗ୍ୟ। ଓଡ଼ିଶାରେ ଡାକ୍ତରମାନେ ଏବେ ଏହି ସମସ୍ୟା ଦୂର କରିବା ପାଇଁ ଆଗେଇ ଆସିଛନ୍ତି। ଭାରତରେ ଏହାର ଚିକିତ୍ସା ପାଇଁ ଜଣଙ୍କୁ ୧୦ ରୁ ୨୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ବିଶେଷଜ୍ଞମାନେ ପ୍ରାଥମିକ ଚିକିତ୍ସା ସ୍କ୍ରିନିଂ ବଢ଼ାଇବା, ସମ୍ପ୍ରଦାୟ ମଧ୍ୟରେ ସ୍ୱାସ୍ଥ୍ୟ ଶିକ୍ଷା ବୃଦ୍ଧି କରିବା ଏବଂ ଆଶା ଓ ଏଏନ୍ଏମ୍ ମାନଙ୍କୁ ପ୍ରଶିକ୍ଷଣ ଦେଇ ଲକ୍ଷଣଗୁଡ଼ିକୁ ଶୀଘ୍ର ଚିହ୍ନଟ କରାଯାଉଛି। ବିଶିଷ୍ଟ ୟୁରୋଲୋଜିଷ୍ଟ ଡାକ୍ତର ଜ୍ୟୋତି ମୋହନ ତୋଷ କହନ୍ତି, ଏ ରୋଗ ଚିକିତ୍ସାଯୋଗ୍ୟ। ସରଳ ପେଲ୍‌ଭିକ ଫ୍ଲୋର ବ୍ୟାୟାମ, ଓଜନ ପରିଚାଳନା ତଥା ଜୀବନଶୈଳୀରେ ସକରାତ୍ମକ ପରିବର୍ତ୍ତନ କରି ଏହି ସମସ୍ୟାକୁ ଦୂର କରି ହେବ। ଏବେ ମହିଳାମାନେ ଏ ବିଷୟରେ ସଚେତନ ହୋଇ ଏହି ସମସ୍ୟା ଦୂର କରିବାକୁ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଆଗେଇ ଆସିଲେଣି। ଆଗାମୀ ଏକ ବର୍ଷ ମଧ୍ୟରେ ଏହାର ପୂର୍ଣ୍ଣ ସମାଧାନ ଦିଗରେ ମଧ୍ୟ ଡାକ୍ତରୀ ପ୍ରୟାସ ଜାରି ରହିଛି। ଓଡ଼ିଶାର ବିଶେଷଜ୍ଞ କୁହନ୍ତି, ପରିସ୍ରା ଅସଂଯମ ମହିଳାଙ୍କ ଭାଗ୍ୟ ନୁହେଁ - ଏହା ଏକ ଚିକିତ୍ସା ଯୋଗ୍ୟ ଅବସ୍ଥା।



ପରାମର୍ଶଦାତା-
ୟୁରୋଲୋଜି ଆଣ୍ଡ ରେନାଲ ଟ୍ରାନ୍ସପ୍ଲାଣ୍ଟ କେୟାର,
ଭୁବନେଶ୍ୱର

## 'ସକାଳ'ର ସ୍ୱାସ୍ଥ୍ୟ

# ସାପକାମୁଡ଼ା ଓ ଚିକିତ୍ସା




**ପ୍ରତିବର୍ଷ ଭାରତରେ ସାପ କାମୁଡ଼ାରେ ବହୁ ଜଣଙ୍କ ମୃତ୍ୟୁ ହୋଇଥାଏ। ଅନ୍ୟଋତୁ ତୁଳନାରେ ବର୍ଷାଦିନେ ସାପ କାମୁଡ଼ା ସଂଖ୍ୟା ବୃଦ୍ଧି ପାଏ। ତେବେ ପରିତାପର ବିଷୟ, ଆଜି ବି ଆମ ସମାଜରେ ସାପ କାମୁଡ଼ିଲେ ଅଧିକାଂଶ ବ୍ୟତିବ୍ୟସ୍ତ ହୋଇ ଝଡ଼ାଫୁଙ୍କା ପରି ଅନ୍ଧବିଶ୍ୱାସକୁ ଭରସା କରନ୍ତି। ଫଳରେ ଚିକିତ୍ସାରେ ବିଳମ୍ବ ଯୋଗୁଁ ଅକାଳରେ ଜୀବନ ଚାଲିଯାଇଥାଏ। ତେଣୁ ସାପ କାମୁଡ଼ିଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଲକ୍ଷଣକୁ ଜାଣି ଡାକ୍ତରଙ୍କ ପରାମର୍ଶରେ ଚିକତ୍ସା କରିବା ଆବଶ୍ୟକ।**

ସାପ କାମୁଡ଼ିବା ମାତ୍ରେ ଅଧିକାଂଶ ବ୍ୟତିବ୍ୟସ୍ତ ହୋଇ ଦୌଡ଼ା ଦୌଡ଼ି କରିଥାନ୍ତି। ହେଲେ ଏପରି କରିବା ଦ୍ୱାରା ରକ୍ତସଞ୍ଚାଳନରେ ସାପ ବିଷ ଶୀଘ୍ର ବ୍ୟାପି ଯାଇଥାଏ। ତେଣୁ ସାପ କାମୁଡ଼ିଲେ, ବ୍ୟସ୍ତ ନ ହୋଇ ସାପ କାମୁଡ଼ିଥିବା ବା ଆଘାତ ଦେଇଥିବା ସ୍ଥାନକୁ ପ୍ରଥମେ ଚିହ୍ନଟ କରନ୍ତୁ। ଏଥିରେ କୌଣସି ପ୍ରକାର ପ୍ରଲେପ ଲଗାଇବା ଅନୁଚିତ। ତୁରନ୍ତ ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେବା ଆବଶ୍ୟକ। କାରଣ କିଛିଟା ପରୀକ୍ଷା ମାଧ୍ୟମରେ ଡାକ୍ତର ବିଷଧର ସାପ କାମୁଡ଼ିଛି କି ନାହିଁ ତାହା ନିର୍ଣ୍ଣୟ କରନ୍ତି। ସାଧାରଣତଃ ଚିତି, ନାଗ ଆଦି ସାପ କାମୁଡ଼ିବା ଦ୍ୱାରା ସ୍ନାୟୁଗତ ଦୁର୍ବଳତା, ଆଖି ଦୁଇ ଦୁଇଟି ଦିଶିବା, ହାତଗୋଡ଼ ଅବସ ହୋଇଯିବା, ଛେପ ନ ଢ଼ୋକି ପାରିବା ଆଦି ଲକ୍ଷଣ ଦେଖାଯାଏ। ସେହିପରି ବୋଡ଼ାସାପ କାମୁଡିଲେ, ରକ୍ତସଞ୍ଚାଳନରେ ବ୍ୟାହାତ ହୁଏ, ବୃକ୍କ ପ୍ରଭାବିତ ହେବା, ରକ୍ତସ୍ରାବ, କାମୁଡ଼ିଥିବା ସ୍ଥାନ ଫୁଲିଯିବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ସହିତ ମାଂସପେଶୀ ଦୁର୍ବଳ, ମୁଣ୍ଡବିନ୍ଧା, ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଆଦି ଲକ୍ଷଣ ପ୍ରକାଶ ପାଇଲେ, ସାପ ବିଷର ପ୍ରଭାବ ଅଛି ବୋଲି ଜଣାଯାଏ। ତେଣୁ ଯେ କୌଣସି ସାପକାମୁଡ଼ିଲେ ବି ଉକ୍ତ ମାମଲାରେ ପୂଜାର୍ଚ୍ଚନା କରିବା, କିମ୍ବା କୌଣସି ଚେରମୂଳି ଖାଇବା ପରି ଅନ୍ଧବିଶ୍ୱାସରେ ବଶୀଭୂତ ନ ହୋଇ ବ୍ୟକ୍ତିକୁ ହସ୍‌ପିଟାଲ ନେଇ ତାଙ୍କର ବ୍ଲଡ୍ କ୍ଲଟିଂ ଟେଷ୍ଟ କରିବାକୁ ହୁଏ। ଯଦି ଉକ୍ତ ପରୀକ୍ଷାରେ ଦୁଇ ମିନିଟ୍ ମଧ୍ୟରେ ରକ୍ତ ଜମାଟ ବାନ୍ଧୁଛି, ତେବେ ଏଥିରୁ ଶରୀରରେ ବିଷ ପ୍ରତିକ୍ରିୟା ହୋଇ ନ ଥିବା ସ୍ପଷ୍ଟ ହୋଇଥାଏ। ଯଦି ରକ୍ତ ୫ରୁ ୧୦ ମିନିଟ୍ ରକ୍ତ ଜମାଟ ନ ବାନ୍ଧି ମିଳାଇ ଯାଉଥାଏ ତେବେ ରକ୍ତରେ ବିଷ ବ୍ୟାପୁଥିବା ଜଣାପଡ଼େ। ଡାକ୍ତର ସାପର ପ୍ରଜାତି ଓ କାମୁଡ଼ିଥିବା ବ୍ୟକ୍ତିର ଶାରୀରିକ ଲକ୍ଷଣକୁ ଦେଖି ବିଷକୁ ପ୍ରତିହତ କରିବାକୁ ଆଣ୍ଟି ସ୍ନେକ୍ ଭେନମ୍ (ଏସ୍‌ଭି) ଦେଇଥାନ୍ତି। ଆଣ୍ଟି ଭେନମ୍ ସାପ କାମୁଡ଼ାର ପ୍ରାଥମିକ ଚିକିତ୍ସା। ରୋଗର ତୀବ୍ରତା ଅନୁଯାୟୀ ଆଣ୍ଟିଭେନମ ଡୋଜ୍ ଦିଆଯାଏ। ଆଣ୍ଟି ଭେନମ୍‌ରେ ବିଷ ବିଷାକ୍ତ ପଦାର୍ଥକୁ ନିଷ୍କ୍ରିୟ କରିଥାଏ। ଆଣ୍ଟିଭେନମ୍ ସିରମ ବିଷାକ୍ତ ପଦାର୍ଥକୁ ବାନ୍ଧି ଶରୀରକୁ ଅଧିକ କ୍ଷତ ପହଞ୍ଚାଇବାରୁ ରୋକିବାରେ କାମ କରିଥାଏ। ଏହା ବିଷର ପ୍ରଭାବକୁ ନିଷ୍କ୍ରିୟ କରିବା, ଲକ୍ଷଣର ତୀବ୍ରତା ହ୍ରାସ କରିବା ଏବଂ ଜଟିଳତାକୁ ରୋକିବାରେ ସାହାଯ୍ୟ କରେ। ସାଧାରଣତଃ ସମସ୍ତ ସରକାରୀ ହସ୍‌ପିଟାଲରେ ମାଗଣାରେ ଆଣ୍ଟି ଭେନମ ଉପଲବ୍ଧ ରହୁଥିବାରୁ ସାପ କାମୁଡିବା ମାତ୍ରେ ଚିକିତ୍ସା କରିବା ନିହାତି ଆବଶ୍ୟକ।

# ଏନର୍ଜି ଡ୍ରିଙ୍କ
## ରକ୍ତ କର୍କଟ ଆଶଙ୍କା ବଢ଼ାଏ

ଶରୀରକୁ ଫୁର୍ତ୍ତି ଓ ସତେଜ ରଖିବାକୁ ପ୍ରାୟତଃ ଏନର୍ଜି ଡ୍ରିଙ୍କ୍ସ, ପ୍ରୋଟିନ୍ ସେକ୍ ଏବଂ ସ୍ପୋର୍ଟସ ଡ୍ରିଙ୍କସ୍ ପିଇଥାନ୍ତି। ଏନର୍ଜି ଡ୍ରିଙ୍କ୍ସ ପାଟିକୁ ସ୍ୱାଦିଷ୍ଟ ଲାଗିଲେ ମଧ୍ୟ ଏହା ଶରୀର ପାଇଁ ଆଦୌ ହିତକର ନୁହେଁ। ଏପରିକି ଏହି ଏନର୍ଜି ଡ୍ରିଙ୍କ୍ସ ପିଇବା ଦ୍ୱାରା ରକ୍ତ କର୍କଟ ହେବାର ଆଶଙ୍କା ଅଧିକ ରହିଛି ବୋଲି ଆମେରିକା ବୈଜ୍ଞାନିକ ଏକ ଅଧ୍ୟୟନରେ କହିଛନ୍ତି। କେତେକ ନିର୍ଦ୍ଦିଷ୍ଟ ଏନର୍ଜି ଡ୍ରିଙ୍କସ୍‌ରେ ପ୍ରଚୁର ମାତ୍ରାର କେଫିନ୍, କୃତ୍ରିମ ଚିନି ଏବଂ ଆମିନୋଏସିଡ ଟରିନ୍





ଥାଏ। ତେବେ ଯେଉଁମାନଙ୍କର ଆଗରୁ ଶରୀରରେ ଲ୍ୟୁକେମିଆ ଥାଏ, ସେମାନେ ଏହି ଏନର୍ଜି ଡ୍ରିଙ୍କ୍ସ ନେବା ଦ୍ୱାରା ଏଥିରେ ମିଳୁଥିବା ଟରିନ୍ ଲ୍ୟୁକେମିଆକୁ ବଢ଼ାଇ କର୍କଟ ଆଶଙ୍କାକୁ ବଢ଼ାଇଥାଏ। ଗବେଷକଙ୍କ ମୁତାବକ, ଲ୍ୟୁକେମିଆ କୋଷ ଗ୍ଲାଇକୋଲାଇସିସ୍ ନାମକ ପ୍ରକ୍ରିୟା ମାଧ୍ୟମରେ ନିଜର ବୃଦ୍ଧି ପ୍ରକ୍ରିୟାକୁ ଇନ୍ଧନ ଦେବା ପାଇଁ ଟରିନ୍‌ର ଉପଯୋଗ କରିଥାଏ। ଏହି ପ୍ରକ୍ରିୟାରେ କୋଷଗୁଡକ ଶକ୍ତି ଉତ୍ପନ୍ନ କରିବାକୁ ଗ୍ଳୁକୋଜକୁ ଭାଙ୍ଗି କର୍କଟ କୋଷିକାକୁ ବୃଦ୍ଧି କରନ୍ତି। ଟରିନ୍ ମନୁଷ୍ୟ ଶରୀରରେ ପ୍ରାକୃତିକ ଉପାୟରେ ତିଆରି ହୋଇଥାଏ। ମାଂସ ଏବଂ ମାଛରେ ମଧ୍ୟ ଟରିନ୍ ମିଳିଥାଏ। ତେବେ ନିର୍ଦ୍ଦିଷ୍ଟ ଏନର୍ଜିଡ୍ରିଙ୍କ୍ସରେ ଟରିନ୍ ମିଶାଯାଉଥିବାରୁ ଶରୀରରେ ଟରିନ୍ ଲ୍ୟୁକେମିଆକୁ କିପରି ବଢ଼ାଇବାରେ ସାହାଯ୍ୟ କରୁଛି ତାହା ଜାଣିବାକୁ ଗବେଷକମାନେ ଏକ ସ୍ୱତନ୍ତ୍ର ଜିନ୍ ଏସ୍ଏଲ୍‌ସି୬ଏ୬ ସହିତ ମୂଷା ଉପରେ ଗବେଷଣା କରିଥିଲେ। ଉକ୍ତ ମୂଷାଙ୍କୁ ମନୁଷ୍ୟ ଲ୍ୟୁକେମିଆ କୋଷ ଦିଆଯାଇଥିଲା। ଏହି ଗବେଷଣାରୁ ମୂଷାଙ୍କ ଶରୀରର ଅସ୍ଥିମଜ୍ଜାର ସୁସ୍ଥ କୋଷଗୁଡ଼ିକ ଟରିନ୍ ଉତ୍ପାଦନ କରି ଏହାକୁ ଏସ୍ଏଲ୍‌ସି୬ଏ୬ ଜିନ୍ କର୍କଟ କୋଷ ଯାଏଁ ପହଞ୍ଚାଉଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ହିଁ ରକ୍ତକର୍କଟ ହେବାର ଆଶଙ୍କା ବଢ଼ିଯାଏ। ତେଣୁ ଏନର୍ଜି ଡ୍ରିଙ୍କ୍ସର ମାତ୍ରାଧିକ ଟରିନ୍ ଲ୍ୟୁକେମିଆ ରୋଗୀଙ୍କ ପାଇଁ ଅଧିକ କ୍ଷତି ସାବ୍ୟସ୍ତ ହୋଇପାରେ ବୋଲି ଗବେଷକ କହିଛନ୍ତି। ଏନର୍ଜି ଡ୍ରିଙ୍କ୍ସ ବଦଳରେ ମିଲ୍‌ସେକ୍, ତରଭୁଜ ଜୁସ୍, ନଡ଼ିଆ ପାଣି ଆଦି ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ।

# ଗିଲ୍‌ଙ୍କ ରେକର୍ଡ ଟେଷ୍ଟ ଦ୍ୱିଶତକ



ବର୍ମିଂହାମ, ୩।୭ (ଏଜେନ୍ସି): ଅଧିନାୟକ ଶୁବମାନ ଗିଲ୍‌ଙ୍କ ଦମ୍‌ଦାର ଦ୍ୱିଶତକୀୟ ପାଳି ବଳରେ ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଭାରତ ୫୮୭ ରନର ବିଶାଳ ସ୍କୋର ଠିଆ କରାଇଛି। ଗତକାଲି ୧୧୪ ରନ କରି ଅପରାଜିତ ରହିଥିବା ଗିଲ୍ ଗୁରୁବାର ଦ୍ୱିତୀୟ ଦିବସରେ ଏହି ସ୍କୋରକୁ ଆଗେଇ ନେଇ କ୍ୟାରିୟର ଶ୍ରେଷ୍ଠ ୨୬୯ ରନର ମାରାଥନ ପାଳି ଖେଳିଥିଲେ। ୩୮୭ ବଲ୍‌ର ଏହି ପାଳିରେ ସେ ୩୦ ଚୌକା ଓ ୩ ଛକା ମାରିଥିଲେ। ଜୋଶ୍ ଟଙ୍ଗ୍‌ଙ୍କୁ ପୁଲ୍ ମାରିବାକୁ ଯାଇ ଗିଲ୍ ସର୍ଟ୍ ଫାଇନ୍ ଲେଗ୍‌ରେ ଓଲି ପୋପ୍‌ଙ୍କ ହାତରେ ଧରାପଡ଼ି ତ୍ରିଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ୮୯, ୱାଶିଂଟନ ସୁନ୍ଦର ୪୨, ଆକାଶଦୀପ୍ ୬, ମହମ୍ମଦ ସିରାଜ ୮ ଓ ପ୍ରସିଦ୍ଧ କ୍ରିଷ୍ଣା ଅପରାଜିତ ୫ ରନ କରିଥିଲେ। ଗିଲ୍ ଓ ଜାଡେଜାଙ୍କ ମଧ୍ୟରେ ୬ଷ୍ଠ ୱିକେଟ ଭାଗୀଦାରିରେ ୨୧୩ ରନ ସଂଗୃହିତ ହୋଇଥିଲା। ଯାହା ଭାରତକୁ ୫୦୦ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲା। ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ସୋଏବ ବସିର ୩ ଏବଂ କ୍ରିସ୍ ୱକ୍ସ ଓ ଟଙ୍ଗ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଶେଷ ଖବର ସୁଦ୍ଧା ୩ ଓଭରରେ ୨ ୱିକେଟ୍ ହରାଇ ୧୩ ରନ ସଂଗ୍ରହ କରିଛି।

ଏହି ଦ୍ୱିଶତକୀୟ ପାଳି ଅବସରରେ ଗିଲ୍ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୬ଷ୍ଠ ଭାରତୀୟ ଅଧିନାୟକ ଭାବେ ସେ ଟେଷ୍ଟରେ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ତାଙ୍କ ପୂର୍ବରୁ ଏମ୍‌ଏକେ ପୌଟଦୀ, ସୁନିଲ ଗାଭାସ୍କର, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ସଫଳତା ପାଇଥିଲେ। ସେମାନଙ୍କ ମଧ୍ୟରୁ ବିରାଟ ଅଧିନାୟକ ଭାବେ ସର୍ବାଧିକ ୭ଟି ଦ୍ୱିଶତକ ମାରିଛନ୍ତି। ସେହିଭଳି ଭାରତୀୟ ଅଧିନାୟକ ଭାବେ ମଧ୍ୟ ଏହା ଟେଷ୍ଟରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ପୂର୍ବରୁ ୨୦୧୯ରେ କୋହଲି ଅଧିନାୟକ ଥିବାବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୨୫୪ ରନର ପାଳି ଖେଳିଥିଲେ। ସେହିଭଳି ପଟୌଦୀ (୨୩ ବର୍ଷ ୩୯ ଦିନ)ଙ୍କ ପରେ ୨ୟ କନିଷ୍ଠ ଭାରତୀୟଅଧିନାୟକଭାବେଗିଲ୍(୨୫ବର୍ଷ ୨୯୮ ଦିନ) ଦ୍ୱିଶତକ ହାସଲ କରିଛନ୍ତି। ଅପରପକ୍ଷରେ ଗିଲ୍ ଏହି ପାଳି ଅବସରରେ ଗାଭାସ୍କରଙ୍କ ୪୬ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ବିଦେଶ ମାଟିରେ ଟେଷ୍ଟରେ ଭାରତୀୟ ବ୍ୟାଟର୍ ଭାବେ ଟେଷ୍ଟରେ ଏହା ସର୍ବୋଚ୍ଚ ସ୍କୋର ହୋଇଛି। ୧୯୭୯ରେ ଗାଭାସ୍କର ଦି ଓଭାଲରେ ଘରୋଇ ଇଂଲଣ୍ଡ ବିପକ୍ଷରେ ୨୨୧ ରନ କରିଥିଲେ।

**ଭାରତୀୟ ଭାବେ ସର୍ବୋଚ୍ଚ ଟେଷ୍ଟ ସ୍କୋର**

| ବ୍ୟାଟର୍ | ରନ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ବୀରେନ୍ଦ୍ର ସେହ୍ୱାଗ | ୩୧୯ | ଦ.ଆଫ୍ରିକା | ୨୦୦୮ |
| ବୀରେନ୍ଦ୍ର ସେହ୍ୱାଗ | ୩୦୯ | ପାକିସ୍ତାନ | ୨୦୦୪ |
| କରୁନ ନାୟାର | ୩୦୩ | ଇଂଲଣ୍ଡ | ୨୦୧୬ |
| ବୀରେନ୍ଦ୍ର ସେହ୍ୱାଗ | ୨୯୩ | ଶ୍ରୀଲଙ୍କା | ୨୦୦୯ |
| ଭିଭିଏସ୍ ଲକ୍ଷ୍ମଣ | ୨୮୧ | ଅଷ୍ଟ୍ରେଲିଆ | ୨୦୦୧ |
| ରାହୁଲ ଦ୍ରାବିଡ୍ | ୨୭୦ | ପାକିସ୍ତାନ | ୨୦୦୪ |
| ଶୁବମାନ ଗିଲ୍ | ୨୬୯ | ଇଂଲଣ୍ଡ | ୨୦୨୫ |

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ : ୫୮୭/୧୦, ୧୫୧ ଓଭର (ଜୟସ୍ୱାଲ-୮୭, ଗିଲ-୨୬୯, ଜାଡେଜା- ୮୯, ପନ୍ତ -୨୫, ସୁନ୍ଦର-୪୨, କ୍ରିସ ୱକ୍ସ-୨/୮୧, ଟଙ୍ଗ- ୨/୧୧୯, ବସିରି- ୩/୧୬୭।

ଇଂଲଣ୍ଡ ପ୍ରଥମ ଇନିଂସ : ୧୩/୨, ୩ ଓଭର

# ତୃତୀୟ ରାଉଣ୍ଡରେ ଜୋକୋଭିଚ୍

ଲଣ୍ଡନ, ୩।୭ (ଏଜେନ୍ସି): ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡ ମୁକାବିଲାରେ ୬ଷ୍ଠ ସିଡ୍ ଜୋକୋଭିଚ୍ ୬-୩, ୬-୨, ୬-୦ ସିଧାସଳଖ ସେଟ୍‌ରେ ଘରୋଇ ଖେଳାଳି ଡାନ୍ ଇଭାନ୍ସକୁ ପରାସ୍ତ କରିଥିଲେ। ଏଥିସହ ୩୮ ବର୍ଷୀୟ ଜୋକୋଭିଚ୍ କ୍ୟାରିୟରରେ ୧୯ଥର ଲାଗି ୱିମ୍ବଲଡନ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଜୋକୋଭିଚ୍ ଯଦି ଏଠାରେ ଚାମ୍ପିଅନ ହୁଅନ୍ତି ତେବେ କ୍ୟାରିୟରର ୮ମ ୱିମ୍ବଲଡନ ଟ୍ରଫି ଓ ମୋଟ୍ ଉପରେ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବେ। ଅପରପକ୍ଷରେ ମହିଳା ବିଭାଗରେ କାଜାଖସ୍ତାନର ଏଲିନା ରିବାକିନା, ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭା ପ୍ରମୁଖ ୨ୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## ୫ ରନରେ ୭ଟି ୱିକେଟ୍ ହରାଇଲା ବାଂଲାଦେଶ

କଲମ୍ବୋ, ୩।୭ (ଏଜେନ୍ସି): ଅଧିନାୟକ ଚାରିଥ ଆସ୍‌ଲାଙ୍କା(୧୦୬)ଙ୍କ ଶତକ ବଳରେ ଏଠାରେ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚକୁ ଘରୋଇ ଶ୍ରୀଲଙ୍କା ୭୭ ରନରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୪୯.୨ ଓଭରରେ ୨୪୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଭ୍ରମଣକାରୀ ବାଂଲାଦେଶ ୩୫.୫ ଓଭରରେ ୧୬୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏକଦା ୧୬.୨ ଓଭରରେ ୧୦୦ ରନରେ ଗୋଟିଏ ୱିକେଟ୍ ହରାଇ ଭଲ ସ୍ଥିତିରେ ରହିଥିବା ବାଂଲାଦେଶ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦୫ ରନରେ ୮ ୱିକେଟ୍ ହରାଇଥିଲା।

## ପୂର୍ବତନ ଫୁଟ୍‌ବଲର୍ ଶଙ୍କର ଦତ୍ତଙ୍କ ପରଲୋକ

ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାର ପ୍ରାକ୍ତନ ଫୁଟ୍‌ବଲ ଖେଳାଳି ଶଙ୍କର ଦତ୍ତ ରାୟଙ୍କ ଗୁରୁବାର ୮୪ ବର୍ଷ ବୟସରେ ପରଲୋକ ଘଟିଛି। 'ଦାଦା' ଭାବେ ପରିଚିତ ଶଙ୍କର ଓଡ଼ିଶା ପକ୍ଷରୁ ସମ୍ମାନଜନକ ସନ୍ତୋଷ ଟ୍ରଫିରେ ଏକାଧିକଥର ପ୍ରତିନିଧିତ୍ୱ କରିଛନ୍ତି।



ଅବସର ପରେ ସେ ରାଜ୍ୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ମଧ୍ୟ କିଛି ବର୍ଷ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ଦୁଇ ଝିଅ ରହିଛନ୍ତି। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ପାଦକ ଆଶୀର୍ବାଦ ବେହେରା ଶୋକ ପ୍ରକାଶ କରିଛନ୍ତି।

■ **ରାଜ୍ୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ**

## ଗଞ୍ଜାମ, ଏଣ୍ଟରଟେନର୍ କ୍ଲବ ଚାମ୍ପିଅନ

ଭୁବନେଶ୍ୱର, ୩।୭ (ସମିସ): ବ୍ରହ୍ମପୁର ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ୪ ଦିନ ଧରି ଚାଲିଥିବା ଓଡ଼ିଶା ରାଜ୍ୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ବାସ୍କେଟବଲ୍ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଗଞ୍ଜାମ ଚାମ୍ପିଅନ ହୋଇଥିବାବେଳେ କଟକର ସେଲଟିକ୍ସ କ୍ଲବ ରନର୍ସଅପ୍ ହୋଇଛି। ଫାଇନାଲରେ ଗଞ୍ଜାମ ୭୧-୬୭ ପଏଣ୍ଟରେ ବିଜୟୀ ହୋଇଥିଲା। ସେହିଭଳି କଡ଼ା ସଂଘର୍ଷପୂର୍ଣ୍ଣ ବାଳିକା ବିଭାଗ ଫାଇନାଲରେ କଟକର ଏଣ୍ଟରଟେନର କ୍ଲବ ୫୩-୫୦ ପଏଣ୍ଟରେ ପୁରୀକୁ ପରାସ୍ତ କରି ଟାଇଟଲ୍ ହାସଲ କରିଛି।



## ଜାତୀୟ ବରିଷ୍ଠ ମିନିଗଲ୍ଫରେ ଓଡ଼ିଶାକୁ ୮ ପଦକ

ଭୁବନେଶ୍ୱର, ୩।୭ (ସମିସ): ନାଗପୁରରେ ଅନୁଷ୍ଠିତ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ୍‌ରେ ଓଡ଼ିଶା ମୋଟ୍ ୮ ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ ସ୍ୱର୍ଣ୍ଣ ଏବଂ ୩ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଦଳଗତ ଭାବେ ଓଡ଼ିଶା ମହିଳା ଦଳ ରନର୍ସଅପ୍ ଓ ପୁରୁଷ ଦଳ ତୃତୀୟ ସ୍ଥାନ ହାସଲ କରିଛି। ମିକ୍ସଡ ଡବଲ୍ସରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ଯୋଡ଼ି ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିଭଳି ମହିଳା ବ୍ୟକ୍ତିଗତ ବିଭାଗରେ ଲତା ସମର୍ଥ ସ୍ୱର୍ଣ୍ଣ ଓ ଆନିକା ପଟ୍ଟନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ନକ୍‌ଆଉଟ୍ ଇଭେଣ୍ଟର ମହିଳା ଦଳଗତରେ ଅଭିପ୍ସା, ସୌମ୍ୟାଶ୍ରୀ ରଥ, ଆନିକା, ଅଦିତି ପଟେଲ, ରେଶମା ମାଝୀ ଓ ଆୟଶା ଘଟୁଆଲୋଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ଡବଲ୍ସରେ କୁମାର ଦେବଦତ୍ତ ଓ କୁମାର ଦେବଜିତ୍ ରୌପ୍ୟ ପଦକ ଜିତିଛନ୍ତି। ସ୍ପିଡ ମିନିଗଲ୍ଫ ଇଭେଟଣ୍ଟରେ ଓଡ଼ିଶା ମହିଳା ଦଳ ରୌପ୍ୟ ଏବଂ ମିକ୍ସଡରେ ଦେବଜିତ୍ ଓ ଆନିକା ଯୋଡ଼ି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସ୍ୱରୂପାନନ୍ଦ ସାହୁଙ୍କ ସମେତ ଓଡ଼ିଶା ମିନି ଗଲ୍ଫ ସଂଘର ସଭାପତି ଡ. ସତ୍ୟବ୍ରତ ମୀନକେତନ, ଉପସଭାପତି ପ୍ରସେନଜିତ ପତି, ଯୁଗ୍ମ ସଭାପତି ପ୍ରଦ୍ୟୁମ୍ନ ବେହେରା, ସ୍ମୃତିରେଖା ପଟ୍ଟନାୟକ ପ୍ରମୁଖ ଦଳକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS